Split by PDF Splitter



ତାହାର ବସ୍ତଲବାରେ ଛପ୍ପନ ପ୍ରାଗର ନାମକ ପୁଷ୍କରିଣୀ ଏଥିର ପ୍ରତକାର କାହାରିଅଛି ବର୍ତ୍ତମାନ୍ ଠାକୁରମାନଙ୍କର ପ୍ରାଣପ୍ରତିଷ୍ଠା ଓ ହୋମ ଏବଂ ବ୍ରାହ୍ମଣ ଭୋଜନର ଆୟୋଜନ ଲାଗିଅଛି ।

ଏହିବାର ଖାଜନ ମଧ୍ୟରେ ବସନ୍ତ ଠା ଅଳ୍ପ ହୋଇ ଲେ ଦେଶରେ କେତେକ ଲୋକ ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି ।

ଏଠାର ସବ୍ ଡେପୁଟି କଲେକ୍ଟର ଏକ ମାସର ଛୁଟି ନେଇ ଥିବାରୁ ତାଙ୍କ ସ୍ଥାନରେ କେନ୍ଦ୍ରାପଡ଼ାର ସବ୍ ଡେପୁଟି କଲେକ୍ଟର-ଙ୍କର ପୂର୍ବ ମୁନସୀ ମୁଣ୍ଡରିପ ଅଲିମିଅଁ ଏକ୍ଟିଂ ସବ୍ ଡେପୁଟି କଲେକ୍ଟର ନିଯୁକ୍ତ ହୋଇ ଅଛିଅଛନ୍ତି ।

ଏଠା ମୁନସଫି ଅଦାଲତରେ ଏକ ଅପୂର୍ବ ମକଦମା ଦାଏର ହୋଇ ବିଚାର ହେଉଅଛି । ଗୋପୀ ବୋଇଦେଇ ନାମ ସ୍ୱିଦେଶ୍ୱର ମହାନ୍ତି ପ୍ରତିବାଦୀ ନାମରେ ତମସୁକ ବାବଦ ଟଙ୍କା ନାଲିସ କଲା ପର ସ୍ୱିଦେଶ୍ୱର ମହାନ୍ତି ପ୍ରତି-ବାଦୀ ତାର ବାବଦ ତମସୁକର ଷ୍ଟାମ୍ପ ସେହି ନମ୍ବର ଓ ତାରିଖରେ ଖରିଦ ସେହି ନମ୍ବର ତାରିଖର ଅଉ ଏକ ତମ-ସୁକ ଅନ୍ୟ ମହାଜନ ନାମରେ ଅଦାଲତରେ ଦାଖଲ କରି ଗୋପୀ ବୋଇଦେଇ ଦାଖଲ ତମସୁକ ଅସ୍ୱୀକାର କରିବୁ ନିଯୁକ୍ତ କାରୁ ସ୍ଥାନିକାନ୍ତି ଗୋପ ଏକ୍ଟିଂ ମୁନସଫ ମହାଶୟ ଏଥିର ପ୍ରକୃତ ତାଲ ଅବଗତ ହେବା କାରଣ ଉକ୍ତ ଦୁଇ ଷ୍ଟାମ୍ପ ବିକ୍ରୟ କରିଥିବା ଉକ୍ତ ଅଦାଲତର ଜଣେ ଷ୍ଟାମ୍ପ ଭେଣ୍ଡର ଭୁବନମୋହନ ମହାପାତ୍ରଙ୍କୁ ସାକ୍ଷିରେ ତଲପ କରି-ବାରେ ସେ ଷ୍ଟାମ୍ପଦ୍ୱୟ ତାହାର ହସ୍ତାକ୍ଷର ଥିବାର ସ୍ୱୀକାର କରିଅଛି ମକଦମା ଶେଷ ନିଷ୍ପତ୍ତି ହୋଇ ନାହିଁ ଏଥିର ଫଳ ପରେ ପ୍ରକାଶ କରିବୁଁ ।

ପୁରୀ-ସମ୍ବାଦ ।

ଏ ବର୍ଷ ଦୋଳଯାତ୍ରାରେ ଗୟା, କାଶୀ, ଝାଁସି, ଭୁବନେଶ୍ୱର ପ୍ରଭୃତି ପଶ୍ଚିମଦେଶୀୟ ଯାତ୍ରୀ ଅଧିକ ଥିଲେ । କଲିକତାବାସୀ ଯାତ୍ରୀ ପ୍ରାୟ ନ ଥିଲେ । କେବଳ ବଙ୍ଗଦେଶୀୟ ମଫସଲ ଯାତ୍ରୀ ସଂଖ୍ୟା ୩୫ ହଜାରରୁ ଅଧିକ ନ ଥିଲା । ଦୋଳ-ପୂର୍ଣ୍ଣିମା ଦିନ ଯାତ୍ରୀ ସମଷ୍ଟି ସଂଖ୍ୟା ପ୍ରାୟ ୨୦।୨୫ ହଜାର ହୋଇଥିଲା ।

ଭୁଞ୍ଜିବାର ମଧ୍ୟାହ୍ନ ପ୍ରାୟ ୧ ଟିକା ସମୟରେ ଶ୍ରୀ ଗୋ-ନଗୋବିନ୍ଦ ଜୀଉ ଦୋଳବେଦୀ ଉପରେ ବିଜେ କରିଥିଲେ । ମଧ୍ୟରାତ୍ର ପର୍ଯ୍ୟନ୍ତ ଉକ୍ତ ପରେ ଶ୍ରୀମନ୍ଦିରକୁ ଫେରି ଯାଇଥିଲେ ।

ଯାତ୍ରୀମାନଙ୍କ ଦର୍ଶନ ସମୟେ ପୁଲିସ ଭଲ ଶାସ୍ତ୍ରବସ୍ଥା କରିଥିଲେ । ଏ ବର୍ଷ ଏ ଯାତ୍ରାରେ ଓଲଉଠାର ପ୍ରାଦୁର୍ଭାବ ନ ଥିଲା । ଯାତ୍ରୀମାନେ ସୁଖରେ ଦର୍ଶନ କରି ନିର୍ବିଘ୍ନେ ଘର ଯାଇଅଛନ୍ତି ।

---

**ପ୍ରେରିତପତ୍ର**

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ ମାନେ ଦାୟୀ ନୋହୁଁ

---

ମହାଶୟ !

ବୋଧହୁଏ ଆପଣଙ୍କର ସ୍ମରଣ ଥାଇପାରେ ଯେ ଗତ ଫେବୃୟାରୀ ମାସ ତା ୨୯ ରିଖର ଉତ୍କଳଦୀପିକାରେ ପ୍ରକାଶିତ ଶ୍ରୀମାନ୍ ରାଜା ବୈକୁଣ୍ଠନାଥ ଦେ ବାହାଦୁରଙ୍କର ଅଭ୍ୟର୍ଥନା ସମ୍ବନ୍ଧେ ଆମ୍ଭର ଏକଖଣ୍ଡି ପତ୍ରରେ ଅମ୍ଭେ ଓଡ଼ିୟା ଓ ନବସମ୍ବାଦ ସମ୍ପାଦକଙ୍କୁ ଦୁଇ ଏକଗୋଟି ପ୍ରଶ୍ନ ବିନୀତଭାବରେ ପଚାରିଥିଲୁଁ । ପ୍ରଶ୍ନ ଦେଖି ସମ୍ପାଦକେ କରିବ; ମୌନ ବା ସମ୍ମତିଲକ୍ଷଣ । ସେ ଯାହା ହେଉ ଅଭ୍ୟର୍ଥନାରୂପ ତାମାସା ଉତ୍ତାରୁ ଏକ ଲଡ଼େଇ ପାଲର ବିଶେଷ ପ୍ରୟୋଜନ ପଡ଼ିବାରୁ ସମ୍ପାଦକେ ଜଣେ ବେଶ ମଜବୁତ ପାଲବାଲାଙ୍କୁ ଉପସ୍ଥିତ କରାଇଅଛନ୍ତି । ବାଲେଶ୍ୱରର ଦଳାଦଳି ତର ପ୍ରସିଦ୍ଧ, ଏଣୁକରି ତାମାସା ଉତ୍ତାରୁ ପାଲଟା ନ ହେଲେ ସମସ୍ତହିଁ ଅସିଦ୍ଧ ହୁଏ । ଅମ୍ଭେ ଅଭ୍ୟର୍ଥନା ସମ୍ବନ୍ଧେ ବା-ଲେଶ୍ୱର ବାସିଙ୍କ ରୁଚି ଉପରେ ଦଦେ ଅଧେ ଯାହା କହିଥିଲୁଁ ତାହା ଶ୍ରୀ ମାର୍କଣ୍ଡ଼ୁଁସତପଥିଙ୍କର ଗତ ଫେବୃୟାରୀ ମାସ ତା ୨୫ ରିଖର ଓଡ଼ିୟା ଓ ନବସମ୍ବାଦରେ ପ୍ରକାଶିତ ପ୍ରେରିତପତ୍ରରେ ସମ୍ପୂର୍ଣ୍ଣ ପ୍ରତିଫଳିତ ହୋଇଅଛି । ନନା ହୋ ! ସହର-ବାସୀ ରାଜଭକ୍ତ ହୋଇ ଆପଣଙ୍କର ଏ ଗ୍ରାମ୍ୟ ରୁଚି କାହିଁ ? ହୃଦୟ ଦର୍ପଣରେ ସ୍ୱକୀୟ କାର୍ଯ୍ୟା-ବଳି ଥରେ ଦେଖି ନେଉନ୍ତୁ, କିରୂପ ପ୍ରତିବିମ୍ବିତ ହୋଇଅଛି ।

ନନାଙ୍କର କଥା ଯଦି ସତ୍ୟ ହୁଏ ଯେ ରାଜା ବାହାଦୁରଙ୍କର ଅଭ୍ୟର୍ଥନାରେ ସମଗ୍ର ବାଲେଶ୍ୱର ବାସୀ ଯୋଗ ଦେଇଥିଲେ ତାହା ହେଲେ ନନାଙ୍କୁ ପଚାରୁଁ ଯେ ଏ କାର୍ଯ୍ୟଟି ବା-ଲେଶ୍ୱର ବାସିଙ୍କ ପକ୍ଷେ ଶୋଭାକର ହୋଇଥିଲା କି ନା ତାହା ନନା ଏ କିରୂପ ବିଚାର କରି ପା-ରିଲେ ? ନିଜ ଦୋଷ ନିଜକୁ ସବୁବେଳେ ଦିଶଇ କି ? ରୁଚି ସମ୍ବନ୍ଧେ ନନାଙ୍କର ଏ କୂପ-ମଣ୍ଡୁକ ମତ ବାଲେଶ୍ୱର ବାସୀ ଭିନ୍ନ ଆଉ କେହି ସମର୍ଥନ କରି ପାରନ୍ତି କି ?

ରାଜା ବାହାଦୁରଙ୍କର ମହିମ୍ନସ୍ତୋତ୍ର ନନାଙ୍କ ଭଲ ହୋଇଅଛି, କିନ୍ତୁ ମାଳା ଗୁନ୍ଥିବାକୁ ଯାଇ ନନା ବଣା ହୋଇଅଛନ୍ତି । ଅଁଶ୍ଳୀଳତାହିଁ ସବୁଙ୍କା-ନର ମୂଳ । ନନାଙ୍କର ସର୍ବପ୍ରଥମ ମାଳାଲଗିଟା ହେଉ, ଭବିଷ୍ୟରେ ସେ ଆଉ କାହାକୁ ପ୍ରଦାନ କରିବେ । ସ୍ତୋତ୍ର ସମ୍ବନ୍ଧେ ଆମ୍ଭର ବିଶେଷ କିଛି କହିବାର ନାହିଁ ତେବେ ନନା ଏଥିରେ ରାଜା ବାହାଦୁରଙ୍କର ଏକାଧିକ ରୂପ ବର୍ଣ୍ଣିବାକୁ ଯାଇ ଯେଉଁ ' ସୁରତସୁନ୍ଦରଶାଖା ଲେଖନୀ ' ର ଅପୂର୍ବ ସଞ୍ଚାଳନ କରିଅଛନ୍ତି ତହିଁରେ ରାଜାବା-ହାଦୁରଙ୍କର କେଉଁ ରୂପରେ ଦର୍ଶନ ପ୍ରବେଶ, କେଉଁରୂପରେ ତହିଁ ଅବସ୍ଥିତ, କେଉଁରୂପରେ ତହୁଁ ପ୍ରତ୍ୟାଗମନ ଓ କେଉଁ ରୂପରେ ବାଲେ-ଶ୍ୱରବାସିଙ୍କଠାରୁ ଅଭ୍ୟର୍ଥନା ଗ୍ରହଣ ଅମ୍ଭେ କିଛି-ହିଁ ବୁଝି ପାରିଲୁଁ ନାହିଁ । ଅଚିନ୍ତ୍ୟ ରୂପର ଚିନ୍ତା ବା କାହୁଁ କରିପାରିବୁଁ ?

ନନାଙ୍କ କଥାରୁ ଜଣାଯାଏ ଯେ କୌଣସି ଗଣ୍ୟମାନ୍ୟ ସରକାରୀ କର୍ମଚାରୀ ଆସିଲେ ତାହାଙ୍କ ସହାଣ ସାଧାରଣତଃ ଯେଉଁରୂପ ସମାରୋହରେ ଅଭ୍ୟର୍ଥନା ହୋଇଥାଏ ରାଜା ବାହାଦୁରଙ୍କର ଅଭ୍ୟର୍ଥନା ମଧ୍ୟ ଠିକ ତଦନୁରୂପ ହୋଇଥିଲା । ଛି ! ଛି ! ! ନନା, ଆପଣଙ୍କର ଏ ଅନୁକରଣ ପ୍ରବୃତ୍ତି କିଆଁ ? କେଉଁ ବିକୃତ ରୁଚିକୁ କି ଆଉ କୌଣସିମତେ ସମର୍ଥନ କରିପାରିଲେ ନାହିଁ ?

କଟକ ସବଜଜଙ୍କ ଅଦାଲତରୁ ଅମ୍ଭେ ଯାହା ଶୁଣି ପାଇବାର କୌଣସିଠାରେ କହି ନାହୁଁ । ସତପଥିଏ ଅବା ଅଭ୍ୟର୍ଥନା ସମ୍ପାଦନରୁ କେମନ୍ତ ପାଞ୍ଚଅଣା ଗୃହପାତ୍ରୁଲ ପାଇବାର ଆଶାୟୀ ହୋଇଥିବେ । ନିଜ ନିଜ ମଧ୍ୟରେ ବୁଝ ହୋଇ ଯାଆନ୍ତୁ, କାହାର କୌଣସି ପ୍ରୟୋଜନ ନାହିଁ ।

ସମ୍ପାଦକଙ୍କର ଦାୟିତ୍ୱ ସମ୍ପାଦକେ ବୁଝନ୍ତୁ । ନନାହୋ ! ଏଥିର ଅଳଙ୍କାର ଚର୍ଚ୍ଚା ଆପଣ କିମ୍ପା କରିଅଛନ୍ତି "ସୁନ୍ଦରୀ" ଓ "ଅନାମିକା ବ୍ୟକ୍ତି" ପ୍ରଭୃତି ଶବ୍ଦଦ୍ୱାରା କବିତା ରଚନା ଓ ସାଧୁ ଭାଷାର ମଧ୍ୟ ବିଲକ୍ଷଣ ପରିଚୟ ଦେଇଅଛନ୍ତି । ଅହା ବେପାରୀ ହୋଇ ଜାହାଜ ଖବର ନାହିଁ କି ? ପାଠକେ ଏଥିରୁ ସ୍ପଷ୍ଟ ବୁଝିବେ ।

ବୃଦ୍ଧ ସମ୍ପାଦକ ମହାଶୟ, ଏଥିମଧ୍ୟରେ ଅନେକ ଲାଟଦର୍ଶନରେ ଯାଇଥିଲୁଁ ପ୍ରତ୍ୟାଗମନ ସମୟରେ "ସ୍ପେଶେଲ୍" କିମ୍ବା "ମେଲ୍" ଟ୍ରେନ୍ ନ ପାଇ-ବାରୁ ଅଗତ୍ୟା "ପେସେଞ୍ଜର" ଟ୍ରେନ୍‌ରେ ଧୀରେ ଧୀରେ ଆସିବାରୁ ଉତ୍ତରଦାନରେ ଅଯଥା ବିଳମ୍ବ ହେଲା । କ୍ଷମା କରିବା ହେବେ । ଇତି

ଆପଣଙ୍କର ଚିରନୁଗତ
ଶ୍ରୀ ତାମ୍ବୁଲବିହାରୀ ଦାସ ।

---

ଭ୍ରମସଂଶୋଧନ ।

ଗତ ... ଲକ୍ଷ୍ମୀନାରାୟଣ ... ହରିଦେବ ... [illegible]
... [illegible] ହେବ ।

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| କନର୍ଣ୍ଣମରସଲଷ୍ଟୋଲ ବଲେବାଦର ଜମ୍ମ | | [illegible] |
| ବାଷ୍ପଲନ ସୁନ୍ଦରେବ | | [illegible] |
| ସ୍ୱାମୀ । ଜ । ଦଶପାଣି | | [illegible] |
| ଠାକୁରସାହେବ କେଉଁଷ୍ଟେଟ | | [illegible] |
| ପଣ୍ଡିତ ଗୋବିନ୍ଦଦାସ | କଟକ | [illegible] |
| ମଦନମୋହନ ପାଢ଼ୀରାୟ | କଟକ | [illegible] |
| ସାଧୁଚରଣ ସାହୁ | ,, | [illegible] |
| ମୋହନପ୍ରସନ୍ନ ଦିବେଦୀୟ | | [illegible] |
| ବାବୁ ଶ୍ୟାମ ସୁନ୍ଦରଦୋଷ ଉପରେ | | [illegible] |

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଶ୍ରୀମଦ୍ଦେବୀଭାଗବତ ଶାକ୍ତ ବୈଷ୍ଣବ ଓ ଶୈବ ପ୍ରଭୃତି ଉପାସକଙ୍କର ବିଶେଷତଃ ହିନ୍ଦୁମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଆମ୍ଭେ ଅତ୍ୟନ୍ତ ଯତ୍ନ ସହକାରେ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଉଅଛୁଁ ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସମସ୍ତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ରେଜିଷ୍ଟ୍ରୀ ମଧ୍ୟ କରାଇ ନିଆ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମରାଣ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥରୁ ଏକ ଏକ ସେଟ୍ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ଟ ୦ ୫
ଡାକମାସୁଲ ଟ ୦ /

୨ୟସ୍କନ୍ଧ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରୁ ଅଥବା ଶ୍ରୀ ନାରାୟଣଭଞ୍ଜ ମହାପାତ୍ର ଯମୁନାଭରଣ ନଃ କେନ୍ଦୁଗଡ଼ ପୋଷ୍ଟ ଅଫିସ ଚନ୍ଦ୍ରଧରପୁର ଏହି ଠିକଣାକୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ ପତ୍ର ଲେଖିଲେ ଉପରଲିଖିତ ପୁସ୍ତକ ସ୍ୱଚ୍ଛନ୍ଦେ ପାଇ ପାରିବେ ।

ଠାକୁରସାହେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ସିଂହ ଦେବ । ସିଦ୍ଧଭୂମି । ହେଡ ଉଦ୍ଦେଷ୍ଟ

---

ଏଥିଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ବଡ଼ାମ୍ବା କଲାର ତଳଲିଖିତ ନୀଲାମସନ୍ନମାନ ଆଗାମୀ ସନ ୧୯୦୩।୦୪ ମସୀହା ସକାଶେ ଆମ୍ଭ କଚେରୀରେ ଚଳିତ ମାସ ତା ୨୦ ରଖ ବେଳ ଶୁକ୍ରବାର ପୂର୍ବାହ୍ନ ଘ ୧୧ ଟା ସମୟରେ ପ୍ରକାଶ୍ୟ ନିଲାମ ହେବ । ଗ୍ରହଣେଚ୍ଛୁମାନେ ଯଥା ସମୟରେ ନିରୂପିତ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ସମ୍ବନ୍ଧୀୟ ନିୟମାବଳୀ ଅବଗତ ହେବା ପରେ ନିଲାମ ଡାକ ପାରିବେ ।

୧ ନଜିଗଡ଼ ଅଫିମ ଦୋକାନ
୨ „ ଗଞ୍ଜେଇ ଦୋକାନ
୩ „ ସରାପ ଦୋକାନ
୪ ମାଣିଆବନ୍ଧ ତାଡ଼ି ଦୋକାନ
୫ ଚମଡ଼ା ପଟା
୬ ସିଦ୍ଧ ପଟ
୭ ବନ୍ୟଜାତ ଦ୍ରବ୍ୟ ହରଡ଼ା, ବାହାଡ଼ା,

ହୋଟଲ ପ୍ରଭୃତି ।
୮ ଗୋପୀନାଥପୁର କାଞ୍ଜିହାଉସ
୯ ମାଣିଆବନ୍ଧ „
୧୦ ଗୋପପୁର „

ହେଡ୍ ମାନେଜର । ଷ । ବଡ଼ାମ୍ବା
ତା ୪ ରଖ ମାହେ ମାର୍ଚ୍ଚ
ସନ ୧୯୦୩ ମସୀହା
} Madan Mohan Patanaik Manager of Baramba

---

## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

| | | |
|---|---|---|
| Oriya Alphabet and Spelling Book. For Infant Class and Standard I ... | As. | 1 |
| Oriya L. P. Science Reader | „ | 3 |
| Oriya L. P. Arithmetic ... | „ | 4 |
| Oriya U. P. Science Reader | „ | 4 |
| Oriya U. P. History Reader (Bengal) ... | „ | 3 |
| Oriya U. P. Geography Reader | „ | 3 |
| Oriya U. P. and Middle Vernacular Arithmetic ... | „ | 8 |
| Oriya U. P. Literature Book | „ | 3 |
| Oriya U. P. and M. V. Practical Geometry and Mensuration | „ | 4 |
| Oriya M. V. Science Reader | „ | 7 |
| Oriya M. V. History Reader ... | „ | 4 |
| Oriya M. V. Literature Book | „ | 6 |
| Oriental Drawing Books 1&2 | As. | 4 each |
| Do. 3 and 4 ... | As | 3 |
| Macmillan's "Official" Copy Books Nos. 1, 2, 3, 4, 6, 8, 10, 12, | | 5 pice |
| Arnold's Civil Service Copy Books Nos. 1, 2, 3, 4, 4a, 5, | | 5 pice |
| "O. M. P." Blank Drawing Books | As. 1 & As. | 1 6 |
| Dr. Sircars English Reader I. | | 4 0 |
| Do. Do. II. | | 5 0 |
| Simple English Reader (Dhar) | | 7 0 |

C.L.S. School Books as follows:—

| | | |
|---|---|---|
| Grammatical Primer | As. | 2 0 |
| Manual of English Grammar | „ | 6 0 |
| 1st Standard English Book | „ | 1 6 |
| New English First Reader | „ | 4 0 |
| Do. Second „ | „ | 6 0 |
| Do. Third „ | „ | 8 0 |
| Do. Fourth „ | „ | 10 0 |
| Do. Fifth „ | „ | 12 0 |
| Do. Sixth „ | „ | 12 0 |

*For any of these books apply to:—*
R. J. GRUNDY,
*Supt. Orissa Mission Press,*
CUTTACK.

---



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ। ଏଇତ, ଓ ଲୁଣ୍ଡ୍‌ର ଅଭିନବ ଆବିଷ୍କାର

"ଇନ୍ଦୀବର ଶୋଭନା ।

ଏହି ଦ୍ରବ୍ୟ ଭଲ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଣ୍ଡିଆ ଗୁଣ୍ଡି, ଗୁଆଗଡ଼ି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମିର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର ଲୁଣ୍ଡ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ତହିଁ ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ଦ୍ୱାରା ଦନ୍ତର ଶିଥିଳତା, ଦନ୍ତମାଡ଼ିଫୁଲା, ଦନ୍ତବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ା ବନ୍ଦ ହୁଏ, ମୁଖ ସୁଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨୫ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।, ୬ ଶିଶିରେ ଟ ୦ ।୵ ଅଣା, ଡଜନକୁ ଟ ୦ ୫ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"ଲୁଣ୍ଡ୍, ଏଣ୍ଡ କୋମ୍ପାନି" ୧୧୫ ନମ୍ବର ବାରାନସି ଘୋଷର ଷ୍ଟ୍ରିଟ, କଲିକତା

ସର୍ବପ୍ରକାର ଜ୍ୱର, ଘା, ଗର୍ମି-ବାଘି ପ୍ରଭୃତି, ଅବ୍ୟର୍ଥ ଔଷଧ ବ୍ରହ୍ମାସ୍ତ୍ର !

"ଓ୍ୟର ସରକାରି"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ମଲ୍ଲିକ୍ଲି ପରି ଆରୋଗ୍ୟ ହୋଇଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ଙ୍କା ୩ ଶିଶି ଟ ୨୫ ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତି ସ୍ଥାନ :—"ତବଲିଉ, ମେଜର୍ସ ଏଣ୍ଡ କୋମ୍ପାନି" ।, କଲିକତା ।

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଆଉ ତାହାଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜିଷ୍ଟ୍ରିକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ବଳ ମାନବମାନଙ୍କୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ଭେଜିଟେବୁଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅନୁସରଣ, ଫସ୍ଫେଟ ଓ ଡାମିୟାନା ପ୍ରଭୃତି କେତେକ ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବର୍ଦ୍ଧକ ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରକୁଲେସନ ଯନ୍ତ୍ରର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଦ୍ୟ ସଦ୍ୟ ଶୁଭଫଳ ଫଳିବ ! ଜର୍ଜରିତ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାର ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ଯେ ବିଶ୍ୱାସ "ଡ୍ୟାନଜିନ" ଏହାକୁ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାର ନିର୍ଗତ କରିଦେବାର ଚିହ୍ନ ଦେଖାଯାଏ । ଡ୍ୟାନଜିନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜିନର ଗୁଣ ସ୍ଥାୟୀ ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକନିଆ, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂସ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର କଟକଣା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଜଳ ଦେହର ଜୀବନ ।

### ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଦୁଗ୍ଧପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତନ୍ନିମିତ୍ତ ମୁଣ୍ଡଧରା, ମୁଣ୍ଡବୁଲା, ଧୁକଧୁକ ହେବା, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, କଷ୍ଟରଜ, ଋତୁକାଳର ପେଟରେ ବେଦନା ଓ ଟଣଟଣାଣି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାର ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକାଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଛଡ଼ା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ତାଳୁରେ ଘା, ବାଗି ଘା, ପଣ୍ଡୁଘା, ନାଳିଘା, କାଳିତ, ଭଗନ୍ଦର, ଦାଦୁ, ଲୁଣ୍ଡିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧। ୩ ବୋତଲ ଟ ୪ଙ୍କା, ୬ ବୋତଲ ଟ ୭॥ ଙ୍କା ଓ ୧୨ ବୋତଲ ଟ ୧୪ଙ୍କା ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦। ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ କଲିକତା

## ୨୪ ଘଣ୍ଟାରେ ଦାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଦାଦୁର ଔଷଧ ।

ଯେ କୌଣସି ପ୍ରକାର ଦାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦। ଡଜନ ଟ ୨। ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ।୵

ଡାକ୍ତର ମାର୍ଟିନଙ୍କର "ଅବ୍ୟର୍ଥ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ।୵୦ ଡଜନ ଟ ୧୦। ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ।୵

ଏଜେଣ୍ଟସ—ଆଇ, ବି, ଜି ଏଣ୍ଡ କୋଂ କଲିକତା


Digitized by srujanika@gmail.com




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବହୁବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦ୍ୟ ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ଚିକିତ୍ସା ଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୂର୍ଯ୍ୟକାନ୍ତ ଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛୁ ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତ-ଦୁଷ୍ଟି ହେଲୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ରଘୁନାଥ ଦେଓ ରେଢାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାନଜୀନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆଉରି ୩ ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡ଼ବଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା, ବମ୍ବେ ବୋମ୍ବାଇ ।

## ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀକୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଆଦ୍ୟ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ରସାୟନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସଲସା —ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ଲୋକ ଆରୋଗ୍ୟ ହେଉଅଛନ୍ତି ସେଥିପାଇଁ ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ ଦାୟିନୀ ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ନ କରୁଣୁ ରୋଗୋପଶମ ସୂଚନା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଚାଞ୍ଚଲ୍ୟ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ଦ୍ୟୁତିଗତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ସ୍ୱଦେଶୀ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ

Split by PDF Splitter
Digitized by srujanika@gmail.com

ଓ ଅସ୍ଥାୟୀଗୁଣବର୍ଜିତ ଅର୍ଥାତ୍ ରୋଗକୁ ଭାଙ୍ଗି ଦିଏ ନାହିଁ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ, ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହେଉଥିବ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଗୁଣୋପବର୍ଣ୍ଣନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧସ୍ୱାଦକ ରାଜ୍ୟରେ ଏପରି ଉଚସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଅନେକ ଔଷଧ ପ୍ରେରିତ ହେଉଅଛି ଯେଠା ଅଧିବାସୀମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତନ୍ନିମିତ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ଡାକ୍ତରଖାନାରେ ଉପଯୁକ୍ତ ରୋଗୀଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସଦୃଶ ଯେପରି ବ୍ରହ୍ମାଣ୍ଡ ଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଆଗରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଗଣ୍ଡି ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, କଣ୍ଡୁ ଅଣ, ଫୁଲ ଗରମି ଓ ପାରଦର ଘା, ନାଳ ଓ ନାଉଲ ଘା ଦେହରେ ବା ହସ୍ତ ଓ ପଦ ତଳରେ ଦାଗ ଗରମିର ଧାଡ଼ି ବା କଳାଦାଗ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ବହିର୍ଭ କଷ୍ଟଦାୟକ ଯନ୍ତ୍ରଣାଦ ପୁଣି ପାରା ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କକାର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳନ, ଲୁଗାରେ ଦାଗ ପଡ଼ିବା, ମୂତ୍ର-ନାଳରୁ ଦୁର୍ଗନ୍ଧ ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଦୁର୍ଗନ୍ଧ ପତନ, କମ୍ପା ମଳବେଗରେ ଶୁକ୍ର ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ମସ୍ତିଷ୍କ ଶକ୍ତି ହ୍ରାସ, ମୁଣ୍ଡ ବୁଲାଇବା, ଚକ୍ଷୁର ଅସ୍ଥିରତା, ନିର୍ଣ୍ଣନିଦ୍ରିତା, ତନ୍ଦ୍ରା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସାର—ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ସୁଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍ଟ୍ରୋ ସାଲସା" ଶୁକ୍ର ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀସୁଦ୍ଧା ଅକୃତାର୍ଥ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତିକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକମାନେ ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨ ୧୦ ତିନି ଶିଶି ଟ ୭୫ ୬ ଶିଶି ଟ ୧୦୫ ଡଜନ ଟ ୨୦ ୧

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍ଟ୍ରୋ ସାଲସାର ;—ଅବିଷ୍କର୍ତ୍ତା— ଡାକ୍ତର୍ ଜେମସ୍, ମେଡ଼ିକାଲ ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ୍, ଜଉସ୍ପର୍ଗ ଅମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର୍;— "ଡି.ବନାର୍ଜି,ମେଡ଼ିକାଲ ଏଣ୍ଡ କୋମ୍ପାନୀ," କଲିକତା ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. LELL
*Agent Cuttack.*

ADVERTISEMENT.

IT'S SO EASY TO NEGLECT THAT COLD !

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

ଅମୃତ ଗୋଲ୍ଡପଡ଼ତ ତୁମ୍ଭେ ଦେଖିଛ କି ?

ଏହା ଗୋଟିଏ ବିଶୁଦ୍ଧ ଇଂରାଜୀ ନେକେଲଅଳ ଧାତୁରେ ନିର୍ମିତ ଅଙ୍ଗୁଠି ଏବଂ ଏହା ଅମୃତ କପୋଲ ଆଦେଶରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପରି ବୋଧହୁଏ ଏହାର ଚୋଟିକ



ଚିରସ୍ଥାୟୀ ଅଟେ । ଅଙ୍ଗୁରିର ମୁଣ୍ଡିଆ ସ୍ଥାନରେ ଅଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋମେଦକର ଚାରି ଗାତର ଓ ମଧ୍ୟସ୍ଥଳରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଚିତ ଏହା ଦୁଇସହସ୍ର ଟଙ୍କା ମୂଲ୍ୟର ପ୍ରକୃତ ହୀରାର ଅଙ୍ଗୁରିପରି ଦେଖାଯାଏ ।

ନିର୍ଦ୍ଦିଷ୍ଟମୂଲ୍ୟ ପ୍ରତି ଗୋଟାକୁ ଟ ୧ ୧

ଟ ୬ ୧ ରେ—ଗୋ ୧୨ଟା "ଗୋଲ୍ଡପଡ଼ତ" ଅଙ୍ଗୁଠି ଏବଂ ଗୋଟିଏ ଉତ୍କୃଷ୍ଟ ନେକେଲଅଳ ଧାତୁରେ ନିର୍ମିତ ଚେନ୍ ସହିତ ରିଷ୍ଟବ୍ୟାଣ୍ଡ ରୂପାର ଓ୍ୱାଚ୍

ଟ ୭ ୧ ରେ—ଗୋ ୨ଟା, "ଗୋଲ୍ଡପଡ଼ତ" ଅଙ୍ଗୁଠି ଏବଂ ଗୋଟିଏ ଚେନ୍ ସହିତ ଅଲେକ୍ଜାଣ୍ଡର ଫ୍ଲୁଙ୍ଗ ଓ୍ୱାଚ୍ ।

Miss. K. K. Ker
No. 36 Cathedral Mission Lane
CALCUTTA.

ଉତ୍କଳ ଦୀପିକାର ଅଗ୍ରିମ ମୂଲ୍ୟ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି. ଯଥା—

ପ୍ରତିବର୍ଷର ସକାଶେ

| | |
|---|---|
| ଧାରାଗ୍ରାହୀ | ଟ ୦ ୶ |
| ଅଧିମୂଲ୍ୟ | ୧ ୨ ୧ |
| ପୂର୍ଣ୍ଣ ଏକ ବର୍ଷକୁ | ଟ ୩ ୧ |

ଯାହା କୌଣସି ମାସିକ ଲେଖେ ନମ୍ବର ହେଲେ ତାହାର ଶର୍ତ୍ତ ୧୦ ୧ ଶାଳ୍ଦ ଭିନ୍ନ ହେବ ନାହିଁ ।

ତ୍ରିମାସ ଓ ଛମାସର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଅଧିକରେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସବଲ ୧୫୫ ତଲସାହୀରେ ଉତ୍କଳ ପ୍ରେସରେ ଶ୍ରୀକୃଷ୍ଣ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭାଗ ୩୮ ଶ ।
ସଂଖ୍ୟା ୧୩ ।

CUTTACK, SATURDAY THE 28th March 1903.

ଚୈତ୍ର ୧୫ ଦିନ ସନ ୧୩୧୦ ସାଲ ଶନିବାର

ଅଗ୍ରିମ ଟ ୩୧
ପଶ୍ଚାଦେୟ ଟ ୨୧


## ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କର

## ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସୀହାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡ଼ିଶାରେ ପ୍ରାଚୀନ ବୃହତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟଣା ମନ୍ତବ୍ୟାଦ ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

| | |
|---|---|
| ବଡ଼ପଞ୍ଜିକା | ଟ ୦। |
| ଛୋଟପଞ୍ଜିକା | ଟ ୦୲୨ |

ଡାକମାସୁଲ ବଡ଼ପାଞ୍ଜି ଖ ୧ ଶ୍ରୁ ଟ ୦/ ଛୋଟପାଞ୍ଜି ଖ ୧ ଶ୍ରୁଠାରୁ ଖ ୨ ଶ୍ରୁ ପର୍ଯ୍ୟନ୍ତ ଟ ୦୲୨ । ବଡ଼ପାଞ୍ଜି ଖ ୧୦ ଶ୍ରୁ ଏବଂ ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## NOTICE.

Wanted a second master for the M. English School here. Salary Rs. 8 per month. The master will have to take charge of the Post office here. An additional salary of Rs. 5 per month. Security to be furnished under the rules of the Postal department. Preference will be given to one having some experience in postal duties. Apply sharp to the undersigned.

Barchana
24—3—03

K. C. Nanda
*Assistant manager,*
Durpan Estate.

ଶ୍ରୀମଦ୍ଦେବୀଭାଗବତ ଶାକ୍ତ ବୈଷ୍ଣବ ଓ ଶୈବ ପ୍ରଭୃତି ଉପାସକଙ୍କର ବିଶେଷତଃ ହିନ୍ଦୁମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଆମ୍ଭେ ଅତ୍ୟନ୍ତ ଯତ୍ନ ସହିତ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଉଅଛୁଁ ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସମସ୍ତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ରେଜିଷ୍ଟ୍ରୀ ମଧ୍ୟ କରାଇ ନିଆଁ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମପୁରାଣ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥରୁ ଏକ ଏକ ସେଟ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ଟ ୦ ୲
ଡାକମାସୁଲ ଟ ୦/

୨ୟସ୍କନ୍ଧ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନକୁ ଅଥବା ଶ୍ରୀ ନାରାୟଣଚନ୍ଦ୍ର ମହାନ୍ତି ଗ୍ରାମ ନିରଣ ନଂ ନୟାଗଡ଼ ପୋଷ୍ଟ ଅଫିସ ଚନ୍ଦ୍ରଧରପୁର ଏହି ଠିକଣାକୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ ପତ୍ର ଲେଖିଲେ ଉପରଲିଖିତ ପୁସ୍ତକ ସ୍ୱଚ୍ଛନ୍ଦେ ପାଇ ପାରିବେ ।

ଠାକୁରସାହେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ସିଂହ ଦେବ । ସିଂହଭୂମି । ନେଗ ଇଷ୍ଟେଟ

ଅମୋକ୍ତାରନାମା ଖାରଜ ।

ଆମ୍ଭେ ଇଂରାଜୀ ସନ ୧୮୯୭ ମସୀହା ମାର୍ଚ୍ଚ ମାସ ତା ୯ ରଖରେ ଭାଗବତ ରାମାନୁଜ ଦାସ ଚେଲେ ଜଗନ୍ନାଥ ଅଗ୍ରସ୍ୱାମୀ ମୃତ୍ୟୁ ଦାମୋଦର ରାମାନୁଜ ଦାସ ଚେଲେ ବେଙ୍କଟ ଅଗ୍ରସ୍ୱାମୀ ମୃତ୍ୟୁ । ସା । ପୁରୀ କାଳକାଦେବୀ ସାହି ନରସିଂହ କୋଟ ଅଗ୍ରସ୍ୱାମୀ ମଠ ଓ କମ୍ପାଲି ରଘୁନାଥ ଅଗ୍ରସ୍ୱାମୀ ପୁତ୍ର କମ୍ପାଲି ରାଘବ ଅଗ୍ରସ୍ୱାମୀ ମୃତ୍ୟୁ । ସା । ଦ୍ରାବିଡ଼ାଦିଶ୍ରଭ । ଜି । ଗୋଦାବରୀ ଏହି ଜ ୩ ଣଙ୍କୁ ରେଜିଷ୍ଟ୍ରୀ ସଂଯୁକ୍ତ ଅମୋକ୍ତାର ନାମାଦ୍ୱାରା ଅମୋକ୍ତାର ନିଯୁକ୍ତ କରିଥିଲୁଁ ଏମାନଙ୍କ ମଧ୍ୟରେ ଭାଗବତ ରାମାନୁଜ ଦାସଙ୍କର ମୃତ୍ୟୁ ହୋଇଅଛି ଆଉ ଦାମୋଦର ଅଗ୍ରସ୍ୱାମୀ ଆମ୍ଭର କାର୍ଯ୍ୟ ଉତ୍ତମରୂପ ନିର୍ବାହ ନ କରିବାରୁ ଅଦ୍ୟଠାରୁ ତାଙ୍କୁ ଆମ୍ଭର ଅମୋକ୍ତାର କାର୍ଯ୍ୟରୁ ଆମ୍ଭେ ଖାରଜ କଲୁଁ ଅଦ୍ୟଠାରୁ ସେ ଆମ୍ଭର କୌଣସି କାର୍ଯ୍ୟ କରି ପାରିବେ ନାହିଁ ଯେବେ କେହି ଏହାପରେ ତାଙ୍କ ସହିତ କୌଣସି କାରବାର କରନ୍ତି ତାହାର ଦାୟୀ ଆମ୍ଭେ ହେବୁ ନାହିଁ ସେ ଯେ ରସିଦ ଓ ପାଉତି ଆଦି ଦେବେ ତହିଁରେ ଆମ୍ଭେ ବାଧ ହେବୁ ନାହିଁ ଅତଏବ ଏହି ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯଦି କେହି ଏହି ଅମୋକ୍ତାର ନାମାର ଖାରଜ ପରେ ଉକ୍ତ ଦାମୋଦର ରାମାନୁଜ ଦାସଙ୍କ ସହିତ କୌଣସି କାରବାର କରିବେ ସେଥିସକାଶ ସେ ନିଜେ ଦାୟୀ ହେବେ ଆମ୍ଭେ ଦାୟୀ ହେବୁ ନାହିଁ ଅଦ୍ୟଠାରୁ କମ୍ପାଲି ରଘୁନାଥ ଅଗ୍ରସ୍ୱାମୀ ଆମ୍ଭର ଏକମାତ୍ର ସମଗ୍ରାସ୍ତ ଅମୋକ୍ତାର ରହିଲେ ।

ଶ୍ରୀ ଲକ୍ଷ୍ମୀଅମାଜୀ ବ୍ୟାବନାଚାର୍ଯ୍ୟ ବେଙ୍କଟ ରାମାନୁଜ ଅଗ୍ରସ୍ୱାମୀ


Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଅନଗୁଳ ଜିଲ୍ଲାର ଅନଗୁଳ ଓ ଖଣ୍ଡମାଳ ମହକୁମାରେ ଗୋ ୨ ଟି ଗୁରୁ ଟ୍ରେନିଂ ସ୍କୁଲ ସ୍ଥାପିତ ହେବ । ସେଥି ନିମନ୍ତେ ମାସିକ ଟ ୯ ଙ୍କା ବେତନରେ ଦୁଇଜଣ ହେଡ଼ ପଣ୍ଡିତ ଓ ମାସିକ ଟ ୬ ଙ୍କା ବେତନରେ ଦୁଇଜଣ ଦ୍ୱିତୀୟ ପଣ୍ଡିତ ଆବଶ୍ୟକ । ଯେଉଁମାନେ କଟକ ଟ୍ରେନିଂ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ନୂତନ ଧରଣରେ ଶିକ୍ଷା ଦେବାକୁ ସକ୍ଷମ ଓ ଡ୍ରିଲ ଓ ଡ୍ରଇଂ ଜାଣିଥିବେ ସେହିମାନଙ୍କୁ ଏ କାର୍ଯ୍ୟରେ ନିଯୁକ୍ତ କରାଯିବ ।

ଅନୁଗୁଳର ଡେପୋଟୀ କମିଶନରଙ୍କ ନିକଟକୁ ପ୍ରଶଂସା ପତ୍ର ସହ ଚଳିତ ମାର୍ଚ୍ଚ ମାସ ତା ୩୧ ଇଖ ପର୍ଯ୍ୟନ୍ତ ଆବେଦନ କରିବାକୁ ହେବ ।

Angul Deputy Commissioner's Office Dated the 11 March 1903 } G. M. SMITH, *Deputy Commissioner.*

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଦଶପଲ୍ଲା ଷ୍ଟେଟର ତପସିଲ ଅବକାରୀ ଦୋକାନମାନ ଓ ବନ୍ୟଜାତ ଦ୍ରବ୍ୟମାନ ସନ ୧୯୦୩।୧୯୦୪ ମସୀହାର ବର୍ଷ ନିମନ୍ତେ ଚଳିତ ମାର୍ଚ୍ଚମାସ ତା ୨୫ ଇଖ ରୋଜ ବୁଧବାର ଦିବା ଦଶଘଣ୍ଟା ସମୟେ ଏହି ସଦର କଚେରୀରେ ପ୍ରକାଶ୍ୟ ନିଲାମ ହେବ । ଯେଉଁମାନେ ନିଲାମ ଧରିବାକୁ ଇଚ୍ଛା ରଖିବେ ସେମାନେ ଉକ୍ତ ତାରିଖରେ ସଦର କଚେରୀରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

ତପସିଲ

| | |
|---|---|
| ୧ । ଅଫିମ ଦୋକାନ | ୫ । ଚମଡ଼ା ଶିଙ୍ଗଆଦି |
| ୨ । ଗଞ୍ଜେଇ ଦୋକାନ | ୬ । ହରଡ଼ା ବାହାଡ଼ା |
| ୩ । ଦେଶୀ ସରାପ | ୭ । କମଲା ଗୁଣ୍ଡି |
| ୪ । ତାଡ଼ି | ୮ । ସୁନାରୁ ଗୁନ୍ଦ |

ରାଜ ଅଫିସ । ଦ । ଦଶପଲ୍ଲା ୩—୩—୧୯୦୩ } Jagadanunda Das *for Raja of Daspalla*

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସନ ୧୯୦୩ ମସୀହା ଅପ୍ରେଲ ମାସଠାରୁ ସନ ୧୯୦୪ ମସୀହା ମାର୍ଚ୍ଚମାସ ଆଖିରସୁଦ୍ଧା ଏକ ବର୍ଷ ସକାଶେ ନୟାଗଡ଼ କିଲ୍ଲାର ଚମଡ଼ା ଲାଇସେନ୍ସ ଓ ଅବକାରୀ ଦୋକାନ ଓ ବନ୍ୟଜାତ ଦ୍ରବ୍ୟମାନ ଆଗାମୀ ମାର୍ଚ୍ଚମାସ ତା ୨୭ ଇଖ । ମୁ । ଓଡ଼ିଆ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ରୋଜ ଶୁକ୍ରବାର ଦିବା ୧୦ଘଣ୍ଟା ସମୟରେ ନିଲାମ ଡାକ ହେବ । ଯେଉଁମାନେ ନିଲାମରେ ନେବାକୁ ଇଚ୍ଛା କରିବେ ସେମାନେ ଉକ୍ତ ତାରିଖରେ ଅତ୍ର ଅଦାଲତରେ ଉପସ୍ଥିତ ହୋଇ ସର୍ବଉଚ୍ଚରେ ନିଲାମ ଡାକ ପାରିବେ । ଇତି ।

ନୟାଗଡ଼ ଗଭର୍ଣ୍ଣମେଣ୍ଟ ଏଜେନ୍ସି ଅଫିସ ତା ୨୧।୨।୧୯୦୩ } ଶ୍ରୀ ରଜନୀକାନ୍ତ ସିଂହ ମାଲଧାରୀ *for* Govt Agent

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସନ ୧୮୯୨ ମସୀହାର ୫ ରେଗୁଲେସନ ମର୍ମାନୁସାରେ କଟକ ଜିଲ୍ଲା ମହିମାବର ଶ୍ରୀଯୁତ ଡିଷ୍ଟ୍ରିକ୍ଟ ଜଜସାହେବଙ୍କଦ୍ୱାରା । ବ । ଜଗନ୍ନାଥ ଦାସ ଓ । ବ । ଅନନ୍ତଚରଣ ଦାସ ଜମିଦାରମାନଙ୍କର ଗଜପତିପୁର ଇଷ୍ଟେଟ ଇଲାକାରେ ଆମ୍ଭେ ଗତ ଜାନୁୟାରିମାସ ତା ୨୯ ଇଖରୁ କମନ ମେନେଜର ନିଯୁକ୍ତ ହୋଇଅଛୁଁ ଉକ୍ତ ଜମିଦାରମାନଙ୍କର ଜମିଦାରୀ ଉପର ମେନେଜମେଣ୍ଟ ସମ୍ବନ୍ଧେ ନିଜେ ଯେ ସମସ୍ତ କ୍ଷମତା ଥିଲା ତାହା ଆଇନ ଅନୁସାରେ ଉକ୍ତ ତାରିଖରୁ ରହିତ ହୋଇ ଆମ୍ଭ ହସ୍ତେ ନ୍ୟସ୍ତ ହୋଇଅଛି ଅତଏବ ଜଣାଇ ଦିଆଯାଉଅଛି କି ଉକ୍ତ ଜମିଦାରମାନେ କିମ୍ବା ସେମାନଙ୍କର ନିଯୁକ୍ତ କୌଣସି କର୍ମଚାରୀ ଖଜଣା ଅସୁଲ କରିବା ସକାଶ ପ୍ରଜାମାନଙ୍କଠାରୁ ଆମ୍ଭର ଲିଖିତ ଓ ମୋହରଯୁକ୍ତ ଅନୁମତିପତ୍ର ଦେଖାଇ ନ ପାରିଲେ ସେମାନଙ୍କୁ କେହି କୌଣସି ହାଲ ବକେୟା ଖଜଣାଦି ବାବଦ ଟଙ୍କା ଓ ଧାନ୍ୟାଦି ଦେବେ ନାହିଁ ଦେଲେ ତାହା ମଜୁର ହେବ ନାହିଁ ଓ ଆମ୍ଭ ବ୍ୟତୀତ ଅନ୍ୟ କେହି ଉକ୍ତ ମାଲିକମାନଙ୍କର ଷ୍ଟେଟର ଜମି ବା ମହଲଆ ବା ଅନ୍ୟ ସଂକ୍ରାନ୍ତ ବନ୍ଦୋବସ୍ତ କିମ୍ବା ଦଖଲଖାରିଜ କରି ପାରିବେ ନାହିଁ ।

27-2-03 } H. N. Ray *Common Manager.*

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଆଠଗଡ଼ କିଲ୍ଲାର ଅଫିମ, ଗଞ୍ଜା, ଦେଶୀୟ ସରାପ ଦୋକାନମାନ ଓ ହରଡ଼ା ବାହାଡ଼ା ଓଗେରେ ଜଙ୍ଗଲଜାତ ଦ୍ରବ୍ୟ ମହାଜନୀ ଓ ନଦୀର ଘାଟମାନ ଆଗାମୀ ସନ ସକାଶେ ଅତ୍ର ରାଜଅଫିସରେ ଆଗାମୀ ମାର୍ଚ୍ଚ ମାସ ତା ୨୩ ଇଖ । ମୁ । ଓଡ଼ିଆ ଚୈତ୍ର ଦ ୧୦ ନ ସୋମବାର ଘ ୧୦ ଘା ସମୟରେ ନିଲାମ ହେବ । ଯେଉଁମାନେ ଉକ୍ତ ଦୋକାନମାନ ନିଲାମରେ ଧରିବେ ସେମାନେ ଚତୁର୍ଥାଂଶ ପ୍ରଥମେ ଦାଖଲ କରିବେ ଏବଂ ତତ୍ପରେ କିସ୍ତି ଅନୁସାରେ ଯଥାସମୟରେ ଖଜଣା ଦାଖଲ କରିବେ ।

ଆଠଗଡ଼ ରାଜଧାନୀ ୨୭।୨।୦୩ } ଶ୍ରୀ ଦାମୋଦର ପଟ୍ଟନାୟକ ଦେଓ୍ୱାନ

---

# ଫଲେନ ପରିଚୀୟତେ

କବିରାଜ ଶରଚ୍ଚନ୍ଦ୍ର କର କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଯଥାର୍ଥ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼ଗୁଣବଳୀଜାରିତ ସ୍ୱର୍ଣ୍ଣଘଟିତ ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ୱିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଆଶ୍ରିତ ବାୟୁଜ୍ୱର, କାଶ, ଶ୍ୱାସ, କ୍ଷୟ; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗସବୁ ଶୀଘ୍ର ନିବାରିତ ହୁଏ । ଅତ୍ୟଧିକ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ଦୁର୍ବଳତା, ସ୍ମରଣଶକ୍ତିର ଅଳ୍ପତା, ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ଦ୍ଦି କାଶ ପକ୍ଷରେ ଅବ୍ୟର୍ଥ ମହୌଷଧି । ସାତ ମାତ୍ରାର ମୂଲ୍ୟ ଟ ୧ ।

ଭ ୧ ଇ ଟି ୪୦

## ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆତ୍ମିତ ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧। ମାତ୍ର ।

## କଲ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଘା, ପାଞ୍ଚଡ଼ାଦିଦୋଷଜନିତ ଶରୀରରେ ଫୁଲା ଓ ତଳା ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧। ମାତ୍ର ।

ଏକକେ ଉଠାଣିକି କେବଳ ଟ ୫୧ ଙ୍କା ଲାଗେ ।

ଚୌଧୁରୀ ବଜାର କଟକ } ଶ୍ରୀ ଶରତ ଚନ୍ଦ୍ର କର କବିରତ୍ନ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଗତ ତା ୧୪ ରଖରେ ଶେଷହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ମଧ୍ୟପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୨୯-୬୧୪ ଥିଲା । ତହିଁ ପୂର୍ବସପ୍ତାହର ସଂଖ୍ୟା ୩୬-୮୨୫ ଥିଲା । ସୁତରାଂ ୭,୨୧୧ ଊଣା ପଡ଼ିଅଛି ସୁଖର ବିଷୟ ଅଟେ ।

———

ଓଡ଼ିଆ ଓ ନବସମ୍ବାଦ ଲେଖିଅଛନ୍ତି କି ବାଙ୍କୀ ଖଜଣା ନିମନ୍ତେ ବାଲେଶ୍ୱର ଜିଲ୍ଲାର ଯେଉଁ ମହାଲକୁ ସରକାର ସ୍ୱୟଂ ଖରିଦ କରିଥିଲେ ତହିଁର ମାଲିକ ଟଙ୍କା ଦାଖଲ କରିବାରୁ ସରକାର ସେହି ମହାଲ ମାଲିକଙ୍କୁ ଫେରି ଦେଇଅଛନ୍ତି । ଏହା ଉତ୍ତମ ଅଟେ । ମାତ୍ର ନିଲାମବେଳେ ଅନ୍ୟ କେହି ନ ଡାକିବାର କାରଣଟା ସହଯୋଗୀ ଲେଖିଥିଲେ ମନର ସନ୍ଦେହ ଭାଙ୍ଗିଯାଇଥାନ୍ତା ।

———

ଗତ ତା ୧୪ ରଖର ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଭାରତରେ ପ୍ଲେଗ ରୋଗଦ୍ୱାରା ଉକ୍ତ ସପ୍ତାହରେ ୨୯,୯୯୭ ମୃତ୍ୟୁ ଘଟିଥିଲା । ତହିଁପୂର୍ବସପ୍ତାହର ମୃତ୍ୟୁ ସଂଖ୍ୟା ୨୯,୬୭୮ ଥିଲା । ରୋଗର ପ୍ରସ୍ତି ବଢ଼ିବା ଉପରେ ଥିଲେ ବୃଦ୍ଧିର ହାର ପୂର୍ବଠାରୁ ଊଣା ପଡ଼ିଅଛି । ଏ ସପ୍ତାହରେ ପଞ୍ଜାବ ପ୍ରଦେଶରେ ରୋଗର ପ୍ରକୋପ ସର୍ବାପେକ୍ଷା ଅଧିକ ଥିଲା ।

———

କେତେକାଳ ହେଲା ଜୟପୁରର ମହାରାଜା ଇଂରାଜଙ୍କର ରାଜଧାନୀ ଲଣ୍ଡନନଗରରେ ଗୋଟିଏ ହିନ୍ଦୁମନ୍ଦିର ନିର୍ମାଣ କରିବାର ପ୍ରସ୍ତାବ କରିଥିଲେ । ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁ ଯେ ଉକ୍ତ ପ୍ରସ୍ତାବ ଶୀଘ୍ର କାର୍ଯ୍ୟରେ ପରିଣତ ହେବ । ସ୍ଥିର ହୋଇଅଛି ଯେ ଲଣ୍ଡନନଗରରେ ଉକ୍ତ ମନ୍ଦିର ନିର୍ମାଣ ହେବ ମାତ୍ର ତହିଁରେ କୌଣସି ହିନ୍ଦୁ ଦେବ ବା ଦେବୀର ମୂର୍ତ୍ତି ରହିବ ନାହିଁ । ତାହା ହେଲେ ଉକ୍ତ ମନ୍ଦିର ଗୋଟିଏ ଧର୍ମଶାଳା ପରି ହେବ ଏବଂ ଅନ୍ତତଃ ଗୋଟିଏ ତୁଳସୀଚୌରା ନ ରହିଲେ ହିନ୍ଦୁ ନାମଟା କିପରି ସାର୍ଥକ ହେବ ବୁଝାଯାଉ ନାହିଁ ।

—※—

କଦଳୀରୁ ଆରାରୁଟ ଭଳି ଏକ ପ୍ରକାର ଗୁଣ୍ଡ ପ୍ରସ୍ତୁତ ହୁଏ ଯେ ତାହା ରୋଗୀଙ୍କପକ୍ଷେ ବଡ଼ ଉପାଦେୟ । ତାହା ଯେମନ୍ତ ଲଘୁ ତେମନ୍ତ ପୁଷ୍ଟିକର ଅଟେ ଏବଂ ଆରାରୁଟ ଅପେକ୍ଷା ଅନେକାଂଶରେ ଉତ୍କୃଷ୍ଟ । ବର୍ତ୍ତମାନ ଏହା କଲିକତା ବଜାରରେ ବିକ୍ରୀତ ହେଉଅଛି ଏବଂ ବୋମ୍ବାଇଠାରେ ଏହା ପ୍ରସ୍ତୁତହେବାର କାରଖାନା ସ୍ଥାପିତ ଅଛି । ଦକ୍ଷିଣଆମେରିକା ଏବଂ ୱେଷ୍ଟ ଇଣ୍ଡିଜ ଦ୍ୱୀପପୁଞ୍ଜରେ ଏହା ବହୁତ ପରିମାଣରେ ବ୍ୟବହୃତ ହୁଏ । ଏଦେଶରେ କଦଳୀ ବହୁତ ପରିମାଣରେ ଜାତ ହୁଏ ଏବଂ ପରୀକ୍ଷାଦ୍ୱାରା ଏହା ଏଠା ପ୍ରତି ଉପଯୋଗୀ ଥିବାର ସ୍ଥିର ହେଲେ ବହୁତରୂପେ ଏହା ପ୍ରସ୍ତୁତ ହୋଇପାରିବ ଓ ତଦ୍ୱାରା ରୋଗୀଙ୍କର ବିଶେଷ ଉପକାର ହେବ ।

———

କଲିକତାରେ ଗୋଟିଏ ନୂତନ ସର୍ଭେସ୍କୁଲ ସ୍ଥାପନର ଚେଷ୍ଟା ହେଉଅଛି । ଇଞ୍ଜିନିୟରିଂ ବିଭାଗର ବିଖ୍ୟାତ କର୍ମଚାରୀ ଶ୍ରୀଯୁକ୍ତ ଷ୍ଟିଭେନସ ସାହେବ ଏମ, ଆଇ, ଇ, ଏବଂ ବାବୁ ମଦନମୋହନ ବନ୍ଦ୍ୟୋପାଧ୍ୟାୟ ଏମ, ଆଇ, ସି, ଇ, ଏଥିର ପ୍ରଧାନ ଉଦ୍ୟୋଗୀ ଅଟନ୍ତି । ଯେଉଁମାନେ ବି, ଏଲ, ଏବଂ ଏମ, ଏ ଉପାଧି ପାଇ ଅଛନ୍ତି ସେମାନେ ଏହି ସ୍କୁଲରେ ମା ୬ ସ ଶିକ୍ଷାଲାଭ କଲେ ସର୍ଭେ ଅର୍ଥାତ ଜରିପ କାମ ଶିଖିବାର ଯୋଗ୍ୟତା ପତ୍ର ପାଇବେ ମାତ୍ର ବଣ୍ଟୁଆରା କାର୍ଯ୍ୟର ଯୋଗ୍ୟତା ନିମନ୍ତେ ଅଧିକା ମା ୬ ସ ଅଥବା ସର୍ବସୁଦ୍ଧା ଏକବର୍ଷ ଶିକ୍ଷା କରିବାକୁ ହେବ । ପ୍ରତି ଛାତ୍ରଙ୍କୁ ପ୍ରବେଶିକା ଫିସ ଟ ୪୧ ଙ୍କା ଏବଂ ମାସିକ ବେତନ ଟ ୧୦୧ ଙ୍କା ଦେବାକୁ ହେବ । ବି, ଏଲ, ଏବଂ ଏମ, ଏ, ଉପାଧିଧାରୀମାନେ ଜରିପ କାର୍ଯ୍ୟ ଶିକ୍ଷା କଲେ ଅମିନୀ ପ୍ରଭୃତି କାର୍ଯ୍ୟଦ୍ୱାରା ଅଧିକ ରୋଜଗାର କରିବାକୁ ସମର୍ଥ ହେବେ ସନ୍ଦେହ ନାହିଁ ।

—※—

ଗଡ଼ଜାତବାହିନୀରେ ପାଠ କଲୁଁ କି ତାଳଚେରରେ ଗତ ଦୋଳଯାତ୍ରା ଅନ୍ୟାନ୍ୟ ବର୍ଷାପେକ୍ଷା ଭଲ ହୋଇଥିଲା ଏବଂ ରାଜା ମହୋଦୟ ରାଜାଇମାନଙ୍କଶୂନ୍ୟ ହୃଦୟରେ ଅମଳା ପ୍ରଭୃତି ଭଦ୍ରଲୋକ ଏବଂ ଲୁହା ଓ ପଥରକୋଇଲା ଖଣି ଦେଖିବାକୁ ଆସିଥିବା କଲିକତାର ବଙ୍ଗାଳୀବାବୁମାନଙ୍କ ସହିତ ଫଗୁଖେଳ ଅତି ଆନନ୍ଦରେ ସମ୍ପାଦନ କରିଥିଲେ । ତାଳଚେରର ଲୁହା ଓ ପଥରକୋଇଲା ଖଣି କଲିକତାର କେହି କେହି ବଙ୍ଗାଳୀର ଦୃଷ୍ଟି ଆକର୍ଷଣ କରିବାର ଶୁଣି ଆମ୍ଭେମାନେ ଆନନ୍ଦିତ ହେଲୁଁ । ଆଶାକରୁଁ ସେମାନଙ୍କର ଅନୁସନ୍ଧାନର ବିବରଣ ସହଯୋଗୀ ପ୍ରକାଶ କରିବାକୁ ମନୋଯୋଗୀ ହେବେ । କିନ୍ତୁ ରାଜ୍ୟର ଖଣି, ଜଙ୍ଗଲ ଏବଂ କୃଷିଜାତ ଦ୍ରବ୍ୟର ଅନୁସନ୍ଧାନ ଏବଂ ସେ ସମସ୍ତର ବ୍ୟବସାୟ ଉନ୍ନତି ସାଧନ ପ୍ରତି ଗଡ଼ଜାତ ରାଜାମାନଙ୍କର ସର୍ବାପେକ୍ଷା ଅଧିକ ମନୋଯୋଗୀ ହେବା ବାଞ୍ଛନୀୟ; କାରଣ ଏହା ରାଜ୍ୟର ଉନ୍ନତି ଏବଂ ପ୍ରଜାବର୍ଗର ସୁଗତିର ପ୍ରଧାନ ଉପାୟ ଅଟେ ।

———

ଆମ୍ଭେମାନେ ଅତ୍ୟନ୍ତ ଦୁଃଖରସହିତ ପ୍ରକାଶ କରୁଅଛୁଁ କି କଲିକତାର ସୁବିଖ୍ୟାତ ସମ୍ଭ୍ରାନ୍ତ ବ୍ୟକ୍ତି ମହାରାଜା ସର ନରେନ୍ଦ୍ରକୃଷ୍ଣ ଦେବ ଗତ ପୂର୍ବ ଶୁକ୍ରବାର ଏ ସଂସାରରୁ ବିଦାୟ ହୋଇ ଗଲେ । ତାହାଙ୍କର ବୟସ ବ ୮୫ ବର୍ଷ ହୋଇଥିଲେ ହେଁ ସେ ନାନା ସଭାସମିତିରେ କାର୍ଯ୍ୟ ଏବଂ ନାନା ସାଧାରଣ ହିତକାର୍ଯ୍ୟରେ ଯୋଗଦାନ କରୁଥିଲେ । ସେ କଲିକତାର ପ୍ରସିଦ୍ଧ ଶୋଭାବଜାରର ପରିବାରର କର୍ତ୍ତା ଏବଂ ହିନ୍ଦୁସମାଜର ନେତା ଥିଲେ । ତାହାଙ୍କର ସ୍ୱଭାବ ଓ ବ୍ୟବହାର ଏମନ୍ତ ସୁନ୍ଦର ଥିଲା ଯେ ଇଉରୋପୀୟ ଏବଂ ଦେଶୀୟଙ୍କର ସମାନ ଆଦରର ପାତ୍ର ଥିଲେ ଏବଂ ଦୀର୍ଘକାଳ ସ୍ୱଦେଶର ହିତକାର୍ଯ୍ୟରେ ଏକାନ୍ତ ଯତ୍ନ ଓ ଶ୍ରମ କରି ସେ ଯେଉଁ ସୁନାମ ରଖିଯାଇଅଛନ୍ତି ତାହା ଅନ୍ୟ କାହାର ଭାଗ୍ୟରେ ଘଟିବା ଦୁର୍ଲଭ ଅଟେ । ସେ ଯେମନ୍ତ ଉଦାର ଓ ସାଧୁଭାବର ଲୋକ ଥିଲେ ତେମନ୍ତ ଏତେ ଦୀର୍ଘବୟସରେ ବିଶେଷ ପୀଡ଼ା ଭୋଗ ବିନା ହଠାତ ଦେହତ୍ୟାଗ କରି ପୁଣ୍ୟବାନର ପରିଚୟ ଦେଇଗଲେ । ପରମେଶ୍ୱର ଏହାଙ୍କର ଆତ୍ମାର ମଙ୍ଗଳ କରନ୍ତୁ ଏବଂ ଅସ୍ମଦେଶୀୟ ଉଚ୍ଚବଂଶୀୟମାନେ ଏହାଙ୍କର ଜୀବନର ଅନୁକରଣ କରନ୍ତୁ ଏହାର ଆମ୍ଭମାନଙ୍କର ପ୍ରାର୍ଥନା ।

———

ବିଲାତ ପାର୍ଲିଆମେଣ୍ଟ ସଭାର ଜଣେ ବିଖ୍ୟାତ ସଭ୍ୟ ଶ୍ରୀଯୁକ୍ତ ଡବ୍ଲିଉ, ଏସ, କେନ ସାହେବଙ୍କର ହଠାତ ମୃତ୍ୟୁ ଭାରତର ଗୋଟିଏ ବିଶେଷ ଦୁର୍ଭାଗ୍ୟ ବୋଲିବାକୁ ହେବ । ବର୍ତ୍ତମାନ କାଳରେ ସେ ଭାରତର ଜଣେ ପ୍ରଧାନ ବନ୍ଧୁ ଥିଲେ ଏବଂ ଭାରତର ହିତାର୍ଥେ ସେ ଉକ୍ତ ସଭାରେ ଅତ୍ୟନ୍ତ ଦକ୍ଷତା ସହିତ ଲଢୁଥିଲେ । ସେ ଭାରତ ଭ୍ରମଣ କରି ଦେଶୀୟ ଲୋକଙ୍କର ଅବସ୍ଥା ଓ ଭାବ ଭଲ ଉତ୍ତମରୂପେ ଅବଗତ ହୋଇଥିଲେ । ମାଦକ ଦ୍ରବ୍ୟ ସେବନ ନିବୃତ୍ତିରେ ସେ ବହୁକାଳରୁ ଦୃଢ଼ଭାବରେ ଦଣ୍ଡାୟମାନ ହୋଇ ସାଧୁମଣ୍ଡଳୀରେ ପ୍ରଶଂସନୀୟ ହୋଇଥିଲେ । ରାଜନୀତି ଏବଂ ସମାଜ ନୀତି ଉଭୟ ବିଷୟରେ ତାହାଙ୍କର ସମାନ ଦୃଷ୍ଟି ଥିଲା ଏବଂ ତାହାଙ୍କର ସାରବାନ ଉକ୍ତିମାନ ଜନସମାଜରେ ଅତ୍ୟନ୍ତ ଆଦର ଓ ଶ୍ରଦ୍ଧା ସହିତ ଗୃହୀତ ହେଉଥିଲା । ତାହାଙ୍କର ସ୍ୱାସ୍ଥ୍ୟ କେତେଦିନ ହେଲା ସନ୍ତୋଷଜନକ ନ ଥିବାରୁ ସେ ବାୟୁ ପରିବର୍ତ୍ତନ କାରଣ ଭ୍ରମଣ କରୁଥିଲେ । ଏଥିମଧ୍ୟରେ ପାର୍ଲିଆମେଣ୍ଟ ସଭା ବସିବାରୁ ବିଲାତକୁ ଲେଉଟି ଆସି ଭାରତର ସୈନ୍ୟ ବ୍ୟୟ ଭାର ଲାଘବ ଉଦ୍ଦେଶ୍ୟରେ ଏକ ପ୍ରସ୍ତାବ କରି ଯୁକ୍ତିପୂର୍ଣ୍ଣ

Digitized by srujanika@gmail.com

ବଲ୍ଲିତାଦ୍ୱାରା ମନ୍ତ୍ରିବର୍ଗଙ୍କୁ ଅସ୍ଥିର କରୁଥିଲେ । ଚନ୍ଦ୍ରର ଦୂର ଏକ ଦିନରେ ତାହାଙ୍କର ହଠାତ୍ ମୃତ୍ୟୁ ଘଟିବାରୁ ଅନୁମାନ ହୁଅଇ ଯେମନ୍ତ ସ୍ୱୀୟ ସନ୍ତୋଷ ଦେଶ ଅଭିଭକ୍ତ ଶ୍ରମଦ୍ୱାରା ଜୀବନ ଶେଷ କରିଅଛନ୍ତି । ଏପରି ବନ୍ଧୁର ମୃତ୍ୟୁ ସାମାନ୍ୟ ଦୁଃଖର କଥା ନୁହେ । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ବିଧାନ କରନ୍ତୁ ।

———

ଓଡ଼ିଶା ଗଡ଼ଜାତ ମହାଲର ସୁପ୍ରିଣ୍ଟ ସାହେବଙ୍କର ଅନୁରୋଧ ମତେ ପ୍ରକାଶ କରୁଅଛୁଁ ଯେ ନିମ୍ନ ଲିଖିତ ବ୍ୟକ୍ତିମାନେ ଗତ ଜାନୁଆରିମାସ ତା ୩୧ ରିଖରେ ଓଡ଼ିଶା ଗଡ଼ଜାତର ଲିକ୍ଷ-ନେଟସି ( ହିଜାବସ୍ତୁ ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା;—

| | |
|---|---|
| ନିରଞ୍ଜନ ପଣ୍ଡା | ମୟୂରଭଞ୍ଜ |
| କୃଷ୍ଣମୋହନ ପଣ୍ଡା | „ |
| ବୃନ୍ଦାବନ ପାଣିଗ୍ରାହୀ | „ |
| ଭଗୀରଥୀ ମହାପାତ୍ର | „ |
| କଣ୍ଡୁରୁ ଚରଣ ଦାସ | „ |
| ବଙ୍କିମ ବିହାରି ଘୋଷ | „ |
| ନଗେନ୍ଦ୍ର ଚନ୍ଦ୍ର ଦାସ | „ |
| ସତେନ୍ଦ୍ର ନାଥ ଚକ୍ରବର୍ତ୍ତୀ | „ |
| ସଦାଶିବ ରଥ | „ |
| ବାମଦେବ ପାଣି | ଦଶପଲ୍ଲା |
| ମାଗୁଣି ମିଶ୍ର | ଘାଲଡେର |
| ନାରାୟଣ ମିଶ୍ର | „ |
| ଜଗମୋହନ ପଟ୍ଟନାୟକ | ଆଠଗଡ଼ |
| ଲୋକନାଥ ଆଚାର୍ଯ୍ୟ | ପାଲଲହଡ଼ା |
| ଲକ୍ଷ୍ମଣ ତ୍ରିପାଠୀ | ଆଠମଲ୍ଲିକ |
| ଗୋପାଳ ଚନ୍ଦ୍ର ପାତ୍ର | କେନ୍ଦୁଝର |
| କପିଳେଶ୍ୱର ମହାନ୍ତି | „ |
| ବନମାଳୀ କୁଅଁର | „ |
| ଗଣନାଥ ପାତ୍ର | „ |
| ଆର୍ତ୍ତ ମହାପାତ୍ର | ନୟାଗଡ଼ |
| ଜଗନ୍ନାଥ ପଟ୍ଟନାୟକ | „ |
| ଗୋପାଳ ମିଶ୍ର | ବଡ଼ାମ୍ବା |
| ନବୀନକିଶୋର ମହାନ୍ତି | ଢେଙ୍କାନାଳ |
| ଚକ୍ରଧର ମହାନ୍ତି | „ |
| ଦୁର୍ଲଭ ଉମ୍ପରାୟ | ହିନ୍ଦୋଳ |
| ବାସୁଦେବ ବେହେରା | ନରସିଂହପୁର |

———

ଏକ ପକ୍ଷ ଦେଶୀୟ ଏବଂ ଅପର ପକ୍ଷ ଇଉରୋପୀୟ ଏପରି ଯେତେ ଫଉଜଦାରୀ ମୋକଦମାର ବିଗ୍ରହ ହୁଅଇ ପ୍ରାୟ ପ୍ରତ୍ୟେକରେ ଏକ ପ୍ରକାର ରହସ୍ୟଜନକ ବ୍ୟାପାର ଦେଖାଯାଏ । ଡାଏମଣ୍ଡହାରବରଠାରେ ଏକ ଘରପୋଡ଼ ଅଭିଯୋଗରେ ନ ୩ ଣ ଗୋରା ହିପାହି ଗୃହୀତ ହୋଇଥିଲେ । ମୋକଦମାର ସଂକ୍ଷେପ ବିବରଣ ଏହି କି ଉକ୍ତ ନ ୩ ଣ ଗୋରା ଏକଦିନ ରାତ୍ର-କାଳରେ ବେଶ୍ୟା ଅନୁସନ୍ଧାନରେ ବାହାରିଥିଲେ ଏବଂ ତାହାରକ ନ ପାଇବାରୁ ଏକ ଜଣ ଗୋରା ଏକ ସ୍ତ୍ରୀର ଘରେ ନିଆଁ ଲଗାଇଦେଲା ଏବଂ ଅନ୍ୟ ଦୁଇଜଣ ତାହାର ସହାୟତା କଲେ । ଇଉରୋପୀୟ ଜୁରୀଙ୍କ ସାହାଯ୍ୟରେ ଫଉଜଦାରୀ ବିଗ୍ରହ ହେଲା । ଜୁରିମାନେ ଏକମତରେ ସାବ୍ୟସ୍ତ କଲେ କି ଉକ୍ତ ନ ୩ ଣ ଆସାମୀ ମଧ୍ୟରୁ ଏକଜଣ ଘର ପୋଡ଼ିଦେଇଅଛୁ । ମାତ୍ର ସେମାନଙ୍କ ମଧ୍ୟରୁ କେଉଁ ବ୍ୟକ୍ତି ନିଆଁ ଲଗାଇଲା ଏବଂ ଅନ୍ୟ କେଉଁ ନ ୨ ଣ ତାହାର ସହାୟତା କଲେ ତାହା ଠିକ ପ୍ରମାଣ ନ ହେବାରୁ ସେମାନେ ଆସାମିମାନଙ୍କୁ ନିର୍ଦ୍ଦୋଷୀ ବୋଲି ପ୍ରକାଶ କଲେ ଏବଂ ତଦନୁସାରେ ବିଗ୍ରହପତି ସମସ୍ତଙ୍କୁ ଖଲାସ ଦେଲେ । ଯେ ସ୍ଥଳେ ସେହି ନ ୩ ଣ ଆସାମି ମଧ୍ୟରୁ ଏକଜଣ ନିଆଁ ଲଗାଇବାର ଜୁରି ଏକମତରେ ସାବ୍ୟସ୍ତ କଲେ ସେ ସ୍ଥଳେ ସେମାନେ ସମସ୍ତେ ନିର୍ଦ୍ଦୋଷୀ ଥିବାର କପରି ପ୍ରମାଣ କଲେ ଏ କଥା ଜୁରିମାନଙ୍କୁ କେହି ପଚାରି ନାହାନ୍ତି କମ୍ପା ଜୁରିମାନେ ବୁଝାଇ ଦେଇ ନାହାନ୍ତି । ଏହା ଚମତ୍କାର ରହସ୍ୟ ନୁହେ କି ? କୌଣସି ଗ୍ରାମରେ ନ ୨୪ ଣ ବଦମାସ ଅପରାଧ କରି ଧରା ନ ପଡ଼ିଲେ ସେ ଗ୍ରାମରେ ବିଶେଷ ପୁଲିସ ରଖାଯାଏ ଏବଂ ଗ୍ରାମବାସୀ ସମସ୍ତଙ୍କଠାରୁ ସେମାନଙ୍କର ବେତନ ଆଦାୟଦ୍ୱାରା ସରକାର ଦଣ୍ଡ ଦିଅନ୍ତି । ମାତ୍ର ଇଉରୋପୀୟଙ୍କ ବେଳେ ନ ୩ ଣ ଅପରାଧି ମଧ୍ୟରୁ ପ୍ରଧାନ ଅପରାଧୀ ଧରା ନ ପଡ଼ିଲେ ସମସ୍ତଙ୍କୁ ଛାଡ଼ ଦିଆଯାଏ । ଅପରାଧ କରିବା ଏବଂ ତହିଁର ସହାୟତା କରିବା ସମାନ କଥା ନୁହେ କି ? ଏପ୍ରକାର ଘଟଣା ଦେଖି କିଏ ନ କହିବ ଯେ ଦେଶୀୟ ଓ ଇଉରୋପୀୟଙ୍କ ମଧ୍ୟରେ ମାମଲା ହେଲେ ସୁବିଚାର ପାଇବା ବଡ଼ କଠିନ ।

———

ମିଉନିସିପାଲ କମିଶନରଙ୍କ ନିର୍ବାଚନ ।

ଏ ନଗରର ମିଉନିସିପାଲ କମିଶନରଙ୍କର ନିର୍ବାଚନ ଗତ ଶୁକ୍ରବାର ହୋଇଥିଲା । ଅନ୍ୟାନ୍ୟ ବର୍ଷଠାରୁ ପଦପ୍ରାର୍ଥୀମାନଙ୍କ ମଧ୍ୟରେ ବିଶେଷ ପ୍ରତିଯୋଗିତା ଦେଖାଗଲା । ପ୍ରାର୍ଥୀମାନେ ସ୍ୱୟଂ ଓ ନିଜର ଲୋକଦ୍ୱାରା ମତ ସଂଗ୍ରହ କରିବାକୁ କେତେକ ଦିନରୁ ଯତ୍ନ କରୁଥିଲେ ଏବଂ କେହି କେହି ମିଷ୍ଟାନ୍ନ ଲୋଭନ ମିଷ୍ଟବାକ୍ୟ କେତେକ ପ୍ରକାର ଉପାୟଦ୍ୱାରା ମତଦାତାମାନଙ୍କୁ ତୁଷ୍ଟ କରିବାରେ ତ୍ରୁଟି କରି ନ ଥିଲେ । ନିର୍ବାଚନ ସମୟରେ ନ ୩ ଓ ୭ ନମ୍ବର ୱାର୍ଡରେ କାର୍ଯ୍ୟ ଓ ପ୍ରତିଯୋଗିତା ହୋଇ ନ ଥିଲା । ଅନ୍ୟ ୱାର୍ଡମାନଙ୍କରେ ଘୋର ପ୍ରତିବାଦ ହୋଇଥିଲା । ସେ ସବୁ ୱାର୍ଡରେ ଯେଉଁ ପ୍ରାର୍ଥୀ ଯେତେ ମତ ପାଇବାକୁ ସକ୍ଷମ ହୋଇଥିଲେ, ମୋଟ ମତଦାତାଙ୍କ ସଂଖ୍ୟା ସହିତ ନିମ୍ନେ ପ୍ରକାଶିତ ହେଲା । ଯଥା;—

| | |
|---|---|
| ନ ୧ ମ୍ବର ୱାର୍ଡର ମୋଟ ସଂଖ୍ୟା ୩୦୩ | |
| ଚୌଧୁରୀ ଚନ୍ଦ୍ରମଣି ମହାପାତ୍ର | ୧୪୫ |
| ବାବୁ ବ୍ରଜାନନ୍ଦ ଦାସ | ୪୪ |
| ନ ୨ ମ୍ବର ୱାର୍ଡର ମୋଟସଂଖ୍ୟା ୪୧୫ | |
| ବାବୁ ବନମାଳୀ ଚୌଧୁରୀ | ୧୬୮ |
| „ କୃଷ୍ଣଚନ୍ଦ୍ର ପାଲିତ | ୧୬୨ |
| „ ବିଶ୍ୱନାଥ ସିଦ୍ଧ | ୧୦୮ |
| ନ ୪ ମ୍ବର ୱାର୍ଡର ମୋଟସଂଖ୍ୟା ୨୪୭ | |
| ବାବୁ ଜାନକୀନାଥ ବୋଷ | ୧୧୫ |
| „ ନୀଳମଣି ଚନ୍ଦ୍ର ଦେ | ୧୦୯ |
| ନ ୫ ମ୍ବର ୱାର୍ଡର ମୋଟସଂଖ୍ୟା ୨୬୬ | |
| ବାବୁ ଜନ୍ ସାମସେନ ସରୁପ | ୧୨ |
| „ ସଦାନନ୍ଦ ଦାସ | ୧୬ |
| ନ ୬ ମ୍ବର ୱାର୍ଡର ମୋଟସଂଖ୍ୟା ୩୦୦ | |
| ବାବୁ ଅକ୍ଷୟକୁମାର ଘୋଷ ଡାକ୍ତର | ୧୨୭ |
| „ ଅକ୍ଷୟକୁମାର ଘୋଷ ପ୍ଲିଡର | ୯୦ |
| „ ନିମାଇଚରଣ ସିଂହ | ୭୧ |
| „ ସୁଧାକାନ୍ତ ଘୋଷ | ୮ |
| ନ ୮ ମ୍ବର ୱାର୍ଡର ମୋଟସଂଖ୍ୟା ୩୬୬ | |
| ବାବୁ ମଧୁସୂଦନ ମହାପାତ୍ର | ୯୪ |
| ମୁନସି ଏକରାମ ରସୁଲ | ୯୬ |
| ହାଫି ନାଜର ମହମ୍ମଦ | ୯୫ |
| ନ ୯ ମ୍ବର ୱାର୍ଡର ମୋଟସଂଖ୍ୟା ୨୬୨ | |
| ମୁନସି ନୂରଲ ହକ | ୫୦ |
| ବାବୁ ସଦାନନ୍ଦ ବେହୁରା | ୩୦ |

ଅତଏବ ନ ୧ ମ୍ବରରେ ଚୌଧୁରୀ ଚନ୍ଦ୍ରମଣି ମହାପାତ୍ର ।

ନ ୨ ମ୍ବରରେ ବାବୁ ବନମାଳୀ ଚୌଧୁରୀ ଓ ବାବୁ କୃଷ୍ଣଚନ୍ଦ୍ର ପାଲିତ ।

ନ ୩ ମ୍ବରରେ ବାବୁ ରାମଶଙ୍କର ରାୟ ।

ନ ୪ ମ୍ବରରେ ବାବୁ ଜାନକୀ ନାଥ ବୋଷ ।

ନ ୫ ମ୍ବରରେ ବାବୁ ଜନ୍ ସାମସେନ ସରୁପ ।

ନ ୬ ମ୍ବରରେ ବାବୁ ଅକ୍ଷୟକୁମାର ଘୋଷ ଡାକ୍ତର, ବାବୁ ଅକ୍ଷୟକୁମାର ଘୋଷ ପ୍ଲିଡର ।

ନ ୭ ମ୍ବରରେ ବାବୁ ଯୁଧିଷ୍ଠିର ମହାନ୍ତି ।

ନ ୮ ମ୍ବରରେ ବାବୁ ମଧୁସୂଦନ ମହାପାତ୍ର ଓ ମୁନସି ଏକରାମ ରସୁଲ ନ ୯ ମ୍ବରରେ ମୁନସି ନୂରଲ ହକ୍ ନିର୍ବାଚିତ ହେଲେ ।

———

Split by PDF Splitter
Digitized by srujanika@gmail.com

Split by PDF Splitter



ଭାରତର ବଜେଟ ହିସାବ ।

ସନ ୧୯୦୧—୦୨ ସାଲର ହିସାବ ଠିକ ହୋଇଅଛି ଏବଂ ସେ ବର୍ଷରେ ଆୟରୁ ବ୍ୟୟ ବାଦ ହୋଇ ୭କୋଟି ୪୨ ଲକ୍ଷ ଟଙ୍କା ଉଦ୍ବର୍ତ୍ତ ହୋଇଅଛି । ଅର୍ଥାତ୍ ଗତବର୍ଷ ଯେତେ ଉଦ୍ବର୍ତ୍ତ ହେବାର ଅନୁମାନ ହୋଇଥିଲା ତହିଁରୁ ୪୨ ଲକ୍ଷ ଟଙ୍କା ବଢିଅଛି ।

ସନ ୧୯୦୨।୦୩ ସାଲର ଆନୁମାନିକ ହିସାବ ଗତ ବର୍ଷ ପ୍ରସ୍ତୁତ ହେବା ବେଳେ ଆୟରୁ ବ୍ୟୟ ଯାଇ ଯେତେ ଟଙ୍କା ଉଦ୍ବର୍ତ୍ତ ହେବାର ଜଣାଯାଇଥିଲା ବର୍ତ୍ତମାନର ସଂଶୋଧିତ ହିସାବରେ ତହିଁରୁ ଅଧିକା ୨କୋଟି ୮୫ ଲକ୍ଷ ଅର୍ଥାତ୍ ମୋଟରେ ୩କୋଟି ୮୦ ଲକ୍ଷ ଟଙ୍କା ଉଦ୍ବର୍ତ୍ତ ହୋଇଅଛି । ପ୍ରାୟ ସମସ୍ତ ପ୍ରକାର ରାଜସ୍ୱ ବିଶେଷତଃ କଷ୍ଟମ୍ସ ଆୟ ଓ ରେଲୱେର ଆୟମାନ ବୃଦ୍ଧି ହେବା ଏବଂ ସୈନିକ ଓ ଦୁର୍ଭିକ୍ଷ ସାହାଯ୍ୟ ବ୍ୟୟମାନ ଊଣା ପଡିବା ଏବଂ ଶିକ୍ଷା, ଚିକିତ୍ସା, ପୁଲିସ ଇତ୍ୟାଦି ବ୍ୟୟ ସକାଶେ ଯେତେ ଟଙ୍କା ବିଶେଷ ସାହାଯ୍ୟ ଦିଆ ଯାଇଥିଲା ତାହା ସମସ୍ତ ଖରଚ ହୋଇ ନ ପାରିବାରୁ ଉଦ୍ବର୍ତ୍ତ ଟଙ୍କାର ପରିମାଣ ବଢିଅଛି ।

ସନ ୧୯୦୩—୦୪ ସାଲର ଯାହାକି ଆସନ୍ତା ଅପ୍ରେଲ ମାସ ତା ୧ ରିଖରୁ ଆରମ୍ଭ ହେବ ସେହି ସାଲର ଆନୁମାନିକ ଆୟ ୧୧୪ କୋଟି ୪୩ ଲକ୍ଷ ଟଙ୍କା ଓ ବ୍ୟୟ ୧୧୩ କୋଟି ୧୧ ଲକ୍ଷ ଟଙ୍କା ଧରା ଯାଇଅଛି । ଏ ମତେ ବର୍ଷ ଶେଷରେ ୨କୋଟି ୪୨ ଲକ୍ଷ ଟଙ୍କା ଉଦ୍ବର୍ତ୍ତ ରହିବ । ଯେବେ ଲବଣକର ଏବଂ ଇନକମଟିକ୍ସରୁ କିଛି ଛାଡ଼ ଦିଆଯାଇ ନ ଥାନ୍ତା ତେବେ ୬କୋଟି ୩୮ ଲକ୍ଷ ଟଙ୍କା ବଳି ପଡି ଥାନ୍ତା । ଲବଣକର ବ୍ରହ୍ମାରେ ପୂର୍ବପରି ମହଣ ପ୍ରତି ଏକଟଙ୍କା ରହିଲା ମାତ୍ର ଭାରତର ଅନ୍ୟ ସମସ୍ତ ପ୍ରଦେଶରେ ମହଣ ପ୍ରତି ଟ ୨୲ ସ୍ଥଳେ ଟ ୨ ଟଙ୍କା ଧାର୍ଯ୍ୟ ହେଲା ଅର୍ଥାତ୍ ମହଣ ପ୍ରତି ଆଠଅଣା ଛାଡ଼ ଦିଆ ଗଲା । ଏଥିରେ ଲବଣ ରାଜସ୍ୱ ୧କୋଟି ୭୩ ଲକ୍ଷ ଊଣା ପଡିବ । ଇନକମଟିକ୍ସର ନିମ୍ନ ଆୟ ଟ ୫୦୦୲ ଙ୍କାରୁ ଟ ୧୦୦୦୲ ଙ୍କାକୁ ଉଠାଇ ଦେବା ଅର୍ଥାତ୍ ଯେଉଁମାନଙ୍କର ଆୟ ବାର୍ଷିକ ଟ ୧୦୦୦୲ ଙ୍କାରୁ ଊଣା ସେମାନଙ୍କୁ ଆସନ୍ତା ଅପ୍ରେଲ ମାସ ଆରମ୍ଭରୁ ଇନକମଟିକ୍ସ ଦାୟରୁ ମୁକ୍ତି ଦେବାରେ ୩୬ ଲକ୍ଷ ଟଙ୍କା ରାଜସ୍ୱ ଊଣା ହେବ । ଅତଏବ ଏହି ଦୁଇ ବାବତରେ ସରକାର ୨କୋଟିରୁ କିଛି ଅଧିକ ଟଙ୍କା ଛାଡ଼ି ଦେଇଅଛନ୍ତି । ଏ ପରି ଶିକ୍ଷା ଚିକିତ୍ସା ପ୍ରଭୃତି ସକାଶେ ଗତବର୍ଷ ଯେପରି ବିଶେଷ ସାହାଯ୍ୟ ଦେବାର ବ୍ୟବସ୍ଥା ହୋଇଥିଲା ଏ ବର୍ଷ ମଧ୍ୟ ସେପରି ହୋଇଅଛି । ଏ ବର୍ଷର ଶୁଭ ଲକ୍ଷଣ ଏହି କି ପ୍ରାୟ ସକଳ ପ୍ରକାର ରାଜସ୍ୱ ବୃଦ୍ଧି ହେବାର ଆଶା ଅଛି ଏବଂ ତହିଁ ମଧ୍ୟରେ ଭୂମି ରାଜସ୍ୱ ଏବଂ ଅବକାରୀ ପ୍ରଧାନ । ଦୁର୍ଭିକ୍ଷ ସାହାଯ୍ୟ ଏକମାତ୍ର ମଧ୍ୟପ୍ରଦେଶ ଏବଂ ସାମାନ୍ୟରେ ପଞ୍ଜାବରେ ଏ ବର୍ଷ ଦେବାର ଆବଶ୍ୟକ ହେବ ସୁତରାଂ ସେ ବ୍ୟୟ ଊଣା ପଡିବ । ମାତ୍ର ଅନ୍ୟାନ୍ୟ ଅଧିକାଂଶ ବ୍ୟୟ ବଢିବାର ଜଣା ଯାଇଅଛି । ବିଶେଷତଃ ସୈନିକ ବିଭାଗର ଉନ୍ନତି ସାଧନରେ ଅନେକ ଟଙ୍କା ବ୍ୟୟ ହେବ । ତହିଁର ମୋଟ ଦେଢ କୋଟିରୁ ଊଣା ନୁହେ । ଦୁର୍ଭିକ୍ଷ ନିବାରଣ ପାଣ୍ଠି ବାବଦ୍ ଦେଢ କୋଟି ଟଙ୍କା ପୃଥକ୍ ରଖା ଯିବାର ବ୍ୟବସ୍ଥା ହୋଇଅଛି ଏବଂ ବିଲାତରେ ୩କୋଟି ଟଙ୍କା ଓ ଭାରତରେ ୨ କୋଟି ଟଙ୍କା ଋଣ କରାଯିବ ଏବଂ ତାହା ରେଲ ଏବଂ ନାଳ କାର୍ଯ୍ୟ ନିର୍ମାଣରେ ବ୍ୟୟ ହେବ । ଏକା ସରକାରୀ ରେଲରେ ୩ କୋଟି ଟଙ୍କା ଏବର୍ଷ ବ୍ୟୟ ହେବାର ଇଷ୍ଟିମିଟ ହୋଇଅଛି ।

---

ଭିଙ୍ଗାରପୁର ମାହାଲର ବାର୍ଷିକ ସଭା ।

ପାଠକମାନଙ୍କୁ ଜଣାଅଛି ଯେ ଭିଙ୍ଗାରପୁରର ବିଖ୍ୟାତ ଚୌଧୁରୀ ବଂଶର ସମସ୍ତ ଜମିଦାରୀ ପ୍ରଭୃତି ସ୍ଥାବର ସମ୍ପତ୍ତିର ତତ୍ତ୍ୱାବଧାନର ଭାର କଲେକ୍ଟର ଜଜ ସାହେବଙ୍କ ହସ୍ତରେ ଆଇନାନୁସାରେ ଅର୍ପିତ ହୋଇଅଛି ଏବଂ ସେ ସମସ୍ତର କାର୍ଯ୍ୟ ନିର୍ବାହ ନିମନ୍ତେ ସାହେବ ମହୋଦୟ ବାବୁ ହେମେନ୍ଦ୍ରନାଥ ରାୟଙ୍କୁ କମନ ମାନେଜର ନିଯୁକ୍ତ କରିଅଛନ୍ତି । ଗତ ସୋମବାର ସକାଳ ୮ ଘଣ୍ଟା ବେଳେ କମନ ମାନେଜରଙ୍କର ଗୃହନିକଟ କଚେରୀଠାରେ ଏହି ମାହାଲର ପ୍ରଥମ ବାର୍ଷିକ ସଭା ହୋଇଥିଲା ଏବଂ ମାନେଜର ମହାଶୟଙ୍କର ଆମନ୍ତ୍ରଣମତେ କେତେ ଜଣ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ଇଉରୋପୀୟଙ୍କ ମଧ୍ୟରେ କାହାରିକୁ ଦେଖିଲୁଁ ନାହିଁ । ଦେଶୀୟ ଭଦ୍ରଲୋକଙ୍କ ସଂଖ୍ୟା ଆଶାନୁରୂପ ଅଧିକ ନ ଥିଲେହେଁ ଶ୍ରୀଯୁକ୍ତ ଗୁପ୍ତ ସାହେବ କମିଶନର, ମିଶ୍ର ସାହେବ ଜଜ, ରାଜା ବୈକୁଣ୍ଠନାଥ ଦେ ବାହାଦୂର, ରାୟ ହରିବଲ୍ଲଭ ବୋଷ ବାହାଦୂର, ଶ୍ରୀଯୁକ୍ତ ମଧୁସୂଦନ ଦାସ ପ୍ରଭୃତି ପ୍ରଧାନ ବ୍ୟକ୍ତିମାନଙ୍କ ସମାଗମରେ ସଭାର ଯଥୋଚିତ ଶୋଭା ହୋଇଥିଲା । ଚୌଧୁରୀବଂଶର ବର୍ତ୍ତମାନ କର୍ତ୍ତା ଶ୍ରୀ ଚୌଧୁରୀ କୃତ୍ତିବାସ ଦାସ ଏବଂ ତାହାଙ୍କର ପରିବାରସ୍ଥ କେତେକ ଅଂଶୀଦାର, ଜମିଦାରୀର କର୍ମଚାରୀ ଏବଂ ଦର୍ଶକବୃନ୍ଦଦ୍ୱାରା ସଭାଟି ପୂର୍ଣ୍ଣ ହୋଇଥିଲା । ସଭାମଣ୍ଡପଟି ମଧ୍ୟ ସାମୟିକ ରୁଚି ଅନୁସାରେ ମନୋହରରୂପେ ସୁସଜ୍ଜିତ ହୋଇଥିଲା ଏବଂ ସଭାପତିଙ୍କର ଆସନ ଉପଯୁକ୍ତ ବେଦି ଉପରେ ପ୍ରସ୍ତୁତ ହୋଇଥିଲା । ଯଥା ସମୟରେ ମାନନୀୟ ଗୁପ୍ତ ସାହେବ ସଭାମଣ୍ଡପରେ ପ୍ରବେଶ କରନ୍ତେ ସମ୍ମାନୀ ସ୍ୱରୂପ ବମ୍ ଫାୟର ହେଲା ଏବଂ ମାନେଜର ପ୍ରଭୃତି ତାହାଙ୍କୁ ସମାଦରପୂର୍ବକ ବେଦି ଉପରେ ସଭାପତିଙ୍କ ଆସନରେ ବସାଇଲାରୁ ଶ୍ରୀଯୁକ୍ତ ମିଶ୍ର ସାହେବ ସଂକ୍ଷେପରେ ସଭାର ଉଦ୍ଦେଶ୍ୟ ବ୍ୟକ୍ତ କରି କମନ ମାନେଜରଙ୍କୁ ବାର୍ଷିକ ରିପୋର୍ଟ ପାଠ କରିବାକୁ ଅନୁରୋଧ କଲେ । ତଦନୁସାରେ ରିପୋର୍ଟ ପଠିତ ହେଲା । ତହିଁରୁ ଜଣାଗଲା ଯେ ସୁନିଆଁ ଦିନ ଏ ସଭା ହେବାର ଚେଷ୍ଟା ଥିଲା । ମାତ୍ର ପ୍ରଥମ ବର୍ଷରେ ନାନାଦି ଅସୁବିଧା ଘଟିବାରୁ ବିଳମ୍ବ ହୋଇଅଛି । ଭବିଷ୍ୟତକୁ ସୁନିଆଁ ସମୟରେ ହେବ । ଜମିଦାରୀ କାର୍ଯ୍ୟ ନିର୍ବାହ ସମ୍ବନ୍ଧରେ ରିପୋର୍ଟରୁ ଅବଗତ ହେଲୁଁ ଯେ ସରକାରଙ୍କର ଖାସ ତହଶିଲରେ ଥିବା କୋଠଦେଶ ଛଡ଼ା ଚୌଧୁରୀମାନଙ୍କର ଜମିଦାରୀ ଇତ୍ୟାଦିର ଆୟତନ ପ୍ରାୟ ୨୫୦ ବର୍ଗମାଇଲ ଏବଂ ମୋ ଫସଲ ଜମା ପ୍ରାୟ ଏକଲକ୍ଷ ୮୬ହଜାର ଟଙ୍କା । ଖଜଣା ଉଶୁଲ ସକାଶେ ପ୍ରାୟ ନ ୧୫୦ ଶ ତହସିଲଦାର ଅଛନ୍ତି ଏବଂ ସେମାନଙ୍କ ଉପରେ ନ ୧୦ ଶ ଅମିନ ଅଛନ୍ତି । ତହସିଲଦାରମାନେ ଗୋଟା ମାହାଲର ଖଜଣା ଆଦାୟ ସକାଶେ ଶତକଡ଼ା ଟ ୪।୧ ଏବଂ ଇନମାଲି ମାହାଲ ସକାଶେ ଶତକଡ଼ା ଟ ୬।୧ ଙ୍କା ଲେଖାଏଁ କମିଶନ ପାଆନ୍ତି । ଅମିନମାନେ ତହସିଲଦାରଙ୍କ ମୁଣ୍ଡା ଚେକ ପ୍ରଜାଙ୍କ ପାଉତି ସଙ୍ଗେ ମିଶାଇ ଦେଖି ରିପୋର୍ଟ ସଙ୍ଗେ ସଦର ଅଫିସକୁ ପଠାଇ ଦିଅନ୍ତି ଏବଂ ପିଆଦାମାନଙ୍କଦ୍ୱାରା ପରୁଆନା ଜାରି ହେବା ଏବଂ ଡାକ ଯିବା ଆସିବାର ସୁବନ୍ଦୋବସ୍ତ ହୋଇଥିବାରୁ ଅବିଳମ୍ବେ ସଦରର ଆଦେଶ ମୋଫସଲରେ ଏବଂ ମୋଫସଲର ସମ୍ବାଦ ସଦରରେ ଉପସ୍ଥିତ ହୁଅଇ; ସୁତରାଂ କେହି ତହସିଲଦାର ତହବିଲ ଆତ୍ମସାତ୍ କଲେ ତାହା ଶୀଘ୍ର ସଦରରେ ପ୍ରକାଶ ହୁଏ । ଏ ବର୍ଷ କେବଳ ଏକଜଣର ଆତ୍ମସାତ୍ ମାମଲା ଘଟିଥିଲା । ମାତ୍ର ଶୀଘ୍ର ଜଣାଯାଇ ଫଉଜଦାରୀ ନାଲିସ ହେବାରୁ ସେ ଦଣ୍ଡ ପାଇଲା ଏବଂ ଅନ୍ୟମାନେ ସତର୍କ ହୋଇଗଲେ । ଏହି ବନ୍ଦୋବସ୍ତରେ ମୋଫସଲ ଜମା ସମସ୍ତ ଆଦାୟ ହୋଇଅଛି ଏବଂ ବାକିଦାର ରଯ୍ୟତଙ୍କ ନାମରେ ନାଲିସ କରି ଡିକ୍ରୀ ପରେ ୨ ଜାରି ହୋଇ ଟଙ୍କା ଆଦାୟ ହୋଇଅଛି । ନାଲିସ ଓ ଡିକ୍ରୀ ଜାରି ପୂର୍ବେ ପ୍ରତ୍ୟେକ ରଯ୍ୟତକୁ ନୋଟିସ ଦିଆଯାଏ ଏବଂ ବର୍ଷଶେଷରେ ଜମା ଉଶୁଲର ଗଣ୍ଡିଏ ଲେଖାଏଁ ହିସାବ ଦିଆଯାଏ; ସୁତରାଂ ଜମିଦାର ଓ ରଯ୍ୟତଙ୍କ ମଧ୍ୟରେ କିଛି ଗୋଳମାଳ ବା ମନାନ୍ତର ନାହିଁ ଏବଂ ଅସଦ୍ଭାବର କିଛି କାରଣ ନାହିଁ ।

Digitized by srujanika@gmail.com

ରିପୋର୍ଟ ପାଠ ଶେଷ ହେଲାରୁ ସଭାପତି ମହୋଦୟ କେତେ ଜଣ ତହସିଲଦାରଙ୍କୁ ନଗଦ ଟଙ୍କା ପୁରସ୍କାର ସହିତ ସାର୍ଟିଫିକେଟ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ସାର୍ଟିଫିକେଟ ବିତରଣ କଲେ । ପ୍ରାୟ ୮ ଜଣ ତହସିଲଦାର ଯଥାକ୍ରମେ ୫୦, ୩୦, ୨୦, ଓ ୧୦ ଟଙ୍କା ପୁରସ୍କାର ପାଇବାର ଦେଖା ଗଲା । ପରେ ସଭାପତି ଗୁପ୍ତ ସାହେବ ମହୋଦୟ ସଭାରେ ଅଧିକାଂଶ ଇଂରାଜୀ ନ ଜାଣିବା ଲୋକ ଉପସ୍ଥିତ ଥିବାର ଦେଖି ଓଡ଼ିଆଭାଷାରେ ଗୋଟିଏ ସୁନ୍ଦର ବକ୍ତୃତା ପ୍ରଦାନ କଲେ । ତହିଁର ମର୍ମ ଏହି କି ଜମିଦାରମାନଙ୍କର ମୂର୍ଖତା ଆଳସ୍ୟ ପ୍ରଭୃତି ଦୋଷରୁ ଓଡ଼ିଶାର ବଡ଼ ବଡ଼ ଜମିଦାର ବଂଶ ଲୋପ ପାଇ ଅଛି ଏବଂ ହରିସପୁର ଉଦ୍ଧନଣ ପ୍ରଭୃତି ବଡ଼ ବଡ଼ ଜମିଦାରମାନ ହସ୍ତାନ୍ତର ହୋଇଯାଇଅଛି । କନିକାର ସେହି ଅବସ୍ଥା ଘଟିବାର ଉପକ୍ରମ ହୋଇଥିଲା ମାତ୍ର କୋର୍ଟଅବୱାର୍ଡ଼ସରେ ଆସିବାରୁ ରକ୍ଷା ପାଇଗଲା । ଭିଙ୍ଗାରପୁର ଚୌଧୁରୀମାନଙ୍କର ସମ୍ପତ୍ତି କୁବୁଦ୍ଧି ସଙ୍ଗେ ସଙ୍ଗେ ଭ୍ରାତୃ ବିବାଦ ଉଦୟ ହେବାର ଉପକ୍ରମ ଦେଖି ସେ ଅତ୍ୟନ୍ତ ବ୍ୟସ୍ତ ହୋଇ ସେହି ବଂଶର ରକ୍ଷା ନିମନ୍ତେ ଜଜ ସାହେବଙ୍କ ସହିତ ପରାମର୍ଶ କରିବାରେ ତହିଁର ଫଳ ସ୍ୱରୂପ କମନ ମାନେଜର ନିଯୁକ୍ତ ହୋଇଅଛନ୍ତି ଏବଂ ତଦ୍ୱାରା ଯେ ସ୍ଥାବର ସମ୍ପତ୍ତି ରକ୍ଷା ପାଇଲା ଏବଂ ତହିଁର କାର୍ଯ୍ୟ ସୁଶୃଙ୍ଖଳରୂପେ ନିର୍ବାହ ହେବାର ଉପାୟ ହୋଇଅଛି ତାହା ଅଦ୍ୟ ସଭାରେ ପଠିତ ହେବା ରିପୋର୍ଟରୁ ସମସ୍ତେ ବୁଝିଅଛନ୍ତି । ତଥାପି ଦୁଃଖର ବିଷୟ ଯେ ଚଳନ୍ତି ସମ୍ପତ୍ତିର ବିଭାଗ ହୋଇ ଭାଇମାନଙ୍କ ମଧ୍ୟରେ ମନାନ୍ତର ରହିଅଛି । ଏପରି ହେବା ଉଚିତ ନୁହେଁ । ସରକାରମାନେ ଟିକିଏ ଉଦାର ବ୍ୟବହାର କଲେ ସହଜରେ ଆପଣା ମଧ୍ୟରେ କଥା ଭାଙ୍ଗି ଯିବ । ବିରୋଧ ବଢ଼ିଲେ ଘର କଳା କାହାର ଭଲ ହେବ ନାହିଁ । ଅନ୍ୟ ଜାଗାରେ ସେ (ଗୁପ୍ତସାହେବ) ଥିବା ସମୟରେ ଜଣେ ଉକିଲ ସଙ୍ଗେ ଏକ ଜମିଦାରର କଥା ପ୍ରସଙ୍ଗରେ ଉକିଲ ତାହାଙ୍କୁ କହିଲେ କି ଜମିଦାରମାନେ ମହୁମାଛି ପରି ଚକ ନିର୍ମାଣ କରି ତହିଁରେ ମହୁ ସଞ୍ଚୟ କରନ୍ତି । ମାମଲା ହେଲେ ଉକିଲ ମହୁଯାକ କାଢ଼ିନିଅନ୍ତି ଓ କେବଳ ଶୁଖିଲା ଚକଟି ଜମିଦାର ଘରେ ରହିଯାଏ । ଏ କଥା ଅଯଥାର୍ଥ ନୁହେ, ଏଥିର ଅନେକ ଉଦାହରଣ ଦେଖା ଯାଉଅଛି । ଚୌଧୁରୀ ବଂଶୀୟମାନେ ଏହା ସ୍ମରଣ କରି ଅପୋଷରେ କଳି ଭାଙ୍ଗି ଦେଇ ସୁଖରେ କାଳଯାପନ କରନ୍ତୁ ଏବଂ ପିଲାମାନଙ୍କୁ ଉପଯୁକ୍ତ ବିଦ୍ୟା ଓ ମନୁଷ୍ୟତା ଶିକ୍ଷା ଦେବା ବିଷୟରେ ଏକାନ୍ତ ମନୋଯୋଗୀ ହେଉନ୍ତୁ । ତାହା ହେଲେ ସେମାନଙ୍କର ବଂଶ ମର୍ଯ୍ୟାଦା ଅଟଳ ରହିବ । ପରିଶେଷରେ ଭିଙ୍ଗାରପୁର ମହାଲର କାର୍ଯ୍ୟ ଉତ୍ତମ ରୂପେ ନିର୍ବାହ ହୋଇଥିବା ହେତୁ ଶ୍ରୀଯୁକ୍ତ ଜଜ ସାହେବ ଏବଂ କମନ ମାନେଜରଙ୍କୁ ଧନ୍ୟବାଦ ଦେଇ ବକ୍ତୃତା ଶେଷ କଲେ । ଅନନ୍ତର ଶ୍ରୀଯୁକ୍ତ ମଟ ସାହେବ ଜଜ ଇଂରାଜୀରେ ଗୋଟିଏ ବକ୍ତୃତା କରି ଅନ୍ୟାନ୍ୟ କଥା ମଧ୍ୟରେ ଭିଙ୍ଗାରପୁର ମହାଲ ରକ୍ଷାର ମୂଳ କାରଣ ବୋଲି ଗୁପ୍ତ ସାହେବଙ୍କର ଉଚିତ ପ୍ରଶଂସା ପୂର୍ବକ ତାହାଙ୍କୁ ଏବଂ ଏ ସଭାରେ ଯୋଗ ଦେବା ହେତୁ ସଭ୍ୟବୃନ୍ଦଙ୍କୁ ଧନ୍ୟବାଦ ଦେଲେ । ପରିଶେଷରେ ଉପସ୍ଥିତ ଚୌଧୁରୀ ବଂଶୀୟମାନେ ଶ୍ରୀଯୁକ୍ତ ଗୁପ୍ତ ସାହେବ ଓ ମିଷ୍ଟ ସାହେବ ଏବଂ ସଭ୍ୟମାନଙ୍କୁ ଫୁଲମାଳ ଏବଂ ପାନ ପ୍ରଦାନଦ୍ୱାରା ସମ୍ମାନ କଲେ ଏବଂ ସଭା ଭଙ୍ଗ ହେଲା ।

ଉପର ଲିଖିତ ବିବରଣରୁ ପାଠକମାନେ ବୁଝିବେ ଯେ ଏ ସଭା ସମ୍ପୂର୍ଣ୍ଣରୂପେ ସଫଳ ହୋଇଥିଲା ଏବଂ ଆମ୍ଭମାନଙ୍କର ବର୍ତ୍ତମାନ କମିଶନର ମାନନୀୟ ଗୁପ୍ତ ସାହେବ ଓଡ଼ିଶାର ଗୋଟିଏ ପ୍ରଧାନ ଜମିଦାର ବଂଶର ସୁରକ୍ଷାର ବିଧାନ କରି ସର୍ବସାଧାରଣଙ୍କର ଅଶେଷ କୃତଜ୍ଞତାର ପାତ୍ର ହୋଇଅଛନ୍ତି । ଯଦ୍ୟପି ସଭା ସମସ୍ତ ଜମିଦାରଙ୍କର ଘରଠାରେ ହୋଇଥାଏ । ମାତ୍ର ସେ ସଭାରେ ଅସୁଲ ତହସିଲ ଇତ୍ୟାଦିର ବିବରଣ ପ୍ରକାଶ କରିବା ଉପଯୁକ୍ତ ଅମଲାଙ୍କୁ ବିଶେଷ ମନୋଯୋଗ ସହିତ କାର୍ଯ୍ୟ କରିବାର ପୁରସ୍କାର ଦିଆଯାଏ ନାହିଁ । ଏହି ଅଂଶରେ ଏ ସଭାର ବିଶେଷତ୍ୱ ଅଛି ଏବଂ ଆମ୍ଭମାନଙ୍କ ବିବେଚନାରେ ଏହା ଅନୁକରଣୀୟ ଅଟେ । ପରନ୍ତୁ କମନ ମାନେଜର ମହାଶୟ ଯେଉଁ ରିପୋର୍ଟ ପାଠ କଲେ ତହିଁରେ ଅନେକ ଜ୍ଞାତବ୍ୟ ବିଷୟ ସ୍ଥାନ ପାଇଥିଲେହେଁ ତାହାଙ୍କର ବେତନାଦି ସହିତ କାର୍ଯ୍ୟ ନିର୍ବାହର ମୋଟ ଖରଚ କେତେ ଅଥବା ମୋଟ ଆୟ ଉପରେ ଶତକଡ଼ା କେତେ ଖରଚ ପଡ଼ୁଅଛି ଓ ତହସିଲଦାରମାନେ ବେତନ ବଦଳରେ କମିସନ ପାଉଥିବାରୁ ଏକ ଏକ ଜଣର ସର୍ବୋଚ୍ଚ ଓ ସର୍ବ ନିମ୍ନ ବାର୍ଷିକ ଆୟ କେତେ ଏବଂ ଜମିଦାରିର ଉନ୍ନତି ସାଧନ ବା ପ୍ରଜାଙ୍କର ସାଧାରଣ ଅଭାବ ମୋଚନର କି କି ଚେଷ୍ଟା ହେଉଅଛି ଏ ସବୁ ବିଷୟର କିଛି ଉଲ୍ଲେଖ ଥିଲେ ରିପୋର୍ଟଟି ସର୍ବାଙ୍ଗ ସୁନ୍ଦର ହୋଇଥାନ୍ତା । ଭରସା କରୁଁ ଭବିଷ୍ୟତରେ ସେ ସବୁ ପ୍ରକାଶ ପାଇବ ।

# ସାପ୍ତାହିକ ସମାଚାର ।

## କଲିକତା-ଗେଜେଟ ।

ପ୍ରେସିଡେନ୍‌ସି ବିଭାଗର କମିଶନର ମିଃ ଏମ୍, ଫିନଲେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ବୋର୍ଡର ମେମ୍ବର ପଦରେ ନିଯୁକ୍ତ ହେଲେ ।

କଟକର ମୁନସଫ ବାବୁ ଗୋପାଳକୃଷ୍ଣ ଘୋଷ ମେଦିନୀପୁର କାନ୍ଥି ଚୌକିକୁ ବଦଳି ହେଲେ ।

କାନ୍ଥିର ମୁନସଫ ବାବୁ ଅଶୁତୋଷ ମିତ୍ର କଟକର ସଦର ମୁନସଫ ବଦଳି ହେଲେ ।

ଡାକ୍ତର ଟ୍ରେନିଂସ୍କୁଲର ଅସିଷ୍ଟାଣ୍ଟ ମାଷ୍ଟର ବାବୁ ପାର୍ବତୀ ଚରଣ ବାନାର୍ଜି ଟେକ୍ନିକାଲ ସ୍କୁଲର ଅସିଷ୍ଟାଣ୍ଟ ମାଷ୍ଟର କାର୍ଯ୍ୟରେ ନିଯୁକ୍ତ ହେଲେ ।

ପୁରୀ ବିଭାଗର ଡେପୁଟି ଇନସ୍ପେକ୍ଟର ବାବୁ ଜଗନ୍ନାଥ ଘୋଷ କଟକରୁ ବାଲେଶ୍ୱରକୁ ଓ ବାବୁ ମଧୁମୋହନ ମହାରଣା ବାଲେଶ୍ୱରରୁ କଟକକୁ ବଦଳି ହେଲେ ।

ଓଡ଼ିଶାବିଭାଗରେ କାର୍ଯ୍ୟ କରୁଥିବା ଅସିଷ୍ଟାଣ୍ଟ କଲେକ୍ଟରମାନଙ୍କ ୧୯୦୩ ସାଲର ୧ମ ଡିପାର୍ଟମେଣ୍ଟାଲ ପରୀକ୍ଷା ଆସନ୍ତା ଅପ୍ରେଲମାସ ତା ୪ ରଖ ସୋମବାର ଓ ତତ୍ପରବର୍ତ୍ତୀ ଦିନମାନଙ୍କରେ ବେଳା ୧୧ ଘ ସମୟରେ ଓଡ଼ିଶା କମିଶନରଙ୍କ କଚେରି ଗୃହରେ ଆରମ୍ଭ ହେବ ।

---

ଗତ ବୁଧବାର ଅପରାହ୍ନରେ ଏ ନଗରରେ ସାମାନ୍ୟ ବୃଷ୍ଟି ହୋଇଥିଲା । ମେଘର ଅଣ୍ଡା ଛାଡ଼ି ନାହିଁ । ଗ୍ରୀଷ୍ମ ଟିକିଏ ବଢ଼ିଅଛି ।

ଗତ ସୋମବାରଠାରୁ ଶ୍ରୀ ପ୍ରକାଶର ଫୌଜଦାରୀ ମୋକଦ୍ଦମା ଚାଲିଅଛି । ଫରିୟାଦିର ସାକ୍ଷୀମାନଙ୍କର ଜେରା ହେଉଅଛି । ଶ୍ରୀ ରାଜା ଏ ନଗରକୁ ଆସିଅଛନ୍ତି ।

କୋଠପଦାରୁ ଏକ ବ୍ୟକ୍ତି ଲେଖିଅଛନ୍ତି ଯେ ସେ ଗ୍ରାମରେ ଯେଉଁ ଶୃଗାଳ କେତେଲୋକଙ୍କୁ ଦଂଶନ କରିଥିଲା ତହିଁରେ ବଳିଆର ଓ ସୁନା ନାମକ ଦୁଇ ଜଣ ଜଳାତଙ୍କ ରୋଗରେ ମରିଅଛନ୍ତି । ଆଉ ଅନେକ ଲୋକ ଚିକିତ୍ସା ପାଇଁ କସଉଲି ଯାଇଅଛନ୍ତି ।

ଭଦ୍ରକଠାରେ କେତେକ ଦିନ ହେଲା ମେହେନ୍ତର ଭାବରେ ରହୁଥିବା ସମୟରେ ଜଣେ କନେଷ୍ଟବଳ ସାଇ ଡାକ ଡାକେ ଜଣେ ମେହେନ୍ତର ଦାଉଦାସ ତାହା ମୁଣ୍ଡରେ ଏମନ୍ତ ଆଘାତ କଲା ଯେ କନେଷ୍ଟବଳକୁ ହସପିଟାଲକୁ ନେବାର ପ୍ରୟୋଜନ ହୋଇଥିଲା ଏବଂ ସେଠାରେ ସେ ଯେଉଁ ଅବସ୍ଥାରେ ଅଛି ଅବସ୍ଥା ସଙ୍ଗିନ । କଟକରେ ଆସାମୀ ଉପରେ ମୋକଦ୍ଦମା ଦାଖଲ ହୋଇଅଛି ।

କଲିକତାଠାରେ ଦୁଇଜଣ ସିପେଇ ରାତ୍ରି ସମୟରେ ସେମାନଙ୍କର ଛାଉଣି ପାଖରେ ରହିବାରୁ ସେମାନେ ଏମନ୍ତ ମଦ ପିଇଥିଲେ ଯେ ଶେଷରେ ଉଭୟଙ୍କର ପ୍ରାଣ ବାହାରିଗଲା । ଏହା କେବଳ ଅସାବଧାନତାର ଫଳ ।

ମହାମାରୀ ରୋଗ ଦେଖିଦେବାରୁ ବମ୍ବେ ନଗରଠାରେ ନିଷେଧ ମଧ୍ୟ ବଢ଼ିଥିବାରୁ ସମ୍ବାଦପତ୍ରମାନଙ୍କରୁ ଜଣାଯାଏ । କେଉଁପରି କେବେ ଉପଶମ ହେବାର କେବେ ଶୁଣା ନ ଯାଏ ।

ବମ୍ବେଠାରେ ଗତ ଅକ୍ଟୋବର ମାସରେ ଜଣେ ପାର୍ସି ଯୁବକ ରେଳଗାଡ଼ିରୁ ମୁକ୍ତି ପାଇବାର ଗୋଟିଏ ଚୋକାଣୀ ପାଇ ଆପଣାର ଅର୍ଥ ହୋଇ ପାଉଥିଲା । ଚୋକାଣୀ ରେଳବାଇର ଅଧୀନ ହେଲେହେଁ । ଚୋକାର ଏହି କାର୍ଯ୍ୟରେ ବ୍ୟସ୍ତ ହେବାର ଦେଖି ... ପୁଲିସ ... ମାସ ୧୪, ଓ ... ଶାସନ ... ଦଣ୍ଡ ହେଲା । ଅଙ୍ଗୀକାର କରିଥିବା ସ୍ୱତନ୍ତ୍ର ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter



କାବୁଲର ଅମୀରଙ୍କର ଗୋଟ ୨ ବିବାହିତା ସ୍ତ୍ରୀ ଥିଲେ । ମୁସଲମାନ ଧର୍ମଶାସ୍ତ୍ର ଅନୁଯାୟୀ ୪ ସ୍ତ୍ରୀରୁ ଅଧିକ ରହିବାର ନିୟମ ନ ଥିବାରୁ ଅମୀର ଅପଣା ସ୍ତ୍ରୀମାନଙ୍କ ମଧ୍ୟରୁ ନ ୪ ଜଣଙ୍କୁ ପରିତ୍ୟାଗ କରି ଘୋଷଣା କରିଅଛନ୍ତି ଯେ ତାଙ୍କ ରାଜ୍ୟ ମଧ୍ୟରେ କାହାର ଗୋ ୪ ଟିରୁ ଅଧିକ ସ୍ତ୍ରୀ ଦେଖାଗଲେ ସେ ଦଣ୍ଡନୀୟ ହେବ । କାବୁଲର ସୀମାନ୍ତରେ ଥିବା ଅନେକ ମଦର ସନ୍ଦର୍ଶନ କରିବାକୁ ଯିବା ଏବଂ ପରଦା ଲୁଗାର ଓଢ଼ଣା ବ୍ୟବହାର କରିବାର ନିଷେଧାଜ୍ଞା । ମଧ୍ୟ ପ୍ରକାଶ କରିଅଛନ୍ତି ।

କଲିକତାର ନ ୪ ଣ ଲୋକ ଗୋଟିଏ ପଞ୍ଚବର୍ଷୀୟା କ୍ଷୁଦ୍ର ବାଳିକାକୁ ତାହାର ପିତା ମାତାଙ୍କ ନିକଟରୁ ଚାଲି ଘାଟକୁ ଯିବା ବାହାନାରେ ନେଇ ଯାଇ କିଣେ କେଉଁଠିକୁ ଟ ୨୦୦ ଟାରେ ବିକ୍ରୟ କରିବା ଅପରାଧରେ ତେରବର୍ଷ ଠାରୁ ବ ୩ ର୍ଷ ପର୍ଯ୍ୟନ୍ତ ମିଆଦ ପାଇଅଛନ୍ତି । ଏମାନେ ଭଲ ସାହସୀ ।

ଅସ୍ମାନଙ୍କର ବଡ଼ଲାଟ ଲେଟଲାଟ ସରଜନ ଉଡବର୍ଣ୍ଣ ମହୋଦୟଙ୍କ ନାମ ସ୍ମରଣାର୍ଥ ଯେଉଁ ପାଣ୍ଠି ସଂଗୃହୀତ ହୋଇଅଛି ତହିଁରେ ତାଙ୍କର ଘୋଡ଼ା ଉପରେ ବସିଥିବାର ପ୍ରତିମୂର୍ତ୍ତି କଲିକତାଠାରେ ସଂରକ୍ଷିତ ହେବାର ସ୍ଥିର ହୋଇଅଛି । ଅବଶ୍ୟ ବଙ୍ଗ ଲାଟଙ୍କର ପଇସା ଖ ଇଲେ ।

ବିଲାତରେ ଆଏରଲଣ୍ଡବାସିମାନଙ୍କର ଗୋଟିଏ ଲିଗ୍ ବା ସଭା ଅଛି । ଇଂଲଣ୍ଡର ନାନା ସ୍ଥାନରେ ତାହାର ସର୍ବସୁଦ୍ଧା ୧୩୨୭ ଗୋଟି ଶାଖା ସଭା ପ୍ରତିଷ୍ଠିତ ହୋଇଅଛି ।

ପ୍ରାୟେ ୧... ଜଣ ମାରୱାଡ଼ୀ ପ୍ଲେଗ ଭୟରେ କଲିକତାରୁ ଦେଶକୁ ପଳାଇ ଯାଇଥିଲେ । ସେମାନଙ୍କ ମଧ୍ୟରୁ ଏକ ଜଣର ପ୍ଲେଗ ରୋଗରେ ମୃତ୍ୟୁ ହୋଇଅଛି ।

ଭାରତବର୍ଷ ମଧ୍ୟରେ ଯେ ସବୁ ଦୁର୍ଗର ଶ୍ରେଣୀ ଅଛି । ସେଥିରେ ଏ ବର୍ଷ ୧୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ହୋଇଅଛି । କିନ୍ତୁ ଆଗାମୀ ବର୍ଷକୁ ୧୪ ହଜାର ଟଙ୍କାରୁ ଅଧିକ ବ୍ୟୟ ହେବ ନାହିଁ ।

ବାର୍ମିଂହାମ ନଗରରେ ଏକ ବ୍ୟକ୍ତି ଘଣ୍ଟା ମଧ୍ୟରେ ଗୋଟିଏ ବାଳକକୁ ପାଞ୍ଚ ଦୁଇ ବି. ବେଃ ତଃ ସେ ସେହି ବାଳକକୁ ଚୁମ୍ବନ କରିବାରେ ତାହା ପ୍ରତି ୫୦ ସିଲିଂ ଜରିମାନା ଏବଂ ଏକ ମାସ ଶ୍ରମଯୁକ୍ତ କାରାବାସର ଆଦେଶ ହୋଇଅଛି ।

ବୃଷ୍ଟର କୌଣସି ଲୁଗାର କାରଖାନାରେ ବର୍ତ୍ତମାନ ତାଡ଼ିତ ବଳରେ କଳ ଚଳାଇବାର ଆରମ୍ଭ ହୋଇଅଛି । ଏକମାତ୍ର ଲଣ୍ଡନ ନଗରରେ ୧୪ ଶତ ସିଲଇ କଳ ତାଡ଼ିତ ବେଗରେ ଚାଲୁଅଛି ।

ମାର୍କନି ବିନା ତାରରେ ଟେଲିଗ୍ରାଫର ସଂବାଦ ପ୍ରେରଣର କୌଶଳ ଆବିଷ୍କାର କରିଅଛନ୍ତି, ସାର ଅଲିଭାର ଲଜ ଏବଂ ମିଃ ଅଲକଜେଣ୍ଡାର ମୁଇରହେଡ ଏକତ୍ର ତାହାଠାରୁ ଉତ୍କୃଷ୍ଟ ପ୍ରଣାଳୀ ଉଦ୍ଭାବନ କରିଅଛନ୍ତି ।

ଏକ ଅଡ଼କାଠି ୨୪ ପ୍ରଗଣା ବାରୁଇପୁର ଗ୍ରାମରୁ ଗୋଟିଏ ଯୁବକକୁ କଲିକତାରେ କାର୍ଯ୍ୟ କରାଇ ଦେବ ବୋଲି ଫାନ୍ଦି ଦେଇ ଆଣି କୁଲିଡ଼ିପୋକୁ ନେଇ ଯାଉଥିଲା, ପୁଲିସ ଯୁବକକୁ ତାହା ହାତରୁ ଉଦ୍ଧାର କରିଥିଲା, ଓ ଅଡ଼କାଠିର ଏକବର୍ଷ ମିଆଦ ହୋଇଅଛି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ବନ ସାହୁ ମହାଜନ | ବୌଦ | ଟ ୩ |
| „ ଗଣେଶ୍ୱର ମିଶ୍ର ହେଃ ମାଷ୍ଟର ସୋନପୁର | | ଟ ୩ |
| „ ବୈକୁଣ୍ଠନାଥ ଦତ୍ତ | କଟକ | ଟ ୨ |
| „ ଜାନକୀବଲ୍ଲଭ ଦାସ ସଃ ଇଃ „ | | ଟ ୧ |
| „ ଲୋକନାଥ ପଣ୍ଡା | ଭୁବନେଶ୍ୱର | ଟ ୩ |
| ଶ୍ରୀ ବାବୁ ଭୋଳାନାଥ ଜେନା | କେରକୋଇ | ଟ ୩ |
| „ ରମାଇଚରଣ ମିଶ୍ର | କଟକ | ଟ ୧ |
| ରଜା । ଜ । ବଡ଼ମ୍ବା | | ଟ ୩ |
| ରାୟ ଯୋଗେଶଚନ୍ଦ୍ର ଚନ୍ଦ୍ର ବାହାଦୁର କଟକ | | ଟ ୩ |
| ଶ୍ରୀ ବାବୁ ସଦାନନ୍ଦ ଦାସ ପଟ୍ଟନାୟକ ଗୋବିନ୍ଦପୁର-ବାମଣ୍ଡା | | ଟ ୩ |
| „ ହେମଚନ୍ଦ୍ର ଜ ଯାତକ ନିଯୁକ୍ତ | | ଟ ୩ |


## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

| | | |
|---|---|---|
| Oriya Alphabet and Spelling Book. For Infant Class and Standard I ... | As. | 1 |
| Oriya L. P. Science Reader | ,, | 3 |
| Oriya L. P. Arithmetic ... | ,, | 4 |
| Oriya U. P. Science Reader | ,, | 4 |
| Oriya U. P. History Reader (Bengal) ... | ,, | 3 |
| Oriya U. P. Geography Reader | ,, | 3 |
| Oriya U. P. and Middle Vernacular Arithmetic ... | ,, | 8 |
| Oriya U. P. Literature Book | ,, | 3 |
| Oriya U. P. and M. V. Practical Geometry and Mensuration | ,, | 4 |
| Oriya M. V. Science Reader | ,, | 7 |
| Oriya M. V. History Reader ... | ,, | 4 |
| Oriya M. V. Literature Book | ,, | 6 |
| Oriental Drawing Books 1&2 As. 4 each | | |
| Do. 3 and 4 ... | As | 3 |
| Macmillan's "Official" Copy Books Nos. 1, 2, 3, 4, 6, 8, 10, 12, | | 5 pice |
| Arnold's Civil Service Copy Books Nos. 1, 2, 3, 4, 4a, 5, | | 5 pice |
| "O. M. P." Blank Drawing Books | As. 1 & As. | 1 6 |
| Dr. Sircars English Reader I | | 4 0 |
| Do. Do. II. | | 5 0 |
| Simple English Reader (Dhar) | | 7 0 |

C.L.S. School Books as follows:—

| | | |
|---|---|---|
| Grammatical Primer | ,, | As. 2 0 |
| Manual of English Grammar | | ,, 6 0 |
| 1st Standard English Book | | ,, 1 6 |
| New English First Reader | | ,, 4 0 |
| Do. Second | ,, | ,, 6 0 |
| Do. Third | ,, | ,, 8 0 |
| Do. Fourth | ,, | ,, 10 0 |
| Do. Fifth | ,, | ,, 12 0 |
| Do. Sixth | ,, | ,, 12 0 |

*For any of these books apply to:—*

R. J. GRUNDY,
*Supt. Orissa Mission Press,*
CUTTACK.



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ ! ଏଥର, ଡ କୁଣ୍ଡୁର ଅଭିନବ ଆବିଷ୍କାର

### "ଇନ୍ଦୀବର ଶୋଭନା ।

ଏହି ଦ୍ରବ୍ୟ ତିଳ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଧଣିଆ ଗୁଣ୍ଡି, ଗଜଗଭ ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମିର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର କୁଣ୍ଡୁ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ତହିଁ ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଔଷଧ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତମାଡ଼ିଫୁଲା, ଦନ୍ତବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ସୁଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦।ଅଣା, ଡଜନ ଟ ୨॥ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦।, ୬ ଶିଶିରେ ଟ ୦।୵ ଅଣା, ଡଜନକୁ ଟ ୦॥ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"କୁଣ୍ଡୁ, ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାରାଣସି ଘୋଷର ଷ୍ଟ୍ରିଟ, କଲିକତା

ସର୍ବପ୍ରକାର ଘାଉ, ଘା, ଗମ-ବାଘି ପ୍ରଭୃତି ଆରୋଗ୍ୟପକ୍ଷେ ଚୂଡ଼ାନ୍ତ ।
"ଓ୍ୟର ସରକାର"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହୋଇଥାଉ ମନ୍ତ୍ରଶକ୍ତି ପରି ଆରୋଗ୍ୟ ହୋଇଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ଙ୍କା ୩ ଶିଶି ଟ ୨॥ ପ୍ୟାକିଂ ଓ ଡାକମାସୁଲ ଟ ୦।୵ ଅଣା । ପ୍ରାପ୍ତି ସ୍ଥାନ :—"ଉବରଣ୍ଡ, ଟିମନର ଏଣ୍ଡ କୋମ୍ପାନୀ", କଲିକତା ।


Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଅଳ୍ପ ଦାମରେ ଅଦ୍ଭୁତ ଗୁଣବିଶିଷ୍ଟ ଦାମୀ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାର ଦରକାର ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜିନ୍ !** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟି, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜିଷ୍ଟରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥିନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥିନିମନ୍ତେ ଡାକ୍ତର ମାର୍ଟିନ ସାହେବ ସାର୍ଦ୍ଧକାଲବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଆୟରଣ, ଫସ୍‌ଫରସ ଓ ଭାଇଟାମିନ ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ପ୍ରଣାଳୀରେ ସ୍ପେନିସ୍ ପାରକ୍ୟୁଲେସନ୍ ଯନ୍ତ୍ରର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି ! ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ ହେଉଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହୌଷଧି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରଦ ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏକାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରଦ ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜିନ ସେବନ ଗୁପ୍ତ ରହେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜିନର ଗୁଣ ପ୍ରାୟ ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକନିଆ, ମାର୍କାରି ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା କ୍ଷତିକର ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ଅବ୍ୟବହିତ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥିନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ କଳି ଦେହର ଜୀବନ ।

ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସ୍ୱପ୍ନରେ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ରାପର ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ମୃତି ଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୂତ୍ରକୃଚ୍ଛ୍ର, ହସ୍ତପଦ ଜ୍ୱଳ, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, ବନ୍ଧ୍ୟାତ୍ୱ, ମୃତବତ୍ସା, ପେଟରେ ବେଦନା ଓ ତତ୍ସଂକ୍ରାନ୍ତ ଇତ୍ୟାଦି ।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରଦ ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ନାଲି ଘା, ପଚାଘା, ଦାଦ, ଖାଉର, ଭଗନ୍ଦର, କାଛୁ କୁଣ୍ଡିଆ ଓ ଏମନ୍ତ କି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।, ୩ ବୋତଲ ଟ ୩।୦, ୬ ବୋତଲ ଟ ୭। ଓ ୧୨ ବୋତଲ ଟ ୧୪।୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦। ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ୍, ଆଇ, ବି, ଜି, ଏଣ୍ଡ କୋଂ କଲିକତା

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟି, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କ୍ଷତିକର ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ । ଡାକ ଟ ୵ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵ ।

ଡାକ୍ତର ମାର୍ଟିନଙ୍କର "ଅଏଣ୍ଟମେଣ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡାକ ଟ ୧୦ ୯ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ—ଆଇ, ବି, ଜି ଏଣ୍ଡ କୋଂ କଲିକତା


Digitized by srujanika@gmail.com

Split by PDF Splitter







ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦି ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ; ଚିକିତ୍ସା ଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ସୁଖ୍ୟାତିପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୂରଜ ଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ଗୌରଚନ୍ଦ୍ର ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାନଜାନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆଉରି ୩ ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡ଼ବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା, ବମ୍ବା ବୋମ୍ବାଇ ।


## ବିଜ୍ଞାପନ ।




ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜିଷ୍ଟ୍ରୀକୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !
ଆଦି ଓ ଅକୃତ୍ରିମ ।

ଆଉ ତାହାଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଜସାଯୁ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ ତାହାଙ୍କୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

<u>ଇଲେକ୍‌ଟ୍ରୋ ସାଲସା</u> —ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

<u>ଇଲେକ୍‌ଟ୍ରୋ ସାଲସା</u> :—ପ୍ରତ୍ୟହ ସେରୂପ ହଜାର୍ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶର ସେହିପରି ରାଶି ରାଶି ଅଯାଚିତ ସୁଖ୍ୟାତିପତ୍ର ଲାଭ କରିଅଛି ଓ କରୁଅଛି ।

<u>ଇଲେକ୍‌ଟ୍ରୋ ସାଲସା</u> :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ କାରିତା ଶକ୍ତି ଗୁଣରୁ ସର୍ବେ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟତଃ ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ ବଳେନ୍ଦ୍ରିୟ ପ୍ରାପ୍ତ କରାଇଦିଏ ଯୌବନ ଚାଞ୍ଚଲ୍ୟ ବଳ ସାମର୍ଥ୍ୟ ପୂର୍ଣ୍ଣ ଯେହେ ଅଟେ ।

<u>ଇଲେକ୍‌ଟ୍ରୋ ସାଲସା</u> :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ


Digitized by srujanika@gmail.com

Split by PDF Splitter



ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କିନ୍ତୁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯାଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଦୂରଦର୍ଶିତା ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରସ୍ତୁତକାରୀମାନେ ଏପରି ଉନ୍ନତି କରିଅଛନ୍ତି ଯେଉଁଠାରୁ ଅନେକ ଔଷଧ ପ୍ରେରଣ କରୁଅଛନ୍ତି ସେଠା ଅଧିବାସୀମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ଡାକ୍ତରଖାନାରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁମାରିକାଠାରୁ ହିମାଳୟ ପର୍ଯ୍ୟନ୍ତ ଏହା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ଯେପରି ବ୍ରହ୍ମାଣ୍ଡ ରକ୍ଷା କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା ! ! ! ବାସ୍ତବରେ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଆଗରେ ଏତେ ଅଧିକ ଗୁଣସମ୍ପନ୍ନ ଜଗତ୍‌ରେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଙ୍ଗ ଫାଟି ଫୁଲିବା କୁଷ୍ଠରୋଗ ହୋଇ ଘାଆ ଉଠିବା, ଗ୍ରନ୍ଥିଶୋଥ, ଚର୍ମ ଉପରେ ଓ ଯାବତୀୟ ଘା, ନାକ ଓ କାନର ଘା ହେବାରେ ବା ହସ୍ତ ଓ ପାଦ ତଳରେ ଘାଆ ଉଠିବା ଯାହା ବା କଲାଚର୍ମ, ଏକଲ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ରକ୍ତର ଦୁଷ୍ଟତାପ୍ରଯୁକ୍ତ ଯନ୍ତ୍ରଣାଦି ପୁଣି ପାରା ଓ ଦେହରେ ହବର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରକାର୍ଯ୍ୟ ତେଜଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ ସ୍ତ୍ରୀ ସହବାସରେ ସମର୍ଥ କରାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳନ, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳରୁ ଟୋପା ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର

ପତନ, କମ୍ପା ସଙ୍ଗମକାଳରେ ଶୀଘ୍ର ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ଦୁର୍ବଳ ଶରୀରକୁ ସ୍ଥିର, ମସ୍ତ ଦୁର୍ବଳତା, ଚିତ୍ତର ଅସ୍ଥିରତା, କର୍ମେନ୍ଦ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସାଃ—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ସୁଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର ଅନିଷ୍ଟ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଲ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍‌ଟ୍ରୋ ସାଲସା" ତୁମ୍ଭ ରୋଗର ପ୍ରକୃତ ଔଷଧ ! ଯେହେତୁ କୋଟିଏ ରୋଗୀଙ୍କଠାରୁ ଅଦ୍ୟାପି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ସୂଚୀପତ୍ରାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨୧୩ ତିନି ଶିଶି ଟ ୫୨
୬ ଶିଶି ଟ ୧୦୨ ଡଜନ ଟ ୨୦୧
ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍‌ଟ୍ରୋ ସାଲସାର ;—ଅବିଷ୍କର୍ତ୍ତା—ଡାକ୍ତର ଡେମଣ୍ଡ, କନିକର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, ନିଉୟର୍କ ଆମେରିକା । ଭାରତ ବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ,—"ଡବଲିଉ, ମେଚନ୍ ଏଣ୍ଡ କୋମ୍ପାନୀ," କଲିକତା।

NEW YORK LIFE
INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

# ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

ଅମୃର ଗୋଲ୍ଡପଲିଡ଼ ତୁମ୍ଭେ ଦେଖିଛ କି ?

ଏହା ଟୋଗାଟିଏ ଖଣ୍ଡିକ ଲଂଗଳୀ ହେକେଡଥନ ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁରୀ ଏବଂ ଏହା ଆମୃର ବିଶେଷ ଆବିଷ୍କାରରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସ୍ୱର୍ଣ୍ଣପରି ବୋଧହୁଏ ଏହାର ଜ୍ୟୋତି



ଚିରସ୍ଥାୟୀ ଅଟେ । ଅଙ୍ଗୁରିର ସମ୍ମୁଖ ଭାଗରେ ଆଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋଲାକାର ହୀରା ଖଚିତ ଓ ମଧ୍ୟଭାଗରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଚିତ ଏହା ଦୁଇସହସ୍ର ଟଙ୍କା ମୂଲ୍ୟର ପ୍ରକୃତ ହୀରକ ଅଙ୍ଗୁରୀପରି ଦେଖାଯାଏ ।

ବିଜ୍ଞାପନମୂଲ୍ୟ ପ୍ରତି ଗୋଟାକୁ ଟ ୧ ୧

ଟ ୬ ୧ ରେ—ଗୋ ୧୨ ଟା "ଗୋଲ୍ଡପଲିଡ଼" ଅଙ୍ଗୁରୀ ଏବଂ ଗୋଟିଏ ଉଲଷ୍ଟା ଡବେଡଥନ ସ୍ୱର୍ଣ୍ଣରେ ନିର୍ମିତ ଚେନ୍ ସହିତ ରଷ୍ଟୱାଚ୍ ରୁପାର ଓଆଚ୍

ଟ ୬ ୧ ରେ—ଗୋ ୬ ଟା, "ଗୋଲ୍ଡପଲିଡ଼" ଅଙ୍ଗୁରୀ ଏବଂ ଗୋଟିଏ ଚେନ୍ ସହିତ ଅଲର୍ମ । ସିଲଭର ହଣ୍ଟିଂ ଓଆଚ୍ ।

Miss. K. K. Ker
No. 36 Cathedral Mission Lane
CALCUTTA.

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତମତେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ଧାଡ଼ିରେ
ଧାଡ଼ିପ୍ରତି ଟ ୦ ୯
ଅଧମୂଲ୍ୟ ୦ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ।

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ଉର୍ଦ୍ଧ୍ୱ ସଂଖ୍ୟା ୫୦ ଶାଲୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇବା ଦର ପ୍ରଥମ ଥରର ଦେଢ଼ା ଓ ତିନିଗୁଣ ଯଥାକ୍ରମେ ହେବ ।

ଅଧିକ ଥର ଛପାଇବା ସୁଲଭ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ପଡ଼ିବ ।

ଏହି ଉତ୍କଳଦୀପିକା ପତ୍ର କଟକ ପ୍ରିଣ୍ଟିଂ କୋମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଭାଗ ୩୮ ଶ । ୧୪ଶ ସଂଖ୍ୟା । CUTTACK, SATURDAY THE 4th April 1903
ତା ୨୨ ଚୈତ୍ର ସନ ୧୩୧୦ ସାଲ ଶନିବାର
ଅଗ୍ରିମ ଟ ୩୮
ପଶ୍ଚାଦ୍ଦେୟ ଟ ୬୯

## ବିଜ୍ଞାପନ ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କର

## ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସୀହାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡ଼ିଶାରେ ପ୍ରାଚୀନ ବୃହତ୍ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟଣା ମନ୍ତବ୍ୟାଦି ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

ବଡ଼ପଞ୍ଜିକା ଟ ୦।

ଛୋଟପଞ୍ଜିକା ଟ ୦୧୬

ଡାକମାସୁଲ ବଡ଼ପାଞ୍ଜି ଖ ୧ ଣ୍ଡକୁ ଟ ୦/ ଛୋଟପାଞ୍ଜି ଖ ୧ ଣ୍ଡଠାରୁ ଖ ୭ ଣ୍ଡ ପର୍ଯ୍ୟନ୍ତ ଟ ୦୧୬ । ବଡ଼ପାଞ୍ଜି ଖ ୧୦ ଣ୍ଡ ଏକତ୍ର ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

PUBLIC LECTURE.

On Wednesday April 8th 1903 at the European School Room. Rev. George Howells B. A; B. D, will deliver the second of his series of lectures on "The Vedanta and the Christian Gospel"

Subject "The Christian way of Salvation."

All are cordially invited.

ଶ୍ରୀମଦ୍ଦେବୀଭାଗବତ ଶାକ୍ତ ବୈଷ୍ଣବ ଓ ଶୈବ ପ୍ରଭୃତି ଉପାସକଙ୍କର ବିଶେଷତଃ ହିନ୍ଦୁମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଆମ୍ଭେ ଅତ୍ୟନ୍ତ ଯତ୍ନ ସହିତ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଉଅଛୁଁ । ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସମସ୍ତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ରେଜେଷ୍ଟ୍ରୀ ମଧ୍ୟ କରାଇ ନିଆ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମଗଣ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥରୁ ଏକ ଏକ ସେଟ୍ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ଟ ୦॥

ଡାକମାସୁଲ ଟ ୦/

୨ୟ ସ୍କନ୍ଧ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନକୁ ଅଥବା ଶ୍ରୀ ନାରାୟଣଚନ୍ଦ୍ର ମହାନ୍ତି ଛାମୁକରଣ କାଃ କେନ୍ଦ୍ରାପଡ଼ା ପୋଷ୍ଟ ଅଫିସ ତଳଧରପୁର ଏହି ଠିକଣାକୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ ପତ୍ର ଲେଖିଲେ ଉପରଲିଖିତ ପୁସ୍ତକ ସ୍ୱଚ୍ଛନ୍ଦେ ପାଇ ପାରିବେ ।

ଠାକୁରସାହେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ସିଂହ
ଦେବ । ସିଂହଭୂମି । ଦେଶ ଇଷ୍ଟେଟ

ଅମୋକ୍ତାରନାମା ଖାରଜ ।

ଆମ୍ଭେ ଇଂରାଜୀ ସନ ୧୮୯୭ ମସୀହା ମାର୍ଚ୍ଚ ମାସ ତା ୯ ରଖରେ ଭଗବନ୍ତ ରାମାନୁଜ ଦାସ ଚେଲେ ଜଗନ୍ନାଥ ଅଗ୍ରସୀ ସ୍ୱାମୀ । ମୃତ୍ୟୁ ଦାମୋଦର ରାମାନୁଜ ଦାସ ଚେଲେ ବେଙ୍କଟ ଅଗ୍ରସୀ ସ୍ୱାମୀ ମୃତ୍ୟୁ । ସା । ପୁରୀ କାଳିକାଦେବୀ ସାହି କରଣିକ ଛୋଟ ଅଗ୍ରସୀ ମଠ ଓ କମ୍ପାଲି ରଘୁନାଥ ଅଗ୍ରସୀ ପୁତ୍ର କମ୍ପାଲି ରାଘବ ଅଗ୍ରସୀ ମୃତ୍ୟୁ । ସା । ଦ୍ୱାରକାକ୍ଷିପ୍ତ । ଜି । ଗୋଦାବରୀ । ଏହି ତ ୩ ଜଣଙ୍କୁ ରେଜେଷ୍ଟ୍ରୀ ସଂଯୁକ୍ତ ଅମୋକ୍ତାର ନାମାଦ୍ୱାରା ଅମୋକ୍ତାର ନିଯୁକ୍ତ କରିଥିଲୁଁ ଏମାନଙ୍କ ମଧ୍ୟରେ ଭଗବନ୍ତ ରାମାନୁଜ ଦାସଙ୍କର ମୃତ୍ୟୁ ହୋଇଅଛି ଆଉ ଦାମୋଦର ଅଗ୍ରସୀ ସ୍ୱାମୀ ଆମ୍ଭର କାର୍ଯ୍ୟ ଉତ୍ତମରୂପ ନିର୍ବାହ ନ କରିବାରୁ ଅଜଠାରୁ ତାଙ୍କୁ ଆମ୍ଭର ଅମୋକ୍ତାର କାର୍ଯ୍ୟରୁ ଆମ୍ଭେ ଖାରଜ କଲୁଁ ଅଜଠାରୁ ସେ ଆମ୍ଭର କୌଣସି କାର୍ଯ୍ୟ କରି ପାରିବେ ନାହିଁ ଯେବେ କେହି ଏହାପର ତାଙ୍କ ସହିତ କୌଣସି କାରବାର କରନ୍ତି ତାହାର ଦାୟୀ ଆମ୍ଭେ ହେବୁ ନାହିଁ ସେ ଯେ ରସିଦ ଓ ପାଉତି ଆଦି ଦେବେ ତହିଁରେ ଆମ୍ଭେ ବାଧ୍ୟ ହେବୁ ନାହିଁ ଅତଏବ ଏହି ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯଦି କେହି ଏହି ଅମୋକ୍ତାର ନାମାର ଖାରଜ ପରେ ଉକ୍ତ ଦାମୋଦର ରାମାନୁଜ ଦାସଙ୍କ ସହିତ କୌଣସି କାରବାର କରିବେ ସେଥିସକାଶେ ସେ ନିଜେ ଦାୟୀ ହେବେ ଆମ୍ଭେ ଦାୟୀ ହେବୁ ନାହିଁ ଅଜଠାରୁ କମ୍ପାଲି ରଘୁନାଥ ଅଗ୍ରସୀ ଆମ୍ଭର ଏକମାତ୍ର କ୍ଷମତାପ୍ରାପ୍ତ ଅମୋକ୍ତାର ରହିଲେ ।

ଶ୍ରୀ ଲକ୍ଷ୍ମୀଅମାଦୀ ବ୍ୟାକନତାଂ ବେଙ୍କଟ
ରାମାନୁଜ ଅଗ୍ରସୀ ସ୍ୱାମୀ

Digitized by srujanika@gmail.com

# ବିଜ୍ଞାପନ ।

ଏ ବର୍ଷ ଜଳଗଡ଼ରେ ଅତି ଶୀଘ୍ର ଏକ ସ୍କୁଲ ଖୋଲ ସ୍ଥାପିତ ହେବ । ସ୍କୁଲ ଉପାଧି ପରୀକ୍ଷାରେ ଉତ୍ତୀର୍ଣ୍ଣ କରଇବା ଉପଯୁକ୍ତ ପଣ୍ଡିତ ଏକଜଣ ଆବଶ୍ୟକ, ମାସିକ ବେତନ ଟ ୧୫ ୯ ପନ୍ଦରଟଙ୍କା । ଆବେଦନ ପତ୍ର ଆସନ୍ତା ମେ ମାସ ତା ୧୫ ରଖ ପର୍ଯ୍ୟନ୍ତ ଗୃହୀତ ହେବ ।

ଜଳହିହସ୍କୁଲ ମାନେଜର ଅଫିସ ତା ୨୪ ରଖ ମାର୍ଚ୍ଚ ସନ ୧୯୦୩ ମସୀହା } Mohommad Athar ମାନେଜର

ଗାଙ୍ଗପୁର ଡାକ୍ତରଖାନା ସକାଶେ ଏକଜଣ ଇଂରାଜୀ ଜାଣିଥିବା କମ୍ପାଉଣ୍ଡରର ଆବଶ୍ୟକ । ମାସିକ ବେତନ ଟ ୧୦ ୯ ଙ୍କା । କାର୍ଯ୍ୟ ଉତ୍ତମରୂପେ କଲେ ଭବିଷ୍ୟତରୁ ଉନ୍ନତ ହେବାର ଆଶା ଅଛି । ପାସ କରିଥିବା ବା କଟକ ମେଡିକେଲ ସ୍କୁଲର ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବ ବ୍ୟକ୍ତିଙ୍କର ଦରଖାସ୍ତ ଗ୍ରାହ୍ୟ କରାଯିବ । ଗାଙ୍ଗପୁର ଝାଡ଼ସୋଗୁଡ଼ା ବି, ଏନ, ରେଲ ଷ୍ଟେସନଠାରୁ ୧୯ ମାଇଲ ଅଟେ । ଜଳବାୟୁ ସ୍ୱାସ୍ଥ୍ୟକର । ନିମ୍ନ ଠିକଣାରେ ଶୀଘ୍ର ଆବେଦନ କର ।

ଗାଙ୍ଗପୁର ଫିଉଡେଟରି ଷ୍ଟେଟ ୨୪।୩।୦୩ } Rash Behary Bohidar, Private Secretary to the Feudatory Chief of Gangpur, 24—3—03.

## ବିଜ୍ଞାପନ ।

## ଓଡ଼ିଆ ଦଲୀଲ ରେଜିଷ୍ଟ୍ରୀ ଆଇନ ।

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଦଲୀଲ ଓ ଦସ୍ତାବିଜମାନଙ୍କ ଲେଖିବା, ସମ୍ପାଦନ କରିବା ଓ ରେଜିଷ୍ଟ୍ରୀ କରାଇବା ସମ୍ବନ୍ଧେ ଭିନ୍ନଭିନ୍ନ ସରକାରୀ ଆଇନ ପ୍ରଚଳିତ ଅଛି । ଅର୍ଥାତ୍—ଷ୍ଟାମ୍ପ ଆଇନ, ରେଜିଷ୍ଟ୍ରୀ ଆଇନ ଓ ଦଣ୍ଡବିଧି ଆଇନ; ଏହା ଛଡ଼ା ମହାମାନ୍ୟ ଇନ୍ସପେକ୍ଟର ଜେନେରଲଙ୍କ ସର୍କ୍ୟୁଲର ଅର୍ଡର ଓ ମହାମାନ୍ୟ ହାଇକୋର୍ଟଙ୍କର ନଜିରମାନ ମଧ୍ୟ ପ୍ରଚଳିତ ଅଛି । କିନ୍ତୁ ଉକ୍ତ ଆଇନମାନ ଭିନ୍ନ ଭିନ୍ନ ପୁସ୍ତକମାନଙ୍କରେ ଇଂରାଜୀଭାଷାରେ ଲେଖା ହୋଇ ଥିବାରୁ ସର୍ବ ସାଧାରଣ ବ୍ୟକ୍ତିମାନେ ସହଜରେ ପ୍ରୟୋଜନୀୟ ବିଷୟ ସଂଗ୍ରହ କରି ପାରନ୍ତି ନାହିଁ ଓ ମଧ୍ୟ ସର୍କ୍ୟୁଲର ଅର୍ଡର ଓ ନଜିରମାନଙ୍କ ସଙ୍ଗେ ସେମାନଙ୍କ ପ୍ରାୟ ଦେଖା ନାହିଁ; ସୁତରାଂ ସେମାନଙ୍କୁ ଆବଶ୍ୟକୀୟ ବିଷୟମାନ ଜ୍ଞାତ ଉପଲକ୍ଷେ ଅପର ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରିବାକୁ ହୁଏ । ଅଧିକାଂଶ ଲୋକେ ଦୂରତ୍ୱ ବା ଟଙ୍କାର ଅଭାବ ହେତୁ ଓକିଲ ବା ମୁକ୍ତାରଙ୍କ ସାହାଯ୍ୟ ପାଇ ପାରନ୍ତି ନାହିଁ, ଏବଂ ଟାଉଟମାନେ ପ୍ରାୟ ସମୟନୁସାରେ ଭୁଲ କରି ଦେଇ ଥାନ୍ତି । ସେମାନଙ୍କର ଏପରି ଦୁର୍ଦ୍ଦଶା ଦେଖି ଆମ୍ଭେ ଉପରୋକ୍ତ ଆଇନମାନ ଓ ସର୍କ୍ୟୁଲର ଅର୍ଡର ଓ ନଜିରମାନ ଯାହାକି ଦେବଳ ଦଲୀଲ ଓ ପକ୍ଷମାନଙ୍କ ସମ୍ପର୍କୀୟ ଅଟେ ତାହା ଓଡ଼ିଆ ଭାଷାରେ ଏକଖଣ୍ଡ ବହିରେ (କଟକ ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାଙ୍କର ଯତ୍ନ ଓ ଦୟା ସହକାରେ ଏବଂ ରେଜିଷ୍ଟ୍ରୀ ଉଆଡାର ଇନ୍ସପେକ୍ଟର ଜେନେରଲଙ୍କର ମଞ୍ଜୁରୀରେ) ଛପାଇଅଛୁଁ । ଏବଂ ସେଥି ସଙ୍ଗେ ୮ଗୋ ୩୪ ଟା ଦଲୀଲର ଫର୍ମ ଆଦର୍ଶ ସ୍ୱରୂପ ପ୍ରକାଶ କରିଅଛୁଁ । ଏହି ଆଦର୍ଶ ପତ୍ରମାନଙ୍କୁ ଦେଖି ଲୋକମାନେ ଆପଣା୨ ପ୍ରୟୋଜନୀୟ ଦଲୀଲ ନିଜେ୨ ଲେଖି ନେଇ ପାରିବେ ।

ଆଜକାଲି ୩୪ ଗୋଟା ଦଲୀଲମାନଙ୍କର ଲେଖାଇ ଖର୍ଚ୍ଚ ହାରାହାରି ଟ ୩୪ ଙ୍କା ଲାଗେ ଆମ୍ଭେ ତାହା ସକାଶେ କେବଳ ୩୪ ଅଧଲା ଅର୍ଥାତ୍ ଟ ୦ । ଧାର୍ଯ୍ୟ କରିଅଛୁଁ ଏବଂ ଆଇନ ଓ ନିୟମାବଳୀ ସକାଶେ କେବଳ ଟ ୦ ୧ ଧାର୍ଯ୍ୟ କରିଅଛୁ, ଅତଏବ ଓକିଲ, ମୁକ୍ତାର, ଜମିଦାର ମହାଜନ ଓ ବେପାରି ଇତ୍ୟାଦି ଲୋକମାନେ ଯାହାଙ୍କର ଚଳନ୍ତି ଅଚଳନ୍ତି ସମ୍ପତ୍ତି ସଙ୍ଗେ ସମ୍ପର୍କ ଅଛି ସେମାନେ ସହଜରେ କିଣି ପାରିବେ। ଏବଂ ସେମାନଙ୍କୁ ଉଚିତ ଯେ ଖଣ୍ଡେ୨ ବହି କିଣି ପଞ୍ଜିକା ସ୍ୱରୂପ ଆପଣା୨ ଘରେ ରଖିଥିବେ । ମୂଲ୍ୟ ଅତି ସୁଲଭ ଟ ୦ ୰ ମାତ୍ର— ଏକାବେଳେ ଦଶ ଖଣ୍ଡରୁ ଊର୍ଦ୍ଧ୍ୱ ବହି କିଣିଲେ ଗ୍ରାହକମାନଙ୍କୁ ଶତକରା ୨୫ କମିଶନ ବାଦ ଦିଆଯିବ ।

ଏହି ଦଲୀଲ ରେଜେଷ୍ଟ୍ରୀ ଆଇନ ବହିମାନ ଓଡ଼ିଶା ପ୍ରଦେଶର ପ୍ରତ୍ୟେକ ରେଜିଷ୍ଟ୍ରୀ ଅଫିସରେ ଏବଂ ବାଲେଶ୍ୱର ରାଜା ବାହାଦୁରଙ୍କ ଛାପାଖାନାରେ ବିକ୍ରୟ ନିମିତ୍ତ ମହଜୁଦ ରଖା ଯାଇଅଛି । ଆମ୍ଭର ଦସ୍ତଖତ ସହି ମୋହର ଅଙ୍କିତ ବହି କିଣିବାକୁ କେହି ଇଚ୍ଛା କରିବେ ନାହିଁ ।

କଟକ } ମହମ୍ମଦଅବଦୁସ ସମଦ ଓ ଛତ୍ରଦାର
ତା ୨୭।୩।୧୯୦୩ } ସ୍ପେସିଏଲ ସବ୍‌ରେଜିଷ୍ଟ୍ରାର

## ପ୍ରଶଂସାପତ୍ର ।

ଆମ୍ଭେ କଟକର ସ୍ପେଶିଆଲ ସବରେଜିଷ୍ଟ୍ରାର ମୌଲବୀ ଅବଦୁସ ସମଦଙ୍କଦ୍ୱାରା ସଙ୍କଳିତ ରେଜିଷ୍ଟ୍ରୀ ବିଷୟକ ପୁସ୍ତିକା ପାଠ କରିଅଛୁଁ । ରେଜିଷ୍ଟ୍ରୀ ଆଇନ ଷ୍ଟାମ୍ପ ଆଇନ କୋର୍ଟଫିସ ଆଇନ, ଭାରତବର୍ଷୀୟ ଦଣ୍ଡବିଧି, ମାନନୀୟ ହାଇକୋର୍ଟଙ୍କର ନିୟମାବଳୀ ଓ ରେଜିଷ୍ଟ୍ରୀ ଉଆଡା ଇନ୍ସପେକ୍ଟର ଜେନେରଲଙ୍କଦ୍ୱାରା ପ୍ରଚାରିତ ସର୍କ୍ୟୁଲର ଆଦେଶମାନଙ୍କର ଯେଉଁ ଅଂଶରେ ଦଲୀଲର ରେଜିଷ୍ଟ୍ରୀ ଓ ଦଲୀଲ ସମ୍ପାଦକ ପକ୍ଷମାନଙ୍କର ସମ୍ପର୍କ ଅଛି ସେହି ଆବଶ୍ୟକୀୟ ଅଂଶମାନଙ୍କର ଏହି ପୁସ୍ତକ ସାରସଂଗ୍ରହ ଅଟେ । ଅମ୍ଭ ମତରେ ସମ୍ପର୍କୀୟ ପକ୍ଷମାନେ ଅଜ୍ଞତାବଶତଃ ଯେପରି କୌଣସି ଅପରାଧରେ ଦାୟୀ ନ ହେବେ ସେଥି ସକାଶେ ଯଥେଷ୍ଟ ଉପଦେଶ ଓ ତାଗିଦ ପ୍ରଦତ୍ତ ହୋଇଅଛି । ଦଲୀଲମାନଙ୍କର ଯେ ଆଦର୍ଶ ପ୍ରଦତ୍ତ ହୋଇଅଛି ତାହା ସାଧାରଣଙ୍କର ବିଶେଷ ପ୍ରୟୋଜନରେ ଆସିବ ।

ଓଡ଼ିଶା ବିଭାଗର ଅଧିକାଂଶ ଲୋକ ଏ ପର୍ଯ୍ୟନ୍ତ ଇଂରାଜୀଭାଷାରେ ଅଶିକ୍ଷିତ ଅଛନ୍ତି । ଏହି ପୁସ୍ତିକାରୁ ସେପରି ଲୋକମାନେ ଦଲୀଲ ପ୍ରସ୍ତୁତ କରିବା ଓ ରେଜିଷ୍ଟ୍ରୀ କରାଇବା ସମ୍ବନ୍ଧେ ଆବଶ୍ୟକୀୟ ବିଷୟ ଶିକ୍ଷା କରି ପାରିବେ ଏବଂ ଏହା ଜଣେ ବହୁଦର୍ଶୀ ରେଜିଷ୍ଟ୍ରୀ କର୍ମଚାରୀଙ୍କ ଦ୍ୱାରା ଲିଖିତ ହୋଇଥିବାରୁ ଯେ ପ୍ରକାର ନିର୍ଦ୍ଦୋଷ ଓ ଉପକାରୀ ହୋଇଅଛି, ଅନ୍ୟ କୌଣସି ରେଜିଷ୍ଟ୍ରୀ ଉଆଡା ଭିନ୍ନ ଲୋକଙ୍କ ଦ୍ୱାରା ଲିଖିତ ହୋଇଥିଲେ ଏତେ ଭଲ ହୋଇ ନ ଥାନ୍ତା ।

ଅତ୍ର ମଧ୍ୟ ଆମ୍ଭର ବକ୍ତବ୍ୟ ଯେ ଓଡ଼ିଆଭାଷା ଜାଣିଥିବା କୌଣସି ଶିକ୍ଷିତ ବ୍ୟକ୍ତି ଏହି ପୁସ୍ତିକା ସାହାଯ୍ୟରେ ନିଜର ପ୍ରୟୋଜନାନୁରୂପ ନିଜେ ଦଲୀଲ ଫର୍ମ କରିପାରିବେ ଓ ତଦ୍ୱାରା ମୋଫସଲରେ ଅଭିଜ୍ଞ ଅତଡ଼ାରିକ ଗ୍ରାମ୍ୟ ଟାଉଟମାନଙ୍କ ହସ୍ତରୁ ରକ୍ଷା ପାଇବେ । ଆମ୍ଭେ ସଙ୍କଳୟିତାଙ୍କର ଉଦ୍ଦେଶ୍ୟସିଦ୍ଧି କାମନା କରୁଁ ।

କଟକ ତା ୫ ରଖ ଫେବ୍ରୁଆରି ୧୯୦୩ } ସ୍ୱାଃ ବୈକୁଣ୍ଠନାଥ ଦେ ରାଜାବାହାଦୁର ବାଲେଶ୍ୱର ।

ମୌଲବୀ ଅବଦୁସସମଦ ଦଲୀଲ ପ୍ରସ୍ତୁତ, ରେଜିଷ୍ଟ୍ରୀ କରଣ ସମ୍ବନ୍ଧୀୟ ଆଇନମାନ ଆଦି ଓ ସେ ସବୁରେ ଷ୍ଟାମ୍ପମାସୁଲ ଦେବା ବିଷୟରେ ଆବଶ୍ୟକୀୟ ବ୍ୟବସ୍ଥା ଆଦି ଯେ ପୁସ୍ତିକା ଓଡ଼ିଆଭାଷାରେ ପ୍ରକାଶ କରିବାକୁ ଉଦ୍ୟତ ଅଛନ୍ତି ଆମ୍ଭେ ତାହା ପାଠ କରିଅଛୁଁ । ଯେ କୌଣସି ବ୍ୟକ୍ତିର ସମ୍ପତ୍ତି ସମ୍ବନ୍ଧେ ଅନ୍ୟ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ଅଛି ସେ ଏହି ସବୁ ବ୍ୟବସ୍ଥା ବ୍ୟତୀତ ଚଳି ନ ପାରନ୍ତି ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ଆଇନ ବ୍ୟବସାୟୀଙ୍କ ବିନା ସାହାଯ୍ୟରେ ଏହି ବ୍ୟବସ୍ଥାମାନଙ୍କୁ ସାଧାରଣର ସହଜ ବୋଧଗମ୍ୟ କରିବା ନିମିତ୍ତ କେହି ଚେଷ୍ଟା କଲେ ଦେଶହିତୈଷିମାନଙ୍କଠାରୁ ସେ ଉତ୍ସାହ ପାଇବା ଉଚିତ । ଏହି ଗ୍ରନ୍ଥ ସାଧାରଣଙ୍କର ଯଥାସମ୍ଭବ ଆଦରଣୀୟ ହେବା ଗ୍ରନ୍ଥକର୍ତ୍ତାଙ୍କର ଯେ ପ୍ରଧାନ ଉଦ୍ଦେଶ୍ୟ, ତାହା ସଫଳ ହୋଇଅଛି, ସେଥିପାଇଁ ସାଧାରଣ ବୁଦ୍ଧିଲୋକମାନଙ୍କର ଏହା ବିଶେଷ ଉପକାରରେ ଆସିବ । ଆଜ୍ଞାର ମଧ୍ୟ ନୂଆଇନ ବ୍ୟବସାୟୀମାନେ ଏହି ପୁସ୍ତକରୁ ନିଶ୍ଚୟ ଅନେକ ସାହାଯ୍ୟ ପାଇ ପାରିବେ । ଏହି ପୁସ୍ତକକୁ ପାଠ କଲେ ଜଣାଯିବ ଯେ ମୌଲବୀ ସାହେବ ଏହି ପୁସ୍ତକ ପ୍ରଣୟନରେ ସମଧିକ ପରିଶ୍ରମ କରିଅଛନ୍ତି ଏବଂ ଆମ୍ଭେ ଆଶା କରୁଁ ଏହା ଅଧିକ ପରିମାଣରେ ବିକ୍ରୟ ହେବ; ଏବଂ ଯେଉଁମାନଙ୍କ ସକାଶେ ଏହା ବିଶେଷ ଭାବେ ଅଭିପ୍ରେତ, ସେମାନଙ୍କଠାରୁ ଯଥୋଚିତ ଉତ୍ସାହ ପ୍ରାପ୍ତ ହେବ ।

କଟକ ତା ୨୭ ରଖ ମାର୍ଚ୍ଚ ସନ ୧୯୦୩ } ସ୍ୱାଃ ରାୟ ହରିବଲ୍ଲଭ ବୋଷ ବାହାଦୁର ପ୍ରଧାନ ଓକିଲ କଟକ ।

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ମଧ୍ୟପ୍ରଦେଶରେ ଗତ ତା ୨୧ ଖରେ ଶେଷ ହେବା ସପ୍ତାହରେ ୮୧,୯୮୧ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ଏହି ପୂର୍ବ ସପ୍ତାହର ଅଙ୍କ ତୁଳନାରେ ୧୧ ହଜାରରୁ ଅଧିକ ବଢ଼ିଅଛି । ସୁତରାଂ ଗତ ସପ୍ତାହରେ ଯାହା ଜଣା ପଡ଼ିଥିଲା ତାହା ଅଳ୍ପମାତ୍ର ଥିଲା ।

---

ଗତ ତା ୧୪ ଖରେ ଶେଷ ହେବା ସପ୍ତାହରେ ପ୍ଲେଗ ରୋଗରେ ୨୯,୯୯୭ ଲୋକ ମରିଥିଲେ ମାତ୍ର ଗତ ତା ୨୧ ଖରେ ଶେଷ ହେବା ସପ୍ତାହରେ ୨୯,୨୩୭ ଜଣ ମରିବାର ସମ୍ବାଦ ଆସିଅଛି । ଅତଏବ ମୃତ୍ୟୁସଂଖ୍ୟା ଉଚ୍ଚ ଥିଲେହେଁ ବୃଦ୍ଧି ନ ହୋଇ କମୁଛି ଜଣା ପଡ଼ୁଅଛି ଆଶାପ୍ରଦ ଅଟେ ।

---

ଗତ ରବିବାର ପ୍ରାତଃକାଳର ଗ୍ରସ୍ତୋଦୟ ସୂର୍ଯ୍ୟ ଗ୍ରହଣ ସ୍ପଷ୍ଟ ଦେଖା ଯାଇଥିଲା ଏବଂ ଅଧ ଘଣ୍ଟା ମଧ୍ୟରେ ଛାଡ଼ି ଯିବାରୁ ହିନ୍ଦୁମାନଙ୍କର ସେତେ କିଛି କଷ୍ଟ ହୋଇ ନ ଥିଲା । ଆସନ୍ତା ଶନିବାର ଶେଷ ରାତ୍ରରେ ପ୍ରାୟ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ହେବ । ଏ ଗ୍ରହଣ ରାତ୍ର ଘ ୩।୧୭ ମିନିଟରେ ଆରମ୍ଭ ଏବଂ ଘ ୫।୫୦ ମିନିଟରେ ପରମ ଗ୍ରାସ ହେବ ଏବଂ ଗ୍ରହଣ ଛାଡ଼ିବା ପୂର୍ବରୁ ଚନ୍ଦ୍ର ଅସ୍ତ ହୋଇଥିବେ । ଅତଏବ ଗ୍ରସ୍ତାସ୍ତ ଗ୍ରହଣ ହେତୁ ପରଦିନ ଅର୍ଥାତ୍ ରବିବାର ରାତ୍ରରେ ଚନ୍ଦ୍ର ଦର୍ଶନ ପର୍ଯ୍ୟନ୍ତ ହିନ୍ଦୁ ଶାସ୍ତ୍ରାନୁସାରେ ଅନ୍ନ ଭୋଜନ କର୍ତ୍ତବ୍ୟ ନୁହେ । ସୁତରାଂ ଗତ ଗ୍ରହଣର ସୁଖଠାରୁ ଆସନ୍ତା ଗ୍ରହଣର କଷ୍ଟ ବଳପଡ଼ିବ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ କଲିକତା ହାଇକୋର୍ଟର ଭୂତପୂର୍ବ ପ୍ରଧାନ ବିଚାରପତି ଶ୍ରୀଯୁକ୍ତ ସର ରିଚାର୍ଡ ଗାର୍ଥ ସାହେବ ପରଲୋକ ଗମନ କରିଅଛନ୍ତି । ସର ରିଚାର୍ଡ ଗାର୍ଥ ଏଠାରେ କାର୍ଯ୍ୟ କରୁଥିବା କାଳରେ ଅତ୍ୟନ୍ତ ସ୍ୱାଧୀନ ଭାବରେ ନ୍ୟାୟ ବିଚାର କରିବାଦ୍ୱାରା ଅମ୍ଭମାନଙ୍କର ଯେମନ୍ତ ପ୍ରିୟପାତ୍ର ହୋଇଥିଲେ ଅବସର ନେଇ ବିଲାତରେ ମଧ୍ୟ ଭାରତର ମଙ୍ଗଳ ନିମନ୍ତେ ଲେଖନୀ ଚାଳନାଦ୍ୱାରା ଯଥାବଳ ଅମ୍ଭମାନଙ୍କର ଉପକାର କରୁଥିଲେ । ପ୍ରକୃତରେ ସେ ଜଣେ ଭାରତର ଅମୂଲ୍ୟ ବନ୍ଧୁ ଥିଲେ । ତେଣୁ ତାହାଙ୍କର ବିୟୋଗ ଅଧିକ ଶୋକାବହ ହୋଇଅଛି ।

---

ଗତପୂର୍ବ ରବିବାର ଦିବସ ଏ ନଗରର କାୟସ୍ଥସଭାର ୩ ୟ ବାର୍ଷିକ ଅଧିବେଶନ ହୋଇଥିଲା । ସଭାର ଅନ୍ୟାନ୍ୟ କାର୍ଯ୍ୟମଧ୍ୟରେ ଅନାଥ କାୟସ୍ଥ ଛାତ୍ରମାନଙ୍କ ସକାଶେ ଗୋଟିଏ ଛାତ୍ରାବାସ ନିର୍ମାଣ ଓ ତହିଁର ବ୍ୟୟ ନିର୍ବାହାର୍ଥେ ଚାନ୍ଦା ସଂଗ୍ରହର ପ୍ରସ୍ତାବ ହୋଇ ସର୍ବବାଦୀ ସମ୍ମତରେ ଗୃହୀତ ହୋଇଥିଲା, ତଦନନ୍ତର ନାଉଁପୁରର ଜମିଦାର ଶ୍ରୀଯୁକ୍ତ ବାବୁ ରାଧାକାନ୍ତ ରାୟ ମହାଶୟ କହିଥିଲେ କି ବାଳକମାନଙ୍କ ଶିକ୍ଷାର ବ୍ୟୟ ନିମନ୍ତେ ମାସିକ ଚାନ୍ଦା ଉପରେ ନିର୍ଭର ନ କରି ଗୋଟିଏ ପାଣ୍ଠି ସ୍ଥାପନର ଚେଷ୍ଟା ହେବା ଉଚିତ କି ଯହିଁର ଆୟରୁ କିଛି ସ୍ଥାୟୀ ସାହାଯ୍ୟ ହୋଇ ପାରିବ । ଏ କଥା ଅବଶ୍ୟ ମୂଲ୍ୟବାନ୍ ମାତ୍ର ଏଥିର ସଫଳତା କେତେକ ଜଣ ଉଦାର ମହାନୁଭବ ଧନୀବ୍ୟକ୍ତିଙ୍କର ନିଃସ୍ୱାର୍ଥ ଦାନ ବ୍ୟତିରେକେ ସମ୍ଭବ ନୁହେ । ଭରସା କରୁଁ ମହାଶୟ ଏ ପ୍ରସ୍ତାବ ଉଦୟ କରି ଯେମନ୍ତ ମହତ୍ତ୍ୱ ଓ ସାଧାରଣ ହିତ କାମନାର ପରିଚୟ ଦେଇଅଛନ୍ତି ତାହା କାର୍ଯ୍ୟରେ ପରିଣତ କରିବାକୁ ଅଗ୍ରସର ହେବେ ଏବଂ ତାହାଙ୍କର ଏହି ହିତକାର୍ଯ୍ୟ ଅନ୍ୟମାନଙ୍କର ଆଦର୍ଶ ହେବ ।

---

ଭାରତ ବଡ଼ଲାଟଙ୍କର ବ୍ୟବସ୍ଥାପକ ସଭାର ଗତ ମାସ ତା ୨୭ ଖର ଅଧିବେଶନରେ ବଜେଟର ତର୍କ ବିତର୍କ ହୋଇଥିଲା । ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶ୍ରୀବୃଦ୍ଧିକର ଏବଂ ଉଦ୍‌ବର୍ତ୍ତ ପ୍ରଚୁର ହେବାର ଦେଖି ଗବର୍ଣ୍ଣମେଣ୍ଟ ଲବଣ କର ଏବଂ ଇନକମ ଟିକସ ଆଂଶିକ ଛାଡ଼ ଦେବାଦ୍ୱାରା ସର୍ବସାଧାରଣଙ୍କୁ ସନ୍ତୁଷ୍ଟ କରିଥିବାରୁ ସମାଲୋଚନାର ଅବକାଶ ଅଧିକ ନ ଥିଲା ଏବଂ ସମସ୍ତ ସଭ୍ୟ ସନ୍ତୋଷ ପ୍ରକାଶ କରିଥିଲେ । ତଥାପି ମାନ୍ୟବର ଶ୍ରୀରାମ, ଗୋଖେଲ ଓ ଗୁରଲ୍ ମହୋଦୟମାନେ ସୈନିକ ବ୍ୟୟ ଖର୍ଚ୍ଚ ଓ ଶିକ୍ଷା ଓ ବ୍ୟବସାୟାଦି ଦେଶ ହିତକର କାର୍ଯ୍ୟରେ ଅଧିକ ବ୍ୟୟ କରିବା ବିଷୟମାନ ଜଣାଇବାରେ ତ୍ରୁଟି କରି ନ ଥିଲେ । ସର୍ବାପେକ୍ଷା ସଭାପତି ମହାମାନ୍ୟ ଲର୍ଡ କର୍ଜନଙ୍କର ବକ୍ତୃତା ଅତ୍ୟନ୍ତ ମନୋହର ହୋଇଥିଲା । ସେ ଭାରତ ଶାସନ ସଂକ୍ରାନ୍ତ ସମସ୍ତ ପ୍ରସଙ୍ଗରେ ଗବର୍ଣ୍ଣମେଣ୍ଟଙ୍କର ମନୋଯୋଗ ଥିବାର ପ୍ରକାଶ କରି କହିଥିଲେ କି ଅନୁସନ୍ଧାନର ସମୟ ଗତ ହୋଇଅଛି ଏଥର କାର୍ଯ୍ୟ ହେବ । ଏହି ବର୍ଷ ମଧ୍ୟରେ ଇରିଗେସନ, ଶିକ୍ଷା, ପୁଲିସ ପ୍ରଭୃତି କମିଶନମାନଙ୍କର ରିପୋର୍ଟ ବିବେଚିତ ହୋଇ ଗବର୍ଣ୍ଣମେଣ୍ଟଙ୍କର ଶେଷ ନିଷ୍ପତ୍ତି ବାହାରିବ । ସୁତରାଂ ସେହି ନିଷ୍ପତ୍ତିକୁ ଚାହିଁ ବସିବା ଉଚିତ ।

---

ଗତ ସୋମବାର ପୁରୀ ରାଜାଙ୍କର ଫଉଜଦାରୀ ମୋକଦ୍ଦମାରେ ପୁଣି ରାଜାଙ୍କର ଜେରା ଜୋବାନବନ୍ଦ ହୋଇଥିଲା । ସମସ୍ତ ଜେରାର ସମୟ ଏଥିରେ ଅତିବାହିତ ହୋଇଥିଲେହେଁ ଆସାମୀ ପକ୍ଷର ଉକିଲ ତୃପ୍ତ ନ ହୋଇ ଆଉ ସମୟ ନେଉଥିବା ପରି ଜଣା ଗଲା । ଜେରାରେ ଭାରି ଭିଡ଼ ହୋଇଥିଲା ଏବଂ ରାଜା ଏତେବେଳ ଧୈର୍ଯ୍ୟ ଧରି ଜୋବାନବନ୍ଦ ଦେଇ ପାରିବେ ନାହିଁ ବୋଲି ଯେଉଁମାନେ ମନେ କରୁଥିଲେ ସେମାନଙ୍କର ଭ୍ରମ ଭାଙ୍ଗିଗଲା । ସେ ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ଯଥେଷ୍ଟ ଧୀରତା ଓ ବୁଦ୍ଧି ସହିତ ଉତ୍ତର ଦେଇଥିଲେ । ମୋକଦ୍ଦମା ଉଠାଇ ନେବାର ଦରଖାସ୍ତ ସମ୍ବନ୍ଧୀୟ ପ୍ରଶ୍ନମାନଙ୍କର ଉତ୍ତରରେ ସେ କହିଲେ କି ମହାଜନ ଡାକାଘି ମିଶ୍ର ତାହାଙ୍କୁ କହିଥିଲା କି ମୋକଦ୍ଦମା ଉଠାଇ ନେଲେ ସେ ପଞ୍ଚାଶ ହଜାର ଟଙ୍କା ଋଣ ଦେଇ ଘରବାଡ଼ି ଇତ୍ୟାଦି ନିଲାମରୁ ମୁକ୍ତ କରାଇ ଦେବ । ସେହି ହେତୁ ସେ ମୋକଦ୍ଦମା ଉଠାଇ ନେବାକୁ ସମ୍ମତ ହୋଇଥିଲେ । ମାତ୍ର ଦରଖାସ୍ତରେ ଦସ୍ତଖତ ହେଲା ଉତ୍ତାରୁ ଭିକାରି ଆଉ ଦେଖା ଦେଲେ ନାହିଁ । ସୁତରାଂ ରାଜା ତାହା କଥାରେ ଅବିଶ୍ୱାସ କରି ମୋକଦ୍ଦମା ଚଳାଇବା କାରଣ ଫରିୟାଦିଙ୍କୁ ଆଦେଶ ଦେଲେ । ଗତ କାଲି ଅନ୍ୟ ସାକ୍ଷିମାନଙ୍କର ଜେରା ନିମନ୍ତେ ମୋକଦ୍ଦମା ପଡ଼ିଥିଲା ।

---

ଭୁବନେଶ୍ୱରରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଭୁବନେଶ୍ୱର ଓଡ଼ିଶାର ଗୋଟିଏ ତୀର୍ଥ ସ୍ଥାନ ଥିବାରୁ ନାନାଦେଶୀୟ ଯାତ୍ରୀ ସର୍ବଦା ସେଠାକୁ ଆସନ୍ତି ଏବଂ ସେଠାରେ ସ୍କୁଲ, ଡାକ୍ତରଖାନା, ପୁଲିସ ଆଉଟପୋଷ୍ଟ ଇତ୍ୟାଦି କାର୍ଯ୍ୟାଳୟ ଅଛି । ଏହି କାରଣରୁ ଅନେକ ଚିଠି ପତ୍ରାଦି ଡାକରେ ଆସେ । ଅଥଚ ସେଠାରେ ଗୋଟିଏ ବ୍ରାଞ୍ଚ ପୋଷ୍ଟ ଅଫିସ ଏବଂ ତାହାଙ୍କ ଅଧୀନରେ ଜଣେ ମାତ୍ର ଡାକହରକରା ଅଛି । ଏହି ହରକରା ଏକଶତ ଅଶୀ ଗ୍ରାମ ବୁଲି ଡାକ ଚିଠି ଇତ୍ୟାଦି ବାଣ୍ଟିବା କାର୍ଯ୍ୟ କରେ । ଏଥିରେ ଯେ ଲୋକଙ୍କର କେତେ କଷ୍ଟ ହୁଏ ତାହା ପାଠକମାନେ ଅନାୟାସରେ ଅନୁଭବ କରିପାରନ୍ତି । ୧୮୦ ଗ୍ରାମ ସକାଶେ ଏକଜଣ ହରକରା ନିଯୁକ୍ତ ଥିବାର ପ୍ରକୃତ ହେଲେ ଗ୍ରାମବାସିଙ୍କର କଷ୍ଟଭୋଗ ବିଷୟରେ ସନ୍ଦେହ ନାହିଁ । ଭୁବନେଶ୍ୱର ପରି ସ୍ଥାନରେ ପୋଷ୍ଟ ଅଫିସର କାର୍ଯ୍ୟ ଅଧିକ ଏବଂ ତଦ୍ୱାରା ଆୟ ଯଥେଷ୍ଟ ହେଉଥିବା ସେଠାରେ ଗୋଟିଏ ସବ ପୋଷ୍ଟ ଅଫିସ ହେବା ଏବଂ ହରକରା ସଂଖ୍ୟା ବୃଦ୍ଧି ହେବା ଏକାନ୍ତ ବାଞ୍ଛନୀୟ । ଆମ୍ଭେମାନେ ଏଥିର ସୁବିଧାର କାରଣ ପୋଷ୍ଟଅଫିସର ସୁପ୍ରିଣ୍ଟେଣ୍ଡେଣ୍ଟ ଏବଂ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଅନୁରୋଧ କରୁଅଛୁ । ପତ୍ର-

Digitized by srujanika@gmail.com

Split by PDF Splitter



ପ୍ରେରକ ମହାଶୟଙ୍କୁ ମଧ୍ୟ ପରାମର୍ଶ ଦେଉଅଛୁଁ ଯେ ସେ ସେଠାର କେତେଜଣ ଭଦ୍ରଲୋକଙ୍କ ସ୍ୱାକ୍ଷରିତ ଖଣ୍ଡିଏ ଆବେଦନ ପତ୍ର ପୋଷ୍ଟମାଷ୍ଟର ଜେନେରଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇବା ବିଷୟରେ ଯତ୍ନବାନ୍ ହେଉନ୍ତୁ । ଯତ୍ନ ଓ ଚେଷ୍ଟା ବିନା ବର୍ତ୍ତମାନ୍ ସମୟରେ କାର୍ଯ୍ୟ ସିଦ୍ଧ ହେବା ସହଜ ନୁହେ ।

---

ଆମ୍ଭମାନଙ୍କର ଷ୍ଟେଟ ସେକ୍ରେଟରୀ ଅଳ୍ପଦିନ ତଳେ ବିଲାତରେ ବକ୍ତୃତା ଦେବା ସମୟରେ ପ୍ରକାଶ କରିଅଛନ୍ତି ଯେ ଭାରତବର୍ଷ ବିଲାତର ହୁଙ୍ଗଲଣ୍ଡର ପରାଗ୍ରସ୍ତ ନ ଥାଇ ତାହାକୁ ବଳ ପ୍ରଦାନ କରୁଅଛି ମାତ୍ର ଭାରତବର୍ଷରେ ବିଦ୍ଧ ସ୍ୱେଚ୍ଛାତନ୍ତ୍ର ରହିବା ଉଚିତ ଏବଂ ଭାରତ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟପ୍ରତି ପୂର୍ବେ ପାର୍ଲିୟାମେଣ୍ଟ ଯେତେ ହସ୍ତକ୍ଷେପଣ କରୁଥିଲେ ଏଣିକି ସେରୂପ ହସ୍ତକ୍ଷେପଣ କରିବାର ଇଚ୍ଛା ଅନେକାଂଶରେ ହ୍ରାସ ହୋଇଅଛି । ସେ ଆହୁରି କହିଲେ ଯେ ଦେଶର ଅବସ୍ଥା ଶୋଚନୀୟ ଥିଲେ ମଧ୍ୟ ଭାରତ ବିଲାତର କାର୍ଯ୍ୟରେ ସାହାଯ୍ୟ କରିବାକୁ ତ୍ରୁଟି କରି ନାହିଁ ଏବଂ କେତେକ ବର୍ଷମଧ୍ୟରେ ଭାରତର ବାଣିଜ୍ୟ ଓ ଦେଶର ଅବସ୍ଥା ଉନ୍ନତ ହେବାର ଆଶା ଅଛି ।— ଷ୍ଟେଟ ସେକ୍ରେଟରୀ ମହୋଦୟ ସ୍ୱେଚ୍ଛାତନ୍ତ୍ର ଶାସନର ପକ୍ଷପାତୀ ହେବାର ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ । ଗବର୍ଣ୍ଣମେଣ୍ଟ ସ୍ୱେଚ୍ଛାତନ୍ତ୍ରୀ ଥିଲେ ବିଲାତ ଅଙ୍କନ ଏତେ ଉନ୍ନତ କଦାପି ହୋଇ ନ ଥାନ୍ତା ଏବଂ ସମଗ୍ର ପୃଥିବୀର ଇତିହାସ ଆଲୋଚନା କରି ଦେଖିଲେ କେହି ସ୍ୱେଚ୍ଛାଚାରୀ ଶାସନର ପକ୍ଷପାତୀ ହେବେ ନାହିଁ । ସ୍ୱାଧୀନତା ପ୍ରିୟ ବିଲାତର ଏତେ ଉଚ୍ଚଆସନ ଅଧିକାର କରି ବିଂଶଶତାବ୍ଦିରେ ଆମ୍ଭମାନଙ୍କର ଷ୍ଟେଟ ସେକ୍ରେଟରୀଙ୍କର ଏପରି ମତ ଦେଖି କେଉଁ ସହୃଦୟ ବ୍ୟକ୍ତି ଦୁଃଖିତ ନ ହେବ ? ଏପରି ହେଲେ ଭାରତରେ ଉଚ୍ଚଶିକ୍ଷା ଦେଇ ଲୋକଙ୍କର ଉଚ୍ଚଆକାଂକ୍ଷା ବଢ଼ାଇବାର ପ୍ରୟୋଜନ ନାହିଁ । ବର୍ତ୍ତମାନ ଭାରତ ଗବର୍ଣ୍ଣମେଣ୍ଟଙ୍କର ଶାସନ ଯେ ଅନ୍ୟାୟରୂପେ ଚଳୁଅଛି ଆମ୍ଭେମାନେ ତାହା କହୁ ନାହୁଁ ମାତ୍ର ବିଲାତର ଶାସନପ୍ରଣାଳୀ ଅନୁରୂପରେ ଏଠାରେ ଶାସନ ପ୍ରଣାଳୀ ଗଠିତ ହେଲେ ଭାରତ ଗବର୍ଣ୍ଣମେଣ୍ଟ ଯେମନ୍ତ ସଦର୍ଥତା, ନ୍ୟାୟ ଏବଂ ଦୟାସହିତ ଶାସନକାର୍ଯ୍ୟ ଚଳାଉଅଛନ୍ତି ତାହା ଆହୁରି ସଫଳ ହୋଇ ଲୋକମାନଙ୍କୁ ଉନ୍ନତିପଥରେ ଅଗ୍ରସର କରାଇବ । ବର୍ତ୍ତମାନ ଷ୍ଟେଟ ସେକ୍ରେଟରୀ ହେଁ ଏ ସହଜକଥା ବୁଝିପାରୁ ନାହାନ୍ତି ଏ ଦୁଃଖ କାହାଠାରେ କହିବି ?

---

## କାୟସ୍ଥସଭା

ବଙ୍ଗୀୟ କାୟସ୍ଥସଭାର ବାର୍ଷିକ ଅଧିବେଶନ ଆସନ୍ତା ଗୁଡ଼ଫ୍ରାଇଡ଼େର ପର୍ବ ଉପଲକ୍ଷରେ କଲିକତା ବନ୍ଦ ସମୟ ଅର୍ଥାତ ଚଳିତମାସ ତା ୧୦ ରିଖଠାରୁ ତା ୧୩ ରିଖ ମଧ୍ୟରେ କଲିକତା ସହରରେ ହେବ । ଏଥିପାଇଁ ବହୁ ଆଡ଼ମ୍ବରରେ ଆୟୋଜନ ହେଉଅଛି । ମହାରାଜା ସର ନରେନ୍ଦ୍ର କୃଷ୍ଣଦେବ ବାହାଦୁର କାୟସ୍ଥ ସମାଜର ସମାଜପତି ସ୍ୱରୂପ ଏ ସଭାର ସଭାପତି ଥିଲେ । ତାହାଙ୍କର ସ୍ୱର୍ଗାରୋହଣ ହେବାରୁ ଦନାଜପୁରର ମହାରାଜାଙ୍କୁ ସଭାପତିର ଭାର ଗ୍ରହଣାର୍ଥେ ଅନୁରୋଧ ହୋଇଅଛି । ଆଶା କରୁଅଛୁ ସେ ଉକ୍ତ ପଦ ଗ୍ରହଣ କରିବେ, ଉକ୍ତ ସଭାରେ କେତେଗୁଡ଼ିଏ ଗୁରୁତର ବିଷୟର ଆଲୋଚନା ହେବ । ବଙ୍ଗୀୟ କାୟସ୍ଥମାନେ ଭିନ୍ନ ସମାଜରେ ବିଭକ୍ତ ଏବଂ ସାମାଜିକ ବିଷୟରେ ସେମାନଙ୍କ ମଧ୍ୟରେ ଏତେ ପ୍ରଭେଦ ରହିଅଛି ଯେମନ୍ତ କି ସେମାନେ ଭିନ୍ନ ଭିନ୍ନ ଜାତି ଅଟନ୍ତି । ଏହି ଶ୍ରେଣୀସମାଜର ଉତ୍ପତ୍ତି ବୈବାହିକ ଏବଂ ଅନ୍ୟାନ୍ୟ ରୀତି ନୀତି ଅନୁସନ୍ଧାନ ନିମନ୍ତେ ସଭା ଉକ୍ତ ଶ୍ରେଣୀ ସମାଜର କେତେକଜଣ ପ୍ରତିନିଧିଙ୍କର ଗୋଟିଏ କମିଟି ନିଯୁକ୍ତ କରିଥିଲେ । କମିଟି ଅନୁସନ୍ଧାନ ପୂର୍ବକ ଏହି ସିଦ୍ଧାନ୍ତ କରିଅଛନ୍ତି କି (୧) ଉକ୍ତ ଶ୍ରେଣୀସମାଜର କାୟସ୍ଥର ମୂଳ ଏକ ଏବଂ ସେମାନେ ସମସ୍ତେ ଉତ୍ତର ପଶ୍ଚିମରୁ ବଙ୍ଗଦେଶକୁ ଆସିଅଛନ୍ତି; (୨) କାୟସ୍ଥମାନେ ବର୍ଣ୍ଣରେ କ୍ଷତ୍ରିୟ ଅଟନ୍ତି ଏବଂ ତଦ୍ରୂପ ଆଚାର ଓ ସଂସ୍କାର ସେମାନଙ୍କର କର୍ତ୍ତବ୍ୟ ଅଟେ; ଏବଂ (୩) ଶ୍ରେଣୀସମାଜର କାୟସ୍ଥଙ୍କ ମଧ୍ୟରେ ପରସ୍ପର ଆଦାନ ପ୍ରଦାନ ବା ପୁତ୍ର କନ୍ୟାଙ୍କର ବିବାହ ହେବେତ ଶାସ୍ତ୍ରାଧୀନରେ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଅଟେ । ଏହି ତିନୋଟି କଥା ଯେବେ ସଭାର ଆସନ୍ନ ଅଧିବେଶନରେ ଧାର୍ଯ୍ୟ ହେବ ତେବେ ସଭାର ପରିଶ୍ରମ ସାର୍ଥକ ହେବ ସନ୍ଦେହ ନାହିଁ ଏବଂ ଏହାଦ୍ୱାରା କାୟସ୍ଥ ଜାତିର ଅଶେଷ ଉନ୍ନତି ହେବ ଏହା ବୋଲିବା ବାହୁଲ୍ୟ ଅଟେ । ଏକତାହିଁ ସମସ୍ତ ଉନ୍ନତିର ମୂଳ ଏବଂ ବିଚ୍ଛିନ୍ନତା ଦୁର୍ଗତିର ହେତୁ ଏକଥା କାହାରିକୁ ଅଜଣା ନାହିଁ । ଆମ୍ଭେମାନେ ଆଶା କରୁଁ ଏଠା କାୟସ୍ଥ ସଭାର ପ୍ରତିନିଧି ସ୍ୱରୂପ କେତେକଜଣ କଲିକତାର ଏହି ବାର୍ଷିକ ସଭାରେ ଯୋଗ ଦେବାକୁ ଅଗ୍ରସର ହେବେ ।

---

## ଏଠା ମିଉନିସିପାଲ ନିର୍ବାଚନର ଫଳ ।

ଗତ ବର୍ଷ ଏହି ସମୟରେ ଏ ନଗରର କରଦାତାମାନଙ୍କର ଯେଉଁ ବିରାଟ ସଭା ଏଠା ମିଉନିସିପାଲ କଚେରୀ ହତା ବା ଜୁବିଲି ଉଦ୍ୟାନରେ ହୋଇଥିଲା ଏବଂ ସେଠାରେ ସହସ୍ର ନଗରବାସୀ ସମକ୍ଷରେ ଏଠା ମିଉନିସିପାଲିଟୀର କାର୍ଯ୍ୟ ବିଶେଷତଃ ସେ ସମୟର ମିଉନିସିପାଲ କରଆଦାୟ ପ୍ରଣାଳୀର ଯେଉଁ ତୀବ୍ର ସମାଲୋଚନା କରି ନଗର ବ୍ୟାକୁଳ ହୋଇ ଶାହିଁ ତାକ ପଠାଇଥିଲେ ତାହା ଦେଖି ମନେ ହେଉଥିଲା ଯେ କରଦାତାମାନେ ଯୋଗ୍ୟ କମିଶନର ନିର୍ବାଚନ କାର୍ଯ୍ୟରେ ହେଳା କରିବାର ଫଳ ବିଲକ୍ଷଣରୂପେ ହୃଦୟଙ୍ଗମ କରିଅଛନ୍ତି ଏବଂ ଭବିଷ୍ୟତରେ ସେ ବିଷୟରେ ଯଥାସାଧ୍ୟ ସାବଧାନ ହେବେ । ବାସ୍ତବରେ ଗତ ନିର୍ବାଚନରେ ପୁରୁଣା କମିଶନରମାନଙ୍କ ସଙ୍ଗେ ପ୍ରତିଯୋଗିତା କରିବା କାରଣ ଅନେକ ନୂତନ ବ୍ୟକ୍ତି ବାହାରିବାଦ୍ୱାରା ତହିଁର ଆଭାସ ଦେଇଥିଲେ । ମାତ୍ର ନିର୍ବାଚନ ସମୟରେ କରଦାତାମାନଙ୍କର ସେ ପ୍ରକାର ସଜୀବତା ଦେଖା ଗଲା ନାହିଁ । କେବଳ ନ ୧ ମ୍ବର ଓ ନ ୨ ମ୍ବର ଏହି ଦୁଇ ୱାର୍ଡ଼ର ୨ ଜଣ ପୁରୁଣା କମିଶନରଙ୍କ ସ୍ଥାନରେ ନୂତନ ୨ ଜଣ ନିର୍ବାଚିତ ହେଲେ ଏବଂ ଅନ୍ୟ ସମସ୍ତ ୱାର୍ଡ଼ର ପୁରୁଣା କମିଶନରମାନେ ପୁନର୍ବାର ନିର୍ବାଚିତ ହେଲେ । ତହିଁ ମଧ୍ୟରେ ନ ୪ ମ୍ବର ୱାର୍ଡ଼ରେ ପ୍ରତିଦ୍ୱନ୍ଦ୍ୱିତା ବିଶେଷ ପ୍ରବଳ ହୋଇଥିଲା । ସେ ଏଣିକାଲି ପୁରୁଣା କମିଶନର ଏବଂ ମିଉନିସିପାଲିଟୀର ବର୍ତ୍ତମାନ ଚେୟରମାନ ବାବୁ ଜାନକୀନାଥ ବୋଷ ଏକ ପକ୍ଷ ଏବଂ ନୂତନ ପ୍ରାର୍ଥୀ ବାବୁ ମାଲମଣି ନନ୍ଦ ଦେ ଅନ୍ୟ ପକ୍ଷ ଥିଲେ । ମାଲମଣିବାବୁ ନିର୍ବାଚନ ସଭାରେ ଏକ ବକ୍ତୃତାଦ୍ୱାରା ବାଧ ଷ୍ଟିକର ବନ୍ଦୋବସ୍ତ ଘଟିତ ମହା କପଟର ମୂଳାଧାର ଚେୟରମାନ ଥିବାର ମତଦାତାମାନଙ୍କୁ ଜଣାଇ ଦେବାରେ ତ୍ରୁଟି କରି ନ ଥିଲେ ଏବଂ କାର୍ଯ୍ୟତଃ ଅନେକ ମତ ପାଇଥିଲେ । ଯଦ୍ୟପି କି ୨ ଟା ମତ ହେଉ ହାରି ଗଲେ ମାତ୍ର ତହିଁ ମଧ୍ୟରେ ଅନ୍ତତଃ ୨ ଟା ଅବୈଧ ସନ୍ଦେହଜନକ । ସେ ଦୁଇଜଣ ମାଲମଣି ବାବୁଙ୍କ ପ୍ରାର୍ଥନାପତ୍ର ସମର୍ଥନ ପୂର୍ବକ ସ୍ୱାକ୍ଷର କରିଥିଲେ ମାତ୍ର ନିର୍ବାଚନ ସମୟରେ ଅନ୍ୟ ପକ୍ଷରେ ମତ ଦେଲେ । ସେ ଦୁଇଜଣ ଭଦ୍ରଲୋକ । ସେମାନଙ୍କର ଏ ପ୍ରକାର ମତ ପରିବର୍ତ୍ତନ ନ୍ୟାୟସଙ୍ଗତ କି ନା ଏବଂ ଅନ୍ୟାୟ ହେଲେ ତହିଁପାଇଁ ଉଚିତ ବିଚାର ହେବା ଉଚିତ କି ନା ତହିଁର ବିଚାର କରିବାକୁ ଆଇନମତେ ଯେ ସକ୍ଷମ ସେ କରନ୍ତୁ । ଆମ୍ଭମାନଙ୍କର କହିବାର ଏତିକି ଯେବେ ଶିକ୍ଷିତ ଭଦ୍ରଲୋକଙ୍କ ମଧ୍ୟରେ ମତର ଏପରି ଅସ୍ଥିରତା ରହିଅଛି ତେବେ ସାଧାରଣ ସାମାନ୍ୟ ଶ୍ରେଣୀର ଲୋକଙ୍କର ମତର ଦୃଢ଼ତା ଉପରେ ନିର୍ଭର କରାଯିବ ? ଏବଂ ଏହା ଦେଖି କେଉଁ ଭଦ୍ରଲୋକ କମିଶନର ହେବାପାଇଁ ସାହସୀ ହେବ ? ଯାହ

Digitized by srujanika@gmail.com

ହେଉ ଏଥର ନିର୍ବାଚନର ଫଳ ଏହି ହେଲା ଯେ ଯେଉଁ କମିଶନରଙ୍କ ଉପରେ କରଦାତାମାନେ ପୂର୍ବରୁ ବିଶେଷ ବିରକ୍ତ ହୋଇଥିଲେ ସେ ବନ୍ଧୁ କଷ୍ଟରେ ପୁନର୍ବାର ନିର୍ବାଚିତ ହେଲେ ମାତ୍ର ତାହାଙ୍କୁ ଚେଅରମାନ କରିବା କାରଣ ଯେଉଁ କମିଶନରମାନେ ବିଶେଷ ସାହାଯ୍ୟ କରିଥିଲେ ସେମାନେ ଅନ୍ତର ହୋଇଗଲେ !!

---

### ଫିରଙ୍ଗି ପୋଷିବାର ଚେଷ୍ଟା ।

ଗତ ଦିଲ୍ଲୀଦରବାର ସମୟରେ ଅର୍ଥାତ ଗତ ଜାନୁଆରି ମାସ ତା ୬ ରିଖରେ ଦିଲ୍ଲୀରେ ଗୋଟିଏ ରେଲବେ ସମିତି ବସିଥିଲା । ଏଦେଶୀୟ [illegible] ଅଥବା ଫିରଙ୍ଗିମାନଙ୍କୁ ରେଲବେ ବିଭାଗରେ ଅଧିକ ପରିମାଣରେ ଚାକିରି ଦେବା ସମିତିର ଗୋଟିଏ ପ୍ରଧାନ କର୍ତ୍ତବ୍ୟ ବିଷୟ ଥିଲା । ସମିତିରେ ସ୍ଥିର ହେଲା ଯେ ରେଲବେ ବିଭାଗର ଇନସପେକ୍ଟର, ସବଇନସପେକ୍ଟର, ଡ୍ରାଇଭର, ଫୋରମାନ, ଷ୍ଟେସନ ମାଷ୍ଟର, ଅସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର, ସିଗ୍ନାଲର, ଏହାଭିନ୍ନ ଅନ୍ୟାନ୍ୟ ବିଭାଗର ନାନା କର୍ମଚାରୀ ଏମନ୍ତ କି ମାସିକ ଟ ୩୦ ୯ ଙ୍କା ବେତନର ଊର୍ଦ୍ଧ୍ୱ ପଦର ଗିରରେ ଫିରଙ୍ଗିମାନଙ୍କୁ ନିଯୁକ୍ତ କରିବାକୁ ହେବ । ସମିତିର ଉକ୍ତ ଅଧିବେଶନର କାର୍ଯ୍ୟ ବିବରଣ ଭାରତର ସମସ୍ତ ରେଲବେର ମାନେଜରମାନଙ୍କ ନିକଟକୁ ଏକ ସର୍କ୍ୟୁଲର ପତ୍ରଦ୍ୱାରା ପ୍ରେରିତ ହେଲା ଏବଂ କେଉଁ ରେଲବେରେ କେଉଁ ଜାତିର କେତେ କର୍ମଚାରୀ ଅଛନ୍ତି ଏବଂ ଫିରଙ୍ଗିମାନେ କି ପରିମାଣରେ ନିଯୁକ୍ତ ହୋଇପାରିବେ ଓ ତହିଁରେ ଅଧିକା ବ୍ୟୟ କେତେ ହେବ ସେ ସମ୍ବାଦମାନ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା କାରଣ ଉକ୍ତ ସର୍କ୍ୟୁଲରରେ ପ୍ରାର୍ଥନା ହୋଇଥିଲା । ସମିତିର କାର୍ଯ୍ୟାବଳୀ କିମ୍ବା ଉପର ଲିଖିତ ସର୍କ୍ୟୁଲର କୌଣସି ସମ୍ବାଦ ପତ୍ରରେ ପ୍ରକାଶ ହୋଇ ନ ଥିବାରୁ ଲୋକେ ସେ ସମସ୍ତ କିଛି ଜାଣି ପାରି ନ ଥିଲେ । କଲିକତାର ସଞ୍ଜୀବନୀ କୌଣସି ସୂତ୍ରରେ ସେ ସମସ୍ତ ଅବଗତ ହୋଇ ପ୍ରକାଶ କରିବାରୁ ଅନ୍ୟାନ୍ୟ ସମ୍ବାଦ ପତ୍ରରେ ଏ ବିଷୟ ଆନ୍ଦୋଳିତ ହେଲା ଏବଂ ସମ୍ପ୍ରଦାୟ ବିଶେଷ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଏପ୍ରକାର ଅବୈଧ ଅନୁଗ୍ରହ ସୂଚନା କରି ଏଦେଶୀୟମାନେ ଆଶ୍ଚର୍ଯ୍ୟ ଏବଂ ଆତଙ୍କିତ ହେଲେ । ଭାରତୀୟ ବ୍ୟବସ୍ଥାପକ ସଭାର ଗତ ମାସର ଶେଷ ଅଧିବେଶନରେ ମାନ୍ୟବର ଶ୍ରୀରାମ ଏବଂ ଗୋଖେଲ ସଦସ୍ୟମାନେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଏ ବିଷୟରେ ପ୍ରଶ୍ନ କରନ୍ତେ ଜଣେ ସରକାରୀ ସଦସ୍ୟ ମାନ୍ୟବର ଅରଣ୍ଡେଲ ସାହେବ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଉତ୍ତର ଦେଲେ କି ପ୍ରଶ୍ନ ଲିଖିତମତେ ଦିଲ୍ଲୀରେ ଗୋଟିଏ ଅର୍ଦ୍ଧ ସରକାରୀ ସମିତି ବସିବା ଏବଂ ସର୍କ୍ୟୁଲର ଚିଠି ପଠା ଯିବା କଥାମାନ ସତ୍ୟ ମାତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସେ ସମ୍ବନ୍ଧରେ କିଛି କାର୍ଯ୍ୟ କରି ନାହାନ୍ତି ଏବଂ ସମିତିର କାର୍ଯ୍ୟାବଳୀ ବିଧିମତେ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଆସି ନ ଥିବା ଏବଂ ଗବର୍ଣ୍ଣମେଣ୍ଟ କିଛି ନିଷ୍ପତ୍ତି କରି ନ ଥିବାରୁ ତାହା ପ୍ରକାଶର ଯୋଗ୍ୟ ନୁହେ । ଏ ଉତ୍ତର ସନ୍ତୋଷଜନକ ବା ସମ୍ପୂର୍ଣ୍ଣ ହେଲା କି ? ସମିତିର କାର୍ଯ୍ୟାବଳୀ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ବିଧିମତେ ଆସୁ ବା ନ ଆସୁ ଯେ ସ୍ଥଳେ ସରକାରୀ ମହକୁମର ସର୍କ୍ୟୁଲରଦ୍ୱାରା ତାହା ରେଲବେ ମାନେଜରଙ୍କ ନିକଟକୁ ପଠା ଯାଇଅଛି ସେ ସ୍ଥଳେ ଗବର୍ଣ୍ଣମେଣ୍ଟଙ୍କର ଅଜ୍ଞାତସାରରେ କାର୍ଯ୍ୟ ହେବାର ବୋଲାଯାଇ ନ ପାରେ । ଅନ୍ତତଃ ପ୍ରଶ୍ନ ହେବାଦ୍ୱାରା ସେ କଥା ଗବର୍ଣ୍ଣମେଣ୍ଟଙ୍କର କର୍ଣ୍ଣ ଗୋଚର ହେଲେ ମଧ୍ୟ ତାହା ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଉଚିତ ହୋଇଅଛି କି ନା ଏବଂ ଗବର୍ଣ୍ଣମେଣ୍ଟ ତାହା ଅନୁମୋଦନ କରନ୍ତି କି ନା ବର୍ତ୍ତମାନ ସୁଦ୍ଧା ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ପ୍ରକାଶ ହୋଇ ନାହିଁ । ଏଥିରୁ "ମୌନଂ ସମ୍ମତି ଲକ୍ଷଣଂ" ଅନୁମାନ କରିବା ଅସଙ୍ଗତ ନୁହେ । ସୁତରାଂ ଗବର୍ଣ୍ଣମେଣ୍ଟଙ୍କର ଉତ୍ତରଦ୍ୱାରା ଏ ଦେଶୀୟଙ୍କର ଭୟ ଦୂର ହୋଇ ନାହିଁ । ପରନ୍ତୁ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ମହକୁମାରୁ ଗୋଟିଏ ସର୍କ୍ୟୁଲର ବାହାରିଲା ଏବଂ ଗବର୍ଣ୍ଣମେଣ୍ଟ ତାହା ଜାଣି ପାରିଲେ ନାହିଁ । ଏଥିରୁ ଜଣାଯାଏ ଯେ ଅଧୀନ କର୍ମଚାରୀଙ୍କର କାର୍ଯ୍ୟ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ସମୁଚିତ ଦୃଷ୍ଟି ନାହିଁ ଏବଂ ଲର୍ଡ କର୍ଜନ ବାହାଦୁରଙ୍କର ସୁଶାସନ ପ୍ରତି ଏହା ଗୌରବର ବିଷୟ ନୁହେ ।

---

### ପଥକର ଜମାବନ୍ଦି ।

ଏ ଜିଲ୍ଲାର ପଥକର ଜମାବନ୍ଦି ହେଉଥିବା ସ୍ଥଳେ ଅବୈଧରୂପେ ହୋଇଥିବା ବିଶେଷତଃ ଲାଖରାଜ ବାଜେୟାପ୍ତି ଖରିଦା ଜମାବନ୍ଦି ପ୍ରଭୃତି ଜମିର ପଥକର କିପରି ଅନ୍ୟାୟରୂପେ ହୋଇଥିବାର କେତେକ ମାସ ପୂର୍ବେ ଆମ୍ଭେମାନେ ପୁନଃ ପୁନଃ ପ୍ରକାଶ କରିଥିଲୁ ଏବଂ ଲାଖରାଜ ବାଜେୟାପ୍ତି ଜମି ସମ୍ବନ୍ଧରେ ଏ ବିଭାଗର କମିଶନରସାହେବଙ୍କର ଏକ ନିଷ୍ପତ୍ତି ପ୍ରକାଶ କରି ତଦନୁସାରେ ପଥକର ଧାର୍ଯ୍ୟ କରିବା କାରଣ ଜମାବନ୍ଦି କର୍ତ୍ତା ଏବଂ ତାହାଙ୍କ ଉପରସ୍ଥ ହାକିମମାନଙ୍କୁ ଅନୁରୋଧ କରିଥିଲୁ । ମାତ୍ର ସେ ଅନୁରୋଧ ଅରଣ୍ୟରେ ରୋଦନ ପ୍ରାୟ ହେଲା ଏବଂ ବନ୍ଦୋବସ୍ତକର୍ତ୍ତା କମିଶନରସାହେବଙ୍କର ନିଷ୍ପତ୍ତିକୁ ଆସ୍ଥା ନ କରି ନିଜ କାର୍ଯ୍ୟ ସ୍ଥିର ରଖିଲେ । ଲୋକେ ମଧ୍ୟ [illegible] ଓ ବନ୍ଦୋବସ୍ତରେ ଅପିଲ ନ କରି କପାଳରେ ହାତଦେଇ ବସିଲେ । କେବଳ ଏକଜଣର ଅପିଲ ହୋଇଥିଲା ଯେ ତାହା ଗତମାସ ତା ୬ ରିଖରେ ଶ୍ରୀଯୁକ୍ତ କମିଶନରସାହେବ ନିଷ୍ପତ୍ତି କରିଥିବାର ଆମ୍ଭେମାନେ ଅବଗତ ହୋଇଅଛୁଁ । ଉକ୍ତ ଅପିଲରେ ଅପିଲାଣ୍ଟ ଅନ୍ୟାନ୍ୟ ମଧ୍ୟରେ ଆପତ୍ତି କରିଥିଲା କି ଲାଖରାଜ ବାଜେୟାପ୍ତି ଜମି ଲାଖରାଜଦାର ନିଜେ ଚାଷ କରିବା ସ୍ଥଳେ ତହିଁଉପରେ ସରକାରୀ ବନ୍ଦୋବସ୍ତ ଜମାକୁ ରେଭିନିଉର ଜମା ଧରିବାକୁ ହେଲେ ଗ୍ରାମର ହାରାହାରି ଦର ଅନୁସାରେ ଜମା ହେବ ନାହିଁ । ଅପିଲ ନିଷ୍ପତ୍ତି ସମୟରେ କମିଶନରସାହେବ ଦେଖିଲେ ଯେ କଲେକ୍ଟରସାହେବ ଉକ୍ତ ଅପିଲ ସମ୍ବନ୍ଧରେ ଯେ ରିପୋର୍ଟ ଦେଇଥିଲେ ତହିଁରେ ସମସ୍ତ ଆପତ୍ତିର ଉତ୍ତର ନ ଥିଲା । ସମ୍ଭବତଃ ସେ ମୋଟରେ ଲେଖିଦେଇଥିଲେ ଯେ ଆଇନାନୁସାରେ ପଥକର ଧାର୍ଯ୍ୟ ହୋଇଅଛି । ମାତ୍ର ଅପିଲାଣ୍ଟ କେତେଖଣ୍ଡ ଖତିୟାନ ଦାଖଲ କରି ସାହେବ ମହୋଦୟଙ୍କୁ ଦେଖାଇଦେଲେ ଯେ ବାଜେୟାପ୍ତିଦାର ନିଜେ ଚାଷ କରୁଥିବା ଜମିଉପରେ ମଧ୍ୟ ସରକାରୀ ବନ୍ଦୋବସ୍ତ ଜମାକୁ ଗ୍ରହଣ ନ କରି ପଥକର ବନ୍ଦୋବସ୍ତ କର୍ତ୍ତା ଗ୍ରାମ୍ୟଦର ଅନୁସାରେ ଜମା ଭିଡ଼ିଅଛନ୍ତି । ଏହାଧିକ ସ୍ଥଳେ ଏପରି ଘଟିବାର ଦେଖି କମିଶନରସାହେବ ବୁଝିପାରିଲେ ଯେ ଆଇନାନୁସାରେ ରୋଡସେସ ଜମାବନ୍ଦି ହୋଇ ନାହିଁ । ଅତଏବ ସେ ଅପିଲ ଡିକ୍ରି କରି ଆଇନର ଉପରଲିଖିତ ମର୍ମ ଏବଂ ବୋର୍ଡ ରେଭିନ୍ୟୁଙ୍କର ଆଦେଶ ଅନୁସାରେ ଜମାବନ୍ଦି ସଂଶୋଧନ କରିବା କାରଣ କଲେକ୍ଟରସାହେବଙ୍କୁ ଆଜ୍ଞା ଦେଇଅଛନ୍ତି । ଏହି ଆଜ୍ଞାଦ୍ୱାରା ଅପିଲାଣ୍ଟ ପ୍ରତିକାର ପାଇଲା ଏବଂ କମିଶନରସାହେବଙ୍କର ନ୍ୟାୟ ପରାୟଣତାର ଯଶ ବିସ୍ତାର ହେଲା ମାତ୍ର ଏହି ମାମଲା ସମ୍ବନ୍ଧୀୟ କଲେକ୍ଟରସାହେବଙ୍କର ରିପୋର୍ଟ ଅସମ୍ପୂର୍ଣ୍ଣ ବିବେଚନା ହେବା ସ୍ଥଳେ ସ୍ପଷ୍ଟ ବୁଝାଯାଉଅଛି ଯେ ସେ ସାବଧାନ ପୂର୍ବକ ଅନୁସନ୍ଧାନ ନ କରି ପଥକର ଜମାବନ୍ଦି କରିଅଛନ୍ତି । ଏବଂ ତଦ୍ୱାରା ଆପତ୍ତି ବା ଅପିଲ କରି ନ ଥିବା ସହସ୍ର ସହସ୍ର ବାଜେୟାପ୍ତିଦାର ଅନ୍ୟାୟ ପଥକର ଦେବାକୁ ବାଧ୍ୟ ହୋଇଅଛନ୍ତି । ନୂତନ ଜମାବନ୍ଦିରେ [illegible] ପଥକର ପୂର୍ବଠାରୁ ଶତକଡ଼ା ଟ ୩ ୯ ଙ୍କା ଲେଖାଏଁ ବୃଦ୍ଧି ହୋଇଥିବା ସ୍ଥଳେ [illegible] ରେ ଶତକଡ଼ା ଟ ୬୦ ୯ ଙ୍କା ବୃଦ୍ଧି ହେବା ଅନ୍ୟାୟ ଜମାବନ୍ଦିର ଗୋଟିଏ ନିଦର୍ଶନ ନୁହେ କି ? ନିୟମାନୁସାରେ କାର୍ଯ୍ୟ ହୋଇଥିଲେ ଏତେ ବୃଦ୍ଧି ହୋଇଥାନ୍ତା ନ ଥାନ୍ତା । ସରକାର

Split by PDF Splitter
Digitized by srujanika@gmail.com

Split by PDF Splitter



ଯେମନ୍ତ ଚର ନେବାର ବ୍ୟବସ୍ଥା କରୁଅଛନ୍ତି ସେମନ୍ତ ତାହା ଅନ୍ୟାୟରୂପେ କାହାଠାରୁ ଅଧିକା ନ ନେବାର ବହୁତ କଳ୍ପନା କରୁଅଛନ୍ତି । ଯାହାଙ୍କୁ କର ଧାର୍ଯ୍ୟର ଅଧିକାର ଦିଆଗଲା ସେ ଯେବେ ଅନ୍ୟାୟରୂପେ ତାହା ଧାର୍ଯ୍ୟ କରିବାର ଜଣାଗଲା ଅଥଚ ତହିଁର ପ୍ରତିବିଧାନ ହେଲା ନାହିଁ ତେବେ ନ୍ୟାୟର ମର୍ଯ୍ୟାଦା ରହିଲା କି ? ଆମ୍ଭମାନଙ୍କ କ୍ଷୁଦ୍ର ବୁଦ୍ଧିରେ ସମସ୍ତ ନାଜ୍ୟାପଣ୍ଡିଦାରଙ୍କର ଜମାବନ୍ଦି ପୁନର୍ଦ୍ଦୃଷ୍ଟିର ଆବଶ୍ୟକ । ଏଥିରେ ଅନେକ କାର୍ଯ୍ୟ ବଢ଼ିବ ଏବଂ ସରକାର ଭଣ୍ଡାରଘରେ ପଡ଼ିବେ ସତ୍ୟ ମାତ୍ର ତାହା ନ ହେଲେ ସରକାର କାହାର କର୍ମଚାରୀମାନଙ୍କୁ ଚିହ୍ନିବେ କିପରି ଏବଂ ସେମାନେ ଉଚିତ ଶିକ୍ଷା ପାଇବେ କିପରି ?'

---

## ବଙ୍ଗେଶ୍ୱରଙ୍କର ଦରବାର ।

ଗତପୂର୍ବ ଶୁକ୍ରବାର ଅପରାହ୍ନ ସ ୪ ଘଣ୍ଟା ବେଳେ ବଙ୍ଗପ୍ରଦେଶର ଲେପ୍ଟନାଣ୍ଟ ଗବର୍ଣ୍ଣରଙ୍କର କଲିକତାସ୍ଥ ବେଲଭେଡିୟର ନାମକ ପ୍ରାସାଦରେ ଏକ ଦରବାର ହୋଇଥିଲା । ଗତ ଜାନୁଆରୀମାସ ତା ୧ ରିଖରେ ବଙ୍ଗଦେଶର ଯେଉଁମାନେ ଉପାଧି ଓ ସମ୍ମାନ ପାଇଥିଲେ ସେମାନଙ୍କୁ ତହିଁର ଖିଲାତ ଓ ସନନ୍ଦ ଦେବା ଏହି ଦରବାରର ଉଦ୍ଦେଶ୍ୟ ଥିଲା । ଅନ୍ୟାନ୍ୟ ସମୟରେ ଯେପରି ଆଡ଼ମ୍ବରରେ ଦରବାର ହୁଏ ଏଥର ମଧ୍ୟ ସେହିପରି ହୋଇଥିଲା । ସଭାଗୃହଟି ଅତି ମନୋହରରୂପେ ସୁସଜ୍ଜିତ ହୋଇଥିଲା ଏବଂ ଆମନ୍ତ୍ରିତ ଗଣ୍ୟମାନ୍ୟ ସରକାରୀ ଓ ବେସରକାରୀ ମହାଶୟଙ୍କଦ୍ୱାରା ପରିପୂର୍ଣ୍ଣ ହୋଇଥିଲା । ଯଥାସମୟରେ ମାନ୍ୟବର ଛୋଟ-ଲାଟ ବାହାଦୁର ସଦଳବଳରେ ଦରବାରରେ ପ୍ରବେଶ କରି ଆସନ ଗ୍ରହଣ କଲାଉତ୍ତାରୁ ପ୍ରଥମେ ଦୁଇଜଣ ଜମ୍ପସେକ୍ରେଟର ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବଙ୍କୁ ବସ୍ତ୍ରାଗାରରେ ଖିଲାତ ପିନ୍ଧାଇ ବେଦୀ ସମ୍ମୁଖରେ ଉପସ୍ଥିତ କରନ୍ତେ ପ୍ରଧାନ ସେକ୍ରେଟରୀ ମାନ୍ୟବର ଛୋଟଲାଟଙ୍କୁ ଭେଟାଇ ଦେଲେ ଏବଂ ଦରବାରରେ ଉପସ୍ଥିତ ଥିବା ସମସ୍ତେ ଦଣ୍ଡାୟମାନ ହେଲେ । ମାନ୍ୟବର ମହୋଦୟ ମହାରାଜାଙ୍କୁ ସମ୍ବୋଧନ କରି କହିଲେ କି "ଆପଣଙ୍କ ସହିତ ଆମ୍ଭର ପରିଚୟ ହେବା ପୂର୍ବେ ପୂର୍ବ ଲେପ୍ଟନାଣ୍ଟ ଗବର୍ଣ୍ଣର ପରଲୋକଗତ ସରଜନ ଉଡ଼ବରନ ସାହେବ ଅନେକଥର ଆପଣଙ୍କର କଥା ଆମ୍ଭଙ୍କୁ କହୁଥିଲେ ଏବଂ ସେ ସର୍ବଦା ଆପଣଙ୍କର ସୁଖ୍ୟାତି କରୁଥିଲେ । ସେ ବଞ୍ଚିଥିଲେ ଆଜି ଆପଣଙ୍କୁ ଉପାଧି ସନନ୍ଦ ପ୍ରଦାନ କରି ଅତି ସନ୍ତୋଷ ହୋଇଆନ୍ତେ । ଆପଣ ଯୋଗ୍ୟତା ସହକାରେ ଓଡ଼ିଶା ଗଡ଼ଜାତ ରାଜାମାନଙ୍କର ନେତାସ୍ୱରୂପ କାର୍ଯ୍ୟ କରୁଅଛନ୍ତି ଏବଂ ଆପଣ ଏକା ସାଧାରଣ ବିଷୟରେ ନାହିଁ ନିଜର ଘରବିଷୟରେ ମଧ୍ୟ ଯେମନ୍ତ ପ୍ରଶଂସନୀୟରୂପେ ଜୀବନଯାତ୍ରା ନିର୍ବାହ କରୁଅଛନ୍ତି ଓଡ଼ିଶା ଗଡ଼ଜାତର ଅନ୍ୟାନ୍ୟ ରାଜାମାନେ ତାହାକୁ ଆଦର୍ଶସ୍ୱରୂପ ଗ୍ରହଣ କଲେ ସେମାନଙ୍କର ମଙ୍ଗଳ ହେବ । ଆପଣଙ୍କର ନାବାଳଗି ସମୟରେ ଆପଣଙ୍କପରି ଜଣେ ସୁଛାତ୍ର ପାଇ ଗବର୍ଣ୍ଣମେଣ୍ଟ ଗୌରବାନ୍ୱିତ ହୋଇଅଛନ୍ତି ଏବଂ ଆପଣ ରାଜ୍ୟଭାର ପ୍ରାପ୍ତହୋଇ ବିଚକ୍ଷଣ ଓ ସୁନ୍ଦରରୂପେ ଶାସନ କରୁଅଛନ୍ତି ଏବଂ ସ୍ୱ ରାଜ୍ୟର ସୀମାର ବାହାରେ ମଧ୍ୟ ଆପଣଙ୍କର ବଦାନ୍ୟତା ଉଜ୍ଜ୍ୱଳରୂପେ ବିସ୍ତୃତ ହୋଇଅଛି । ଆପଣଙ୍କର ପିତା ସନ ୧୮୭୭ ସାଲର ଦିଲ୍ଲୀ ଦରବାରରେ ମହାରାଜାପଦ ପାଇଥିଲେ, ଆପଣ ତଦପେକ୍ଷା ଅଧିକ ଆଡ଼ମ୍ବରର ଗତ ଦିଲ୍ଲୀ ଦରବାରରେ ସେହି ପଦ ଲାଭ କଲେ ଏଥିରେ ଆମ୍ଭେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଆମ୍ଭର ଏହି କାମନା ଯେ ଆପଣ ଏହି ସମ୍ମାନ ଦୀର୍ଘକାଳ ଭୋଗ କରନ୍ତୁ" । ଅନନ୍ତର ମାନ୍ୟବର ମହୋଦୟ ମହାରାଜାଙ୍କ ହସ୍ତରେ ସନନ୍ଦ ଦେଇ ଏବଂ ଗଳାରେ ମୁକ୍ତା କଣ୍ଠମାଳା ପିନ୍ଧାଇ ଦେଲେ ଏବଂ ମହାରାଜାଙ୍କର ପ୍ରଦତ୍ତ ଏକ ମୋହର ନଜର ସ୍ପର୍ଶ କଲେ ।

ତହିଁଉତ୍ତାରୁ ଢାକାର ନବାବ ଖାଜା ସଲିମୁଲ୍ଲା ବାହାଦୁରଙ୍କୁ ସେହିକ୍ରମେ ବେଦ ସମ୍ମୁଖରେ ଉପସ୍ଥିତ କରନ୍ତେ ମାନ୍ୟବର ମହୋଦୟ ତାହାଙ୍କୁ ସମ୍ବୋଧନପୂର୍ବକ ତାହାଙ୍କର ସାଧାରଣ ହିତୈଷିତା, ବଦାନ୍ୟତାପ୍ରଭୃତି ସ୍ୱଙ୍ଗଭ ପ୍ରଶଂସାସୂଚକ କଥାମାନ କହି ତାହାଙ୍କୁ ସନନ୍ଦ ପ୍ରଦାନ କଲେ । ଏହିକ୍ରମରେ ଜ ୨ ଣ ମହାମହୋପାଧ୍ୟାୟ, ଜ ୧ ଣ ସମସୁଲଉଲମା, ଜ ୮ ଣ ରାୟବାହାଦୁର, ଜ ୨ ଣ ଖାନ ବାହାଦୁର ଏବଂ ଜ ୩ ଣ ରାୟ ସାହେବମାନଙ୍କୁ ସନନ୍ଦ ପ୍ରଦାନ ଉତ୍ତାରୁ ପାଦରି ଗ୍ରେହାମ ସାହେବ ଏବଂ ବାବୁ ବୈଦ୍ୟନାଥ ଗୋଏଙ୍କାଙ୍କୁ କଏସରେହିନ୍ଦ ପଦକମାନ ପ୍ରଦାନ କଲେ । ପାଦରି ସାହେବ କାଲିଂପୋଙ୍ଗଠାରେ ଗୋଟିଏ ଦରିଦ୍ର ବାଳକବାଳିକା ଆଶ୍ରମ ସ୍ଥାପନ ଏବଂ ଗୋଏଙ୍କା ମହାଶୟ ମୁଙ୍ଗେରରେ ପ୍ଲେଗ ସମୟରେ ସ୍ୱାସ୍ଥ୍ୟରକ୍ଷା ବିଷୟରେ ଅନେକ ଯତ୍ନ ଏବଂ ସାଧାରଣ ବଦାନ୍ୟତାଦ୍ୱାରା ସମ୍ମାନ ପାଇଅଛନ୍ତି ।

ପରିଶେଷରେ ମାନ୍ୟବର ମହୋଦୟ ରାୟବାହାଦୁରପ୍ରଭୃତି ପଦ ପାଇବା ମହାଶୟଙ୍କର ଉଦ୍ଦେଶରେ ଗୋଟିଏ ବକ୍ତୃତା ପ୍ରଦାନ କଲେ ଏବଂ ତହିଁମଧ୍ୟରେ ମହାରାଜା ସର ନରେନ୍ଦ୍ର ଦେବ ବାହାଦୁର ଏବଂ ରାୟ ଦୁର୍ଗାଗତି ବାନୁର୍ଯ୍ୟ ବାହାଦୁରଙ୍କର ମୃତ୍ୟୁରେ ଶୋକପ୍ରକାଶ କଲେ । ଶେଷଲିଖିତ ମହାଶୟଙ୍କ ସମ୍ବନ୍ଧରେ ସେ କହିଲେ କି ତାହାଙ୍କ ମୃତ୍ୟୁରେ ଗବର୍ଣ୍ଣମେଣ୍ଟ ଜଣେ ପ୍ରଧାନ ସୁପରାମର୍ଶଦାତା ଏବଂ ସେ ନିଜେ ଜଣେ ବ ୩୦ ବର୍ଷର ବନ୍ଧୁ ହରାଇଅଛନ୍ତି । ଏଥିଉତ୍ତାରୁ ଯଥାରୀତିରେ ଦରବାର ଭଙ୍ଗ ହେଲା ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଡେପୁଟୀ କଲେକ୍ଟର ବାବୁ [illegible] ୩ ୟ ଶ୍ରେଣୀରେ ବାହାଲ ହେଲେ ।

ଡେ: କଲେକ୍ଟର ବାବୁ [illegible] ୪ ର୍ଥ ଗ୍ରେଡ଼ଭୁକ୍ତ ଓ ଡେ: କଲେକ୍ଟର ବାବୁ [illegible] ୭ ମ ଗ୍ରେଡ଼କୁ ଉଠିଲେ ।

ଓଡ଼ିଶାର ସବ୍‌ଡେପୁଟୀ କଲେକ୍ଟର ବାବୁ [illegible] ୧୮୯୯ ସାଲର ୩ ୧୦ ଜାନୁୟାରୀ [illegible] ଓ ଅନ୍ୟ ନୋଟିଫିକେସନର ସନନ୍ଦ ପ୍ରାପ୍ତ ହେଲେ ।

ସବଡେପୁଟୀ କଲେକ୍ଟର ବାବୁ [illegible] ଦାସ [illegible] ୨ୟ ଗ୍ରେଡ଼କୁ ଉଠିଲେ ।

ଡାକ୍ତର [illegible] ସବ୍ ଡେ: କଲେକ୍ଟର ବାବୁ [illegible] ଦାସ [illegible] ଅବସ୍ଥାପିତ ହେଲେ ।

---

ଏ ସପ୍ତାହରେ ଜେଲରେ ୨ ଅକାଶ [illegible] ହୋଇଅଛି । ମାତ୍ର ବୃଷ୍ଟି ହୋଇ ନାହିଁ । [illegible] ଏବଂ ଶୀଘ୍ର ବୃଷ୍ଟି ହେଉଅଛି ।

[illegible] ଓ [illegible] ପ୍ରକୋପ ଏ ଜିଲାରେ [illegible] ଅଛି ।

[illegible] ହୋଇଅଛି । [illegible] ଏବଂ [illegible] ହେବ ।

[illegible] ସଡ଼କରେ [illegible] ଅଳ୍ପ ଦୂରରେ ପଡ଼ିବାରୁ ସେ [illegible] ମିଶି ଯାଇଅଛି ।

[illegible] ଅଧିକ ଦାନ କରୁଅଛନ୍ତି ।

[illegible] ହେବ, [illegible] ଦେଖିବେ ।

[illegible] ଅମେରିକାବାସୀ [illegible] ସାହେବ [illegible] କୃଷି [illegible] ଦେଖାଉଅଛନ୍ତି ।

[illegible] ବେଦଖଲ [illegible] ଦେଖି [illegible] ନାହିଁ ।

[illegible] ସେଠା [illegible] ପଡ଼ାଇଥିବାରୁ [illegible] ହୋଇଅଛି ।

Digitized by srujanika@gmail.com

Split by PDF Splitter



ଅଛନ୍ତି । ଏହାଙ୍କ ଯତ୍ନ ଓ ଅକ୍ଳାନ୍ତ ପରିଶ୍ରମରେ ଛାତ୍ରାବାସ ନିର୍ମିତ ହୋଇ ଅଦ୍ୟାବଧି ସ୍କୁଲ-ସଂକ୍ରାନ୍ତ କେତେକ ହିତକର କାର୍ଯ୍ୟ ସମ୍ପାଦିତ ହୋଇଅଛି । କଲେ ହାତରୁ ପ୍ରାୟ ଟ ୩୯ ଙ୍କାର ପୋଷ୍ଟକାର୍ଡ ଓ ଲଫାଫା ଖରଚ କରି ବିଦେଶରୁ ଅର୍ଥ-ସଂଗ୍ରହ କରି ଏହି ଗୁରୁତର କାର୍ଯ୍ୟ ନିର୍ବାହ କରିଅଛନ୍ତି । ଅଧିକ ମଧ୍ୟ ମହାମାନ୍ୟ ଡିଷ୍ଟ୍ରିକ୍ଟ ବୋର୍ଡ ଏହି ସ୍କୁଲର ଉପକରଣ ନିମିତ୍ତ ଟ ୨୦ ଙ୍କା ପ୍ରଦାନ କରିଅଛନ୍ତି; କିନ୍ତୁ ଏହି ଟଙ୍କାରେ ପ୍ରୋକ୍ତ ଉପକରଣମାନ ପ୍ରସ୍ତୁତ ହୋଇ ନ ପାରିବାରୁ, ଏ ମହାତ୍ମା ଅଧିକ ଖରଚଙ୍କା ସଙ୍ଗ୍ରହ କରି କାର୍ଯ୍ୟ ସମ୍ପାଦନ କରୁଅଛନ୍ତି । ଏ ମହାତ୍ମାଙ୍କର ଯେପରି ସଦ୍‌ଗୁଣମାନ ଅଛି, ତାହା ବର୍ଣ୍ଣନାତୀତ ଅଟେ; ତେବେ ସମ୍ବାଦପତ୍ରରେ କିଛି ପ୍ରକାଶ ନ କଲେ ଏ ସବୁ ସର୍ବସାଧାରଣଙ୍କ ଗୋଚରରେ ନ ଆସି ଏକାବେଳକେ ଅଜ୍ଞାତ ଗର୍ଭରେ ଅନ୍ତର୍ହିତ ହେବ; ଯେହେତୁ ଏହାଙ୍କ ପରି ତୁଲ୍ୟ ମୂଲ୍ୟ ଲୋକ ଅତି ବିରଳ । ଅଳମତିବିସ୍ତରେଣ । ଇତି ।

ବଶମ୍ବଦ

୨୨।୯।୦୩ } ଶ୍ରୀ—
ଜନୈକ ପ୍ରକୃତବାଦୀ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ସିଦ୍ଧେଶ୍ୱରପୁର ହରଭକ୍ତି ପ୍ରଦାୟିନୀ ଓ ଶିକ୍ଷା ବିବର୍ଦ୍ଧିନୀସଭା—ଏହି ସଭା ୧୮୯୪ ରେ ସ୍ଥାପିତ ବର୍ତ୍ତମାନ ଏଥିର ସଭ୍ୟ ସଂଖ୍ୟା ନ ୪୮ ଣ, ଶ୍ରୀଯୁକ୍ତ ଅଭିରାମ ଭଞ୍ଜ M A B L, ଶ୍ରୀ ରାମପାଲମିଶ୍ର B A, ଶ୍ରୀ ଦାମୋଦରକର B L, ଶ୍ରୀ ନନ୍ଦକିଶୋର ବଳ B A, ଶ୍ରୀଯୁକ୍ତ ବିଶ୍ୱନାଥକର, ଶ୍ରୀ ଶ୍ୟାମସୁନ୍ଦର ନନ୍ଦ, ଶ୍ରୀ କୃଷ୍ଣଚନ୍ଦ୍ର ନନ୍ଦ, ଶ୍ରୀ ଗଙ୍ଗାଧର ନନ୍ଦ, V L M S, ସ୍ଥାନୀୟ ଜମିଦାରଗଣ ଗ୍ରାମବାସୀ ଓ ସ୍ଥାନୀୟ ବିଦ୍ୟାଳୟର ୫ ଜଣ ଶିକ୍ଷକ ଏ ସଭାର ଜନପଦ ସଭ୍ୟ । ସ୍ଥାନୀୟ ଜମିଦାର, ଏଠା ମାଇନରସ୍କୁଲର ପ୍ରତିଷ୍ଠାତା ଓ ପୋଷକ ଶ୍ରୀଯୁକ୍ତ ନରସିଂହ ପ୍ରହରାଜ ଏ ସଭାର ସ୍ଥାୟୀ ସଭାପତି ଓ ପ୍ରଧାନ ପୃଷ୍ଠପୋଷକ, ଗୋଟିଏ ଦରିଦ୍ର ଭଣ୍ଡାର ଓ ଗୋଟିଏ ସାଧାରଣ ପୁସ୍ତକାଳୟ ଏ ସଭା ସଂଲଗ୍ନ. ଉଭୟେ ସାଧାରଣଙ୍କ ବଦାନ୍ୟତାରେ ପ୍ରତିଷ୍ଠିତ ଓ ଅଧୁନା ପରିଚାଳିତ, ଦରିଦ୍ରଭଣ୍ଡାରରୁ ଅସମର୍ଥ ସ୍ଥାନୀୟ ବିଦ୍ୟାଳୟର ଛାତ୍ର ଓ ଅକ୍ଷମ ଦରିଦ୍ରମାନଙ୍କୁ ସମୟ ସମୟରେ ଯଥାଶକ୍ତି ସାହାଯ୍ୟ ପ୍ରଦତ୍ତ ହୋଇଥାଏ, ଆଜିପର୍ଯ୍ୟନ୍ତ ଦରିଦ୍ର ଭଣ୍ଡାରରୁ ପ୍ରାୟ ଟ ୭୦ ଙ୍କା ବ୍ୟୟ ହୋଇଅଛି, ପୁସ୍ତକାଳୟରେ ଉତ୍କଳ, ବଙ୍ଗ, ଇଂରାଜୀ ଓ ସଂସ୍କୃତଭାଷାର ବିବିଧ ବିଷୟକ ସଦ୍‌ଗ୍ରନ୍ଥ ପୁସ୍ତକ ସଂଗୃହୀତ ହୋଇଅଛି, ଏ ପୁସ୍ତକମାନ ସଭାର ସଭ୍ୟ, ଗ୍ରାମବାସୀ, ସ୍କୁଲଛାତ୍ର ଓ ପରିଚିତ ଭଦ୍ରଲୋକମାନଙ୍କଦ୍ୱାରା ବ୍ୟବହୃତ ହୁଅଇ । ସଭାକୁ ବଙ୍ଗବାସୀ, ଉତ୍କଳସାହିତ୍ୟ, ପ୍ରଜାବନ୍ଧୁ, ସମ୍ବାଦବାହିକା ଓ ଉତ୍କଳଦୀପିକା ନିୟମିତରୂପେ ମିଳୁଅଛି, ଏ ଗ୍ରାମରେ ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟ ଓ ଗୋଟିଏ ନିମ୍ନ ପ୍ରାଥମିକ ବାଳିକା ବିଦ୍ୟାଳୟ ଅଛି । ଅଳ୍ପଦିନେ ଗୋଟିଏ ସାହାଯ୍ୟ ପ୍ରାପ୍ତ ଅନ୍ତ୍ୟଜ ବିଦ୍ୟାଳୟ ପ୍ରତିଷ୍ଠିତ ହେବାର ଆଶା ହେଉଅଛି, ସଭାଟି ସ୍ଥାପିତ ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ଅନେକ ଦେଶୀୟ ଓ ବିଦେଶୀୟ ଭଦ୍ରଲୋକ ଏ ସଭା ଏବଂ ପୁସ୍ତକାଳୟ ପରିଦର୍ଶନ କରି ସଭ୍ୟମାନଙ୍କୁ ଉତ୍ସାହିତ କରିଅଛନ୍ତି । ମଧ୍ୟରେ ବର୍ଷେ ଦୁଇବର୍ଷ ସଭା ଅପେକ୍ଷାକୃତ ଶିଥିଳତା ଅବଲମ୍ବନ କରିଥିଲା । ଗତବର୍ଷଠାରୁ ସଭାର କାର୍ଯ୍ୟ ପୁନର୍ବାର ସୁନିୟମରେ ଚଳୁଅଛି । ସାଧାରଣତଃ ମାସକେ ଥରେ ସଭାର ଅଧିବେଶନ ହୁଏ । ସେଥିରେ ଧର୍ମ, ସମାଜ, ସାହିତ୍ୟ ବିଷୟକ ରଚନା ବା ବକ୍ତୃତା ପାଠ ହୁଏ । ଭବିଷ୍ୟତରେ ସଭାରେ ରାଜନୈତିକ ବିଷୟ ଆଲୋଚିତ ହୋଇ ପାରିବ କି ନାହିଁ ଏ ବିଷୟର ଆନ୍ଦୋଳନ କେତେକ ସଭ୍ୟଙ୍କ ମଧ୍ୟରେ ଲାଗିଅଛି । ତିନିବର୍ଷ ପୂର୍ବେ ସଭା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ଗୃହ ନିର୍ମାଣ କରିବା ଉଦ୍ଦେଶ୍ୟରେ ବଦାନ୍ୟ ସାଧାରଣଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥିତ ହୋଇଥିଲା । ସମ୍ମାନାସ୍ପଦ ଉତ୍କଳଦୀପିକାର ସମ୍ପାଦକ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ମହୋଦୟ ସାହାଯ୍ୟ ସଂଗ୍ରହରେ ପ୍ରଧାନ ପୃଷ୍ଠପୋଷକ ହୋଇଥିଲେ । ଆଜିପର୍ଯ୍ୟନ୍ତ ଟ ୭୫ ସାହାଯ୍ୟ ସଂଗୃହୀତ ହୋଇଅଛି, କିନ୍ତୁ ଏତିକରେ ଖଣ୍ଡେ ସ୍ୱତନ୍ତ୍ର ଜମି କ୍ରୟ କରି ଗୋଟିଏ ସୁବିଧାଜନକ ଗୃହ ନିର୍ମାଣ କରିବା ଅସମ୍ଭବ ବୋଲି ସେ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇପାରୁ ନାହିଁ । ସାହାଯ୍ୟ-ଦାତାମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ଟ ୨୦ ଙ୍କା, ବାମଣ୍ଡାର ଶ୍ରୀଯୁକ୍ତ ଯୁବରାଜ ସଚ୍ଚିଦାନନ୍ଦ ଦେବ ଟ ୧୦ ଙ୍କା, ପରଲୋକଗତ ଅଠମଲ୍ଲିକର ମହାରାଜା ଟ ୫ ଙ୍କା, ଶ୍ରୀଯୁକ୍ତ ହରେନ୍ଦ୍ର ନାରାୟଣ ରାୟ ମହାଶୟ ଟ ୧୦ ଙ୍କା ଓ ସଭାର ଜନୈକ ଆଶୀର୍ବାଦକ ଟ ୧୦ ଙ୍କାର ଦାନ ଉଲ୍ଲେଖ ଯୋଗ୍ୟ । ଆଉ ଟ ୩୦୦ ଙ୍କା ହେଲେ ପ୍ରସ୍ତାବଟି କାର୍ଯ୍ୟରେ ପରିଣତ ହେବାର ଆଶା, ବଦାନ୍ୟ ବ୍ୟକ୍ତିମାନେ ଏ କାର୍ଯ୍ୟରେ ସାହାଯ୍ୟ କରିବାକୁ ଇଚ୍ଛା କଲେ "ସମ୍ପାଦକ ସିଦ୍ଧେଶ୍ୱରପୁର ସଭା, ପୋଃ କଇବାର୍ତ୍ତା, ଜି, କଟକ" ଏହି ଠିକଣାରେ ଅର୍ଥ ପଠାଇବେ । ଦତ୍ତ ସାହାଯ୍ୟର ପରିମାଣ ଓ ଦାତାଙ୍କ ନାମ ପ୍ରଜାବନ୍ଧୁ, ଉତ୍କଳସାହିତ୍ୟ, ଉତ୍କଳଦୀପିକା ଓ ସମ୍ବାଦବାହିକାରେ କୃତଜ୍ଞତା ସହ ପ୍ରକାଶିତ ହେବ ବୋଲି ଉକ୍ତ ପତ୍ରିକାମାନଙ୍କ ସମ୍ପାଦକମାନେ ଅଙ୍ଗୀକାର କରି ଅଛନ୍ତି । ସଭାର କେତେକ ସଭ୍ୟ ଓ ଭଦ୍ରଲୋକ ଏ ବିଷୟରେ ଟ ୮୭ ଙ୍କା ସାହାଯ୍ୟ କରିବେ ବୋଲି ସ୍ୱୀକୃତ ହୋଇଅଛନ୍ତି, ସଭାର ଉଦ୍ଦେଶ୍ୟ କେତେଦୂର ମହତ୍ ତାହା ହୃଦୟଙ୍ଗମ କରି ଉତ୍କଳୀୟ ଦେଶହିତୈଷୀମାନେ ଯଥାଶକ୍ତି ସାହାଯ୍ୟ କରିବାକୁ ଅଗ୍ରସର ହେବେ ବୋଲି ଆମ୍ଭେମାନେ ଆଶାକରୁଁ, ଉତ୍କଳୀୟ ପତ୍ରିକାମାନଙ୍କର ସମ୍ପାଦକମାନେ ସମୟେ ସମୟେ ଏ ବିଷୟଟି ଅନୁକୂଳରୂପେ ଉଲ୍ଲେଖ କଲେ ଆମ୍ଭମାନଙ୍କ ମନୋରଥ ଶୀଘ୍ର ସିଦ୍ଧ ହୋଇପାରିବ ଏ ବିଷୟରେ ସନ୍ଦେହ ନାହିଁ ।

ଆପଣଙ୍କର ଏକାନ୍ତ ଅନୁଗତ

ସିଦ୍ଧେଶ୍ୱରପୁର } ଶ୍ରୀଗୋପାଳଚନ୍ଦ୍ର ପ୍ରହରାଜ
} ସଭାର ଜନୈକ ସଭ୍ୟ ଓ
ତା ୪।୭।୧୯୦୩ } ଅବସର ପ୍ରାପ୍ତ ସମ୍ପାଦକ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଚମ୍ପାଧର ଜେନ | ବାମଣ୍ଡା | ଟ ୨ ( |
| " ବୃନ୍ଦାବନଚନ୍ଦ୍ର ଦେ | କଲ୍ୟାଣପୁର | ଟ ୧ ( |
| " ଗଙ୍ଗାଧର ପାଣିଗ୍ରାହୀ | ଜୋର୍ଦ୍ଦା | ଟ ୩ ( |
| " ହରବନ୍ଧୁ ଦାସ | ସୋରନ୍ଦ | ଟ ୩ ( |
| ମହନ୍ତ ମଦନଲାଲ ରାମାନୁଜଦାସ | ପୁରୁଷୋତ୍ତମପୁର | ଟ ୩ ( |
| ବାବୁ କାଶୀନାଥ ପଣ୍ଡିତ | କେନ୍ଦ୍ରାପଡ଼ା | ଟ ୩ ( |
| " ରାଧାଶ୍ୟାମ ଦାସ ମହାନ୍ତି | କଟକ | ଟ ୧ ( |
| " ଜଗନ୍ନାଥ ନାୟକ | ବେହଳି | ଟ ୧ |
| " ପଦ୍ମନାଭ ସତପଥୀ | କଟକ | ଟ ୧ ( |

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଦଶପଲ୍ଲା ଷ୍ଟେଟର ତପସିଲ ଅବକାରୀ ଦୋକାନମାନ ଓ ବନ୍ୟଜାତ ଦ୍ରବ୍ୟମାନ ସନ ୧୯୦୩।୧୯୦୪ ମସିହାର ବର୍ଷ ନିମନ୍ତେ ଆଗତ ମାର୍ଚ୍ଚ ମାସ ତା ୨୫ ରଖ ଦିନ ବୁଧବାର ଦିବା ଦଶଘଣ୍ଟା ସମୟରେ ଏହି ସଦର କଚେରୀରେ ପ୍ରକାଶ୍ୟ ନିଲାମ ହେବ । ଯେଉଁମାନେ ନିଲାମ ଧରିବାକୁ ଇଚ୍ଛା ରଖିବେ ସେମାନେ ଉକ୍ତ ତାରିଖରେ ସଦର କଚେରୀରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

ତପସିଲ

| | |
|---|---|
| ୧ । ଅଫିମ ଦୋକାନ | ୫ । ଚମଡ଼ା ଶିଙ୍ଗଆଦି |
| ୨ । ଗଞ୍ଜେଇ ଦୋକାନ | ୬ । ହରଡ଼ା ବାହାଡ଼ା |
| ୩ । ଦେଶୀ ସରାପ | ୭ । କମଳା ଗୁଣ୍ଡି |
| ୪ । ତାଡ଼ୀ | ୮ । ସୁନାର ଘର |

ସଦର ଅଫିସ । ଦ ।
ଦଶପଲ୍ଲା } Jagadanunda Das
୩—୩—୧୯୦୩ } for Raja of Daspalla

Digitized by srujanika@gmail.com

Split by PDF Splitter



## ଫଳେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି ଦତ୍ତ କବିରତ୍ନଙ୍କର

ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଯଥାଯଥ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

ଷଡ଼ଗୁଣବଲିଜାରିତ ସ୍ୱର୍ଣ୍ଣଘଟିତ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏତଦ୍ଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅଶୁଦ୍ଧ ବାୟୁଜ୍ୱର, କାଶ ଶ୍ୱାସ, କ୍ଷୟ; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗସବୁର ସବୁ ଶୀଘ୍ର ନିବାରିତ ହୁଏ । ଅତି-ରିକ୍ତ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ଶକ୍ତିହୀନତା, ସ୍ମରଣଶକ୍ତିର ଅଳ୍ପତା, ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ଦ୍ଦି କାଶ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୲ ।

ତ ୧ ନ ୪ ୪୦

## ଶୁକ୍ରବନ୍ଧ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଲ୍ୟାଣରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାର-ଦାଦିଦୋଷଜନିତ ଶରୀରରେ ଜଳା ଓ ଚକା ଦାଗ; କୁଷ୍ଠକୋଷବୃଦ୍ଧି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକଥରେ ତିନିଶିଶି ନେଲେ ଟ ୩୲ ଙ୍କା ଲାଗେ ।

ଚୌଧୁରୀ ବଜାର } ଶ୍ରୀ ଛକଡ଼ି ଦତ୍ତ କବିରତ୍ନ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ ।

## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

| | |
|---|---|
| Oriya Alphabet and Spelling Book: For Infant Class and Standard I ... | As. 1 |
| Oriya L. P. Science Reader | ,, 3 |
| Oriya L. P. Arithmetic ... | ,, 4 |
| Oriya U. P. Science Reader | ,, 4 |
| Oriya U. P. History Reader (Bengal) ... | ,, 3 |
| Oriya U. P. Geography Reader | ,, 3 |
| Oriya U. P. and Middle Vernacular Arithmetic ... | ,, 8 |
| Oriya U. P. Literature Book | ,, 3 |
| Oriya U. P. and M. V. Practical Geometry and Mensuration | ,, 4 |
| Oriya M. V. Science Reader | ,, 7 |
| Oriya M. V. History Reader ... | ,, 4 |
| Oriya M. V. Literature Book | ,, 6 |
| Oriental Drawing Books 1&2 As. 4 each | |
| Do. 3 and 4 ... | As 3 |
| Macmillan's "Official" Copy Books Nos. 1, 2, 3, 4, 6, 8, 10, 12, | 5 pice |
| Arnold's Civil Service Copy Books Nos. 1, 2, 3, 4, 4a, 5, | 5 pice |
| "O. M. P." Blank Drawing Books | As. 1 & As. 1 6 |
| Dr. Sircars English Reader I. | 4 0 |
| Do. Do. II. | 5 0 |
| Simple English Reader (Dhar) | 7 0 |

C.L.S. School Books as follows:—

| | |
|---|---|
| Grammatical Primer ,, | As. 2 0 |
| Manual of English Grammar | ,, 6 0 |
| 1st Standard English Book | ,, 1 6 |
| New English First Reader | ,, 4 0 |
| Do. Second ,, | ,, 6 0 |
| Do. Third ,, | ,, 8 0 |
| Do. Fourth ,, | ,, 10 0 |
| Do. Fifth ,, | ,, 12 0 |
| Do. Sixth ,, | ,, 12 0 |

*For any of these books apply to:—*

R. J. GRUNDY,
*Supt. Orissa Mission Press,*
CUTTACK.



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ । ଏଲଚ, ଓ କସ୍ତୁରୀର ଅଭିନବ ଆବିଷ୍କାର

### "ଇନ୍ଦୀବର ଶୋଭନା ।

ଏହି ଦ୍ରବ୍ୟ ତିଳ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ " ଇନ୍ଦୀବର ଶୋଭନା" ରହିତ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । " ଇନ୍ଦୀବର ଶୋଭନା " ଯୁକ୍ତ ପାନରେ ଧଣିଆ ଗୁଣ୍ଡ, ଶୁକ୍ତି ପ୍ରଭୃତି କୌଣସି ପ୍ରକାର ମସ-ଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁସ୍ନିଗ୍ଧ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମୀର, ଓମରାହ-ମାନେ ବ୍ୟବହାର କରୁଥିଲେ; ମିଷ୍ଟର ଲୁଥ୍ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଇହା ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ଦ୍ୱାରା ଦନ୍ତର ଶିଥିଳତା, ଦନ୍ତମାଢ଼ିଫୁଲା, ଦନ୍ତବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ା ବନ୍ଦ ହୁଏ, ମୁଖ ସୁଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨୲ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।, ୬ ଶିଶିରେ ଟ ୦ ।୵ ଅଣା, ଡଜନକୁ ଟ ୦ ୲ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:— ' ଲୁଥ୍, ଏଣ୍ଡ କୋମ୍ପାନୀ " ୧୧୫ ନମ୍ବର ବାରାଣସି ଘୋଷର ଷ୍ଟ୍ରିଟ, କଲିକତା

ସର୍ବପ୍ରକାର କ୍ଷତ, ଘା, ଗମ-ବାଘି ପ୍ରଭୃତି ଆରୋଗ୍ୟପକ୍ଷେ ଚୂଡ଼ାନ୍ତ ।

" ଓ୍ୟର ସରକାର "

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ମନ୍ତ୍ରଶକ୍ତି ପରି ଆରୋଗ୍ୟ ହୋଇଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ଙ୍କା ୩ ଶିଶି ଟ ୨୲ ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତି ସ୍ଥାନ :—" ଡବଲିଉ, ମେଜର ଏଣ୍ଡ କୋମ୍ପାନୀ" ।, କଲିକତା ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।


ଅଲ୍ପ ଦାମରେ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର କେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଅପୂର୍ବ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବୃଟିଶ ଗଭର୍ଣ୍ଣମେଣ୍ଟଙ୍କ ଅନେକ ଅନୁମୋଦିତ ରେଜିଷ୍ଟ୍ରିକୃତ !

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥିନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଉଚ୍ଛୃଙ୍ଖଳ ଉତ୍ତେଜିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଭାଗ୍ୟ ମାନବଜାତିକୁ ଅକାଳ ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥିନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ତରୁଣ ଅମେରିକାର ଯାବତୀୟ ପ୍ରଦେଶଜାତ ବେଜେଟେବଲ ଲତା ଓ ମୂଳ ନିର୍ଯ୍ୟାସସହିତ ବୃଟିଶ ଗଭର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅସ୍ୱର୍ଣ୍ଣ, ଷଷ୍ଠିଭସ୍ମ ଓ ଜାମିୟାନା ପ୍ରଭୃତି ଦେଶୀୟ ପ୍ରସିଦ୍ଧ ଭସ୍ମ ଇତ୍ୟାଦିର ଓ ବୃକ୍ଷ ଲତାଦିର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ କହୁଅଛୁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! କାଳ ଦେହରେ ପୂର୍ବବତ୍ ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଉପଦଂଶ ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏହାକୁ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜିନ ରୋଗ ଲୁଚି ରହେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନଃ ଆକ୍ରମଣ କରେ ନାହିଁ ।

ଡ୍ୟାନଜିନରେ—ମଦ, ଅଫିମ, କ୍ୟାନ୍ଥାରାଇଡିସ, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବାନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥିନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଧନୀ ଲୋକର ଜୀବନ ।

ଡ୍ୟାନଜିନରେ କେଉଁ ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସ୍ୱପ୍ନ ଧାତୁ ନିର୍ଗତ ବା ରକ୍ତ ନିର୍ଗତ ହେବା, ମୂତ୍ର ମୁହଁ ଫୁଲିବା, ପ୍ରସ୍ରାବ ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ରପରି ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶରେ ରେତଃପାତ, ଅର୍ଥାତ୍ ଶୁକ୍ର ତାରଲ୍ୟ, ପ୍ରମେହ ଦୋଷ ଓ ତଜ୍ଜନିତ ମୂତ୍ରଥଳୀ ମୂତ୍ରଶୂଳ, ହସ୍ତପଦ ଜ୍ୱଳ, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା; ହାତଗୋଡ଼ ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ମୃତବତ୍ସା, ପେଟରେ ବେଦନା ଓ ତତ୍ସଙ୍ଗେ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗରେ ଘା ଓ କାଳିଚ, ଉପଦଂଶ, କାଛୁ, କୁଣ୍ଡିଆ ଓ ଏମନ୍ତ କି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ମସ୍ତକରୁ କେଶ ଝଡ଼ିବା, ନାକରେ ଓ ତାଳୁରେ ଘା, ବାଳି ଘା, ଘଉଡ଼ା, ଗଣ୍ଠିରେ କଟକଟ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ଇତ୍ୟାଦି ଡ୍ୟାନଜିନ—ସୁସ୍ଥ ଶରୀରରେ ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ସବଳ, ସତେଜ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ୧ ଟଙ୍କା । ୩ ବୋତଲ ୨ ଟଙ୍କା, ୬ ବୋତଲ ୫ ଟଙ୍କା ଓ ୧୨ ବୋତଲ ୧୦ ଟଙ୍କା ପ୍ୟାକିଂ ୧ ଠାରୁ ୧ ବୋତଲ ୦ । ଅଣା, ୪ ଠାରୁ ୧୨ ବୋତଲ ୦ ।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ କଲିକତା



## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର କେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ୦ ।୵ ଡାକ ମାସୁଲ ପ୍ୟାକିଂ ଏକଠାରୁ ୧୨ କୌଟା ୦ ।୵ ।

ଡାକ୍ତର ମାର୍ଟିନଙ୍କର "ଅଦ୍ଭୁତ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ୦ ।୵ ଆଣା ୦ । ୦ ୮ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ୦ । ୦ ୵

ଏଜେଣ୍ଟ ଆଇ, ବି, ଜି ଏଣ୍ଡ କୋଂ କଲିକତା


Digitized by srujanika@gmail.com

Split by PDF Splitter






ଡାକ୍ତର ମେଜର ସାହେବଙ୍କ ଆବିଷ୍କୃତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦ ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ,

ଚିକିତ୍ସା ଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୁଧଳ ଦେଓ ବାମଣ୍ଡାରୁ ଲେଖିଅଛନ୍ତି :—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ଗଉରଚନ୍ଦ୍ର ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାଜନିକ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ ! ମୋତେ ଆଉ ୩ ଡ଼ଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡ଼ବଲିଉ; ମେଜର ଏଣ୍ଡ କୋମ୍ପାନୀ, କଲିକତା, ବମ୍ବା ବୋମ୍ବାଇ ।

## ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜିଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଆଦ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା କଷାୟ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା —ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶର ସେହିପରି ଖଣ୍ଡି୨ ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି !

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ଗୁଣ, ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଅଲୌକିକ ଜୀବନୀ ଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୂଚନା ଅନୁଭବ କରିଥାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଆଲୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ

Digitized by srujanika@gmail.com

ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଭାଙ୍ଗି ରଖେ କଲୁ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯାଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଦୀର୍ଘ ଗବେଷଣା ଫଳେ ଏହା ପ୍ରସ୍ତୁତ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅଳ୍ପ କାଳ ମଧ୍ୟରେ ଏହି ଔଷଧ ଭାରତର ସର୍ବତ୍ର ଏପରି ଲୋକପ୍ରିୟ ଅଧିକାର କରିଅଛି ଯେଉଁଠାରୁ ଅନେକ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସୀମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଅଧିକ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ଡାକ୍ତରଖାନାରେ ଉପଯୁକ୍ତ ରୋଗରେ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଅଷ୍ଟ୍ରିଆ, ୟୁରୋପ, ଆମେରିକା, ଅଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ ଦରିଦ୍ରଠାରୁ ନୃପତିଙ୍କ ପର୍ଯ୍ୟନ୍ତ ସମସ୍ତେ ସମାନ ଆଦରରେ ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଙ୍ଗ ଭଙ୍ଗ ଫୁଲିବା କୁଷ୍ଠରୋଗ ହୋଇ ଫୁଲି ଉଠିବା, କୁଣ୍ଡିଅଣ, କୁଇ ଗରମି ଓ ପାରଦର ଘା, ନାକ ଓ ତାଲୁର ଘା ହେବାରେ ବା ହସ୍ତ ଓ ପଦ ତଳରେ ଖାଦ୍ର ଗରମିର ଦାଗ ବା ଚକାଚକା, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ଚର୍ମର କଷ୍ଟଦାୟକ ଯନ୍ତ୍ରଣାଦ ପୁଣି ପାରଦ ଓ ଗରମି ବିଷର ତେଜ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।— ନଷ୍ଟ ଶୁକ୍ର ଧାତୁ ନିର୍ଗତ କରିବାକୁ ସ୍ନାୟୁ ଶକ୍ତି ବୃଦ୍ଧି କରିବାକୁ— ହ୍ରାସପ୍ରାପ୍ତ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍— ମେହ, ପ୍ରମେହ, ଶୁକ୍ରମେହ ଓ ଲୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳୀରୁ ରକ୍ତ ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ରୂପ

ପତନ, ନମ୍ରା ମଳବେଗରେ ବୀର୍ଯ୍ୟ ନିର୍ଗତ ବସ୍ତ୍ରମୈଥୁନ ବା ଅତିରକ୍ତ ସହବାସ ହେତୁ ଦୁର୍ବଳ ଶରୀର ଗ୍ଲାନି, ମସ୍ତିଷ୍କ ଦୁର୍ବଳତା, ଚକ୍ଷୁର ଅସ୍ଥିରତା, କର୍ଣ୍ଣଇନ୍ଦ୍ରିୟତା, ତନ୍ଦ୍ରା ଭାବାଦିରୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଧାତୁ ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସା:—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ସଂସାରର ଔଜ୍ଜ୍ୱଲ୍ୟ କ୍ରମେ ବଢ଼ୁଥିବ ।

ଇଲେକ୍ଟ୍ରୋ ସାଲସା ୫—ସହିତ କୌଣସି ପ୍ରକାର ଖାଦ୍ୟ ଦ୍ରବ୍ୟର ସଂସ୍ରବ ନାହିଁ । ବୃଦ୍ଧ, ଅସୁସ୍ଥ ଅବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍ଟ୍ରୋ ସାଲସା" ତୁମ୍ଭ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀଙ୍କୁ ଥରେ ଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨୲୦ ତିନି ଶିଶି ଟ ୬୲
୬ ଶିଶି ଟ ୧୨୲ ଡାକବ୍ୟୟ ଟ ୨୲୦
ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍ଟ୍ରୋ ସାଲସାର,—ଆବିଷ୍କର୍ତ୍ତା— ଡାକ୍ତର ହେମନ୍ତ, ମେଡ଼ିକ ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ୍, ନ୍ୟୁୟର୍କ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ;— "ଡବଲିଉ,ମେଡ଼ିକ ଏଣ୍ଡକୋମ୍ପାନି," କଲିକତା


NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
Agent Cuttack.



ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.



ଅମୂଲ୍ୟ ଗୋଲାପଫୁଲ ତୁମ୍ଭେ ଦେଖିଛ କି ?

ଏହା ଗୋଟିଏ ବିଶୁଦ୍ଧ ରଂସଙ୍ଗ ନେକେଣ୍ଡଅଳ ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁଠି ଏବଂ ଏହା ଅମୂଲ୍ୟ ବିଶେଷ ଆଦେଶରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପରି ବୋଧହୁଏ ଏହାର ନ୍ୟାୟ



ଚିରସ୍ଥାୟୀ ଅଟେ । ଅଙ୍ଗୁଠିର ଉପରିଭାଗରେ ଅଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋଲାପର ଫୁଲ ଖଞ୍ଜିତ ଓ ମଧ୍ୟଭାଗରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଞ୍ଜିତ ଏହା ଦୁଇସହସ୍ର ଟଙ୍କା ମୂଲ୍ୟର ପ୍ରକୃତ ହୀରାର ଅଙ୍ଗୁରୀପରି ଦେଖାଯାଏ ।

ବିଜ୍ଞାପିତ ମୂଲ୍ୟ ପ୍ରତି ଗୋଟାକୁ ଟ ୧୲

ଟ ୨୲ରେ—ଗୋ ୨ଟା "ଗୋଲାପଫୁଲ" ଅଙ୍ଗୁରୀ ଏବଂ ଗୋଟିଏ ଉତ୍କୃଷ୍ଟ ନେକେଣ୍ଡଅଳ ସ୍ୱର୍ଣ୍ଣରେ ନିର୍ମିତ ଚେନ୍ ସହିତ ରିଷ୍ଟୱାଚ୍- ଉପହାର ଦିଆଯିବ

ଟ ୨୲ରେ—ଗୋ ୨ଟା "ଗୋଲାପଫୁଲ" ଅଙ୍ଗୁରୀ ଏବଂ ଗୋଟିଏ ଚେନ୍ ସହିତ ଅଲଙ୍କାର ପଲିସର ବାକ୍ସ ଦିଆଯିବ ।

Miss, K. K. Ker
No. 36 Cathedral Mission Lane
CALCUTTA.


ଉତ୍କଳ ଦୀପିକା ପତ୍ରରେ ବିଜ୍ଞାପନ ଛପାଇବାକୁ ଦର ନିମ୍ନଲିଖିତ ପ୍ରକାର ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ୦ ୲ ୨
ଅର୍ଦ୍ଧମୂଲ୍ୟ ୫ ୲
ପୃଷ୍ଠ ଏକ ସ୍ତମ୍ଭ ଟ ୩୲

ଯାହା କୌଣସି ବିଜ୍ଞାପନ ଏଥିରେ ଦିଆ ହେଲେ, ତଥିର ଦର ୫୦ ୲ ଠାରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ ଉତ୍କଳଯନ୍ତ୍ର ଦ୍ୱାରା ମୁଦ୍ରିତ ହେଉଅଛି ସମ୍ପାଦକଙ୍କ ଦ୍ୱାରା ଓ ପ୍ରକାଶିତ ହେଲା

Split by PDF Splitter

REGISTERED No. C 81.




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

| ଭାଗ ୩୮ ଶ | CUTTACK, SATURDAY THE 11th April 1903. | ଅଗ୍ରିମ | ଟ ୩୧ |
|---|---|---|---|
| ସଂ ୧୫ ସଂଖ୍ୟା | ବ ୨୯ ଶ ଚୈତ୍ର ସନ ୧୩୧୦ ସାଲ ଶନିବାର | ପଶ୍ଚାଦେୟ | ଟ ୬୧ |



## ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କର

### ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସୀହାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡ଼ିଶାରେ ପ୍ରାଚୀନ ବୃହତ୍ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟନା ମନ୍ତବ୍ୟାଦି ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

| | |
|---|---|
| ବଡ଼ପଞ୍ଜିକା | ଟ ୦। |
| ଛୋଟପଞ୍ଜିକା | ଟ ୦୧୬ |

ଡାକମାସୁଲ ବଡ଼ପାଞ୍ଜି ଖ ୧ ଖରୁ ଟ ୦/ ଛୋଟପାଞ୍ଜି ଖ ୧ ଖଠାରୁ ଖ ୭ ଖ ପର୍ଯ୍ୟନ୍ତ ଟ ୦୧୬ । ବଡ଼ପାଞ୍ଜି ଖ ୧୦ ଖ ଏକତ୍ର ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

ଶ୍ରୀମଦ୍ଦେବୀଭାଗବତ ଶାକ୍ତ ବୈଷ୍ଣବ ଓ ଶୈବ ପ୍ରଭୃତି ଉପାସକଙ୍କର ବିଶେଷତଃ ହିନ୍ଦୁମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଆମ୍ଭେ ଅତ୍ୟନ୍ତ ଯତ୍ନ ସହକାରେ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଉଅଛୁଁ ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସମସ୍ତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ରେଜଷ୍ଟ୍ରାରୀ ମଧ୍ୟ କରାଇ ନିଆ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମଗଣ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥରୁ ଏକ ଏକ ସେଟ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ଟ ୦।

ଡାକମାସୁଲ ଟ ୦/

୨ୟସ୍କନ୍ଧ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରୁ ଅଥବା ଶ୍ରୀ ନାରାୟଣଚନ୍ଦ୍ର ମହାନ୍ତି ଛାମୁକରଣ ନଂ ନେବଗଡ଼ ପୋଷ୍ଟ ଅଫିସ ରଘୁନାଥପୁର ଏହି ଠିକଣାରୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ ପତ୍ର ଲେଖିଲେ ଉପରଲିଖିତ ପୁସ୍ତକ ସ୍ୱଚ୍ଛନ୍ଦେ ପାଇ ପାରିବେ ।।

ଠାକୁରସାହେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ସିଂହ ଦେବ । ସିଂହଭୂମି । କେରା ଇଷ୍ଟେଟ

ଆମୋକ୍ତାରନାମା ଖାରଜ ।

ଆମେ ଇଂରାଜୀ ସନ ୧୮୯୭ ମସୀହା ମାର୍ଚ୍ଚ ମାସ ତା ୯ ରିଖରେ ଭାଗବତ ରାମାନୁଜ ଦାସ ଚେଲେ ଜଗନ୍ନାଥ ଆଗ୍ରୀ ସ୍ୱାମୀ ମୃତ୍ୟୁ ଦାମୋଦର ରାମାନୁଜ ଦାସ ଚେଲେ ବେଙ୍କଟ ଆଗ୍ରୀ ସ୍ୱାମୀ ମୃତ୍ୟୁ । ସା । ପୁରୀ ବାଲିକାହେମା ସାହି ନରସିଂହ କୋଟ ଆଗ୍ରୀ ମଠ ଓ କମ୍ପାଲି ରଘୁନାଥ ଆଗ୍ରୀ ପୁତ୍ର କମ୍ପାଲି ରାଘବ ଆଗ୍ରୀ ମୃତ୍ୟୁ । ସା । ହାରକାନ୍ଦି ସ୍ୱର୍ଗ । ଜି । ଗୋଦାବରୀ ଏହି କ ୩ ଜଣଙ୍କୁ ରେଜଷ୍ଟ୍ରାରୀ ସଂଯୁକ୍ତ ଆମୋକ୍ତାର ନାମାଦ୍ୱାରା ଆମୋକ୍ତାର ନିଯୁକ୍ତ କରିଥିଲୁଁ ଏମାନଙ୍କ ମଧ୍ୟରେ ଭାଗବତ ରାମାନୁଜ ଦାସଙ୍କର ମୃତ୍ୟୁ ହୋଇଅଛି ଆଉ ଦାମୋଦର ଆଗ୍ରୀ ସ୍ୱାମୀ ଆମ୍ଭର କାର୍ଯ୍ୟ ଉତ୍ତମରୂପ ନିର୍ବାହ ନ କରିବାରୁ ଆଜଠାରୁ ତାଙ୍କୁ ଆମ୍ଭର ଆମୋକ୍ତାର କାର୍ଯ୍ୟରୁ ଆମ୍ଭେ ଖାରଜ କଲୁଁ ଆଜଠାରୁ ସେ ଆମ୍ଭର କୌଣସି କାର୍ଯ୍ୟ କରି ପାରିବେ ନାହିଁ ଯେବେ କେହି ଏହାପର ତାଙ୍କ ସହିତ କୌଣସି କାରବାର କରନ୍ତି ତାହାର ଦାୟୀ ଆମ୍ଭେ ହେବୁ ନାହିଁ ସେ ଯେ ରସିଦ ଓ ପାଉତି ଆଦି ଦେବେ ତହିଁରେ ଆମ୍ଭେ ବାଧ୍ୟ ହେବୁ ନାହିଁ ଅତଏବ ଏହି ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯଦି କେହି ଏହି ଆମୋକ୍ତାର ନାମାର ଖାରଜ ପରେ ଉକ୍ତ ଦାମୋଦର ରାମାନୁଜ ଦାସଙ୍କ ସହିତ କୌଣସି କାରବାର କରିବେ ସେଥିସକାଶ ସେ ନିଜେ ଦାୟୀ ହେବେ ଆମ୍ଭେ ଦାୟୀ ହେବୁ ନାହିଁ ଆଜଠାରୁ କମ୍ପାଲି ରଘୁନାଥ ଆଗ୍ରୀ ଆମ୍ଭର ଏକମାତ୍ର କ୍ଷମତାପ୍ରାପ୍ତ ଆମୋକ୍ତାର ରହିଲେ ।।

ଶ୍ରୀ. ଲକ୍ଷ୍ମୀଆମାଜୀ ବ୍ୟାକନାଚାର୍ଯ୍ୟ ବେଙ୍କଟ
ରାମାନୁଜ ଆଗ୍ରୀ ସ୍ୱାମୀ


Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଏ ବର୍ଷ ନଇଗଡ଼ରେ ଅତି ଶୀଘ୍ର ଏକ ସ୍କୁଲ ଖୋଲ ସ୍ଥାପିତ ହେବ । ସଂସ୍କୃତ ଉପାଧି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଉପଯୁକ୍ତ ପଣ୍ଡିତ ଏକଜଣ ଆବଶ୍ୟକ, ମାହିନା ବେତନ ଟ ୧୫୨ ପନ୍ଦରଟଙ୍କା । ଆବେଦନ ପତ୍ର ଆସନ୍ତା ମେ ମାସ ତା ୧୫ ଋଖ ପର୍ଯ୍ୟନ୍ତ ଗୃହୀତ ହେବ ।

ନଇଗଡ଼ସ୍ଥିତ ମାନେଜର କଚେରୀ ତା ୨୪ ଇଣ ମାର୍ଚ୍ଚ ସନ ୧୯୦୩ ମସୀହା } Mohommad Athar ମାନେଜର

ଗାଙ୍ଗପୁର ଡାକ୍ତରଖାନା ସକାଶେ ଏକଜଣ ଇଂରାଜୀ ଜାଣିଥିବା କମ୍ପାଉଣ୍ଡରର ଆବଶ୍ୟକ । ମାସକ ବେତନ ଟ ୧୦୨ ଙ୍କା । କାର୍ଯ୍ୟ ଉତ୍ତମରୂପେ ହେଲେ ଭବିଷ୍ୟତକୁ ଉନ୍ନତି ହେବାର ଆଶା ଅଛି । ପାସ କରିଥିବା ବା କଟକ ମେଡିକେଲ ସ୍କୁଲର ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ବ୍ୟକ୍ତିଙ୍କର ଦରଖାସ୍ତ ଗ୍ରାହ୍ୟ କରାଯିବ । ଗାଙ୍ଗପୁର ଝାଡ଼ସୋଗୁଡ଼ା ବି, ଏନ, ରେଲ ଷ୍ଟେସନଠାରୁ ୧୯ ମାଇଲ ଅଟେ । ଜଳବାୟୁ ସ୍ୱାସ୍ଥ୍ୟକର । ନିମ୍ନ ଠିକଣାରେ ଶୀଘ୍ର ଆବେଦନ କର ।

ଗାଙ୍ଗପୁର ଫିଉଡେଟରୀ ଷ୍ଟେଟ ୨୪।୩।୦୩ } Rash Behary Bohidar, Private Secretary to the Feudatory Chief of Gangpur, 24—3—03,

## ବିଜ୍ଞାପନ ।

## ଓଡ଼ିଆ ଦଲୀଲ ରେଜିଷ୍ଟ୍ରୀ ଆଇନ ।

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଦଲୀଲ ଓ ଦସ୍ତାବିଜମାନଙ୍କ ଲେଖିବା, ସମ୍ପାଦନ କରିବା ଓ ରେଜିଷ୍ଟ୍ରୀ କରାଇବା ସମ୍ବନ୍ଧେ ତିନିଖଣ୍ଡ ସରକାରୀ ଆଇନ ପ୍ରଚଳିତ ଅଛି । ଅର୍ଥାତ—ଷ୍ଟାମ୍ପ ଆଇନ, ରେଜିଷ୍ଟ୍ରୀ ଆଇନ ଓ ଦଣ୍ଡବିଧି ଆଇନ; ଏହା ଛଡ଼ା ମହାମାନ୍ୟ ଇନସ୍ପେକ୍ଟର ଜେନରଲଙ୍କ ସରକ୍ୟୁଲର ଅର୍ଡର ଓ ମହାମାନ୍ୟ ହାଇକୋର୍ଟଙ୍କର ନଜିରମାନ ମଧ୍ୟ ପ୍ରଚଳିତ ଅଛି । କିନ୍ତୁ ଉକ୍ତ ଆଇନମାନ ଭିନ୍ନ ଭିନ୍ନ ପୁସ୍ତକମାନଙ୍କରେ ଇଂରାଜୀଭାଷାରେ ଲେଖା ହୋଇ ଥିବାରୁ ସର୍ବ ସାଧାରଣ ବ୍ୟକ୍ତିମାନେ ସହଜରେ ପ୍ରୟୋଜନୀୟ ବିଷୟ ସଂଗ୍ରହ କରି ପାରନ୍ତି ନାହିଁ ଓ ମଧ୍ୟ ସରକ୍ୟୁଲର ଅର୍ଡର ଓ ନଜିରମାନଙ୍କ ସଙ୍ଗେ ସେମାନଙ୍କ ପ୍ରାୟ ଦେଖା ନାହିଁ; ସୁତରାଂ ସେମାନଙ୍କୁ ଆବଶ୍ୟକୀୟ ବିଷୟମାନ ଜାଣିବା ଉପଲକ୍ଷେ ଅପର ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରିବାକୁ ହୁଏ । ଅଧିକାଂଶ ଲୋକେ ଦୂରତ୍ୱ ବା ଟଙ୍କାର ଅଭାବ ହେତୁ ଉକିଲ ବା ମୋକ୍ତାରଙ୍କ ସାହାଯ୍ୟ ପାଇ ପାରନ୍ତି ନାହିଁ, ଏବଂ ଟାଉଟରମାନେ ପ୍ରାୟ ଅସମ୍ପୂର୍ଣ୍ଣଭାବରେ ଭୁଲ କରି ଦେଇ ଥାନ୍ତି । ସେମାନଙ୍କର ଏପରି ଦୁରବସ୍ଥା ଦେଖି ଆମ୍ଭେ ଉପରୋକ୍ତ ଆଇନମାନ ଓ ସରକ୍ୟୁଲର ଅର୍ଡର ଓ ନଜିରମାନ ଯାହାକି କେବଳ ଦଲୀଲ ଓ ପକ୍ଷମାନଙ୍କ ସଜ୍ଞାନ୍ତ ଅଟେ ତାହା ଓଡ଼ିଆ ଭାଷାରେ ଏକଖଣ୍ଡ ବହିରେ (କଟକ ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାରଙ୍କ ଯତ୍ନ ଓ ଦୟା ସହକାରେ ଏବଂ ରେଜିଷ୍ଟ୍ରୀ ଇଲାକାର ଇନସ୍ପେକ୍ଟର ଜେନରଲଙ୍କର ମଞ୍ଜୁରୀରେ) ଛପାଇଅଛୁଁ । ଏବଂ ସେଥି ସଙ୍ଗେ ୧ଗୋ ୩୪ ଟା ଦଲୀଲର ଛଠା ଆଦର୍ଶ ସ୍ୱରୂପ ପ୍ରକାଶ କରିଅଛୁଁ । ଏହି ଆଦର୍ଶ ପକ୍ଷମାନଙ୍କ ଦେଖି ଲୋକମାନେ ଆପଣା ଆପଣା ପ୍ରୟୋଜନୀୟ ଦଲୀଲ ନିଜେ ନିଜେ ଲେଖି ନେଇ ପାରିବେ ।

ଆକବାର ୩୪ ଗୋଟା ଦଲୀଲମାନଙ୍କର ଲେଖାଇ ଖର୍ଚ୍ଚା ହାରାହାରି ଟ ୩୪ ଙ୍କା ଲାଗେ ଆମ୍ଭେ ତାହା ସକାଶେ କେବଳ ୩୪ ଅଧଲା ଅର୍ଥାତ ଟ ୦।୦ ଧାର୍ଯ୍ୟ କରିଅଛୁଁ ଏବଂ ଆଇନ ଓ ନିୟମାବଳୀ ସକାଶେ କେବଳ ଟ ୦।୦ ଧାର୍ଯ୍ୟ କରିଅଛୁ, ଅତଏବ ଉକିଲ, ମୋକ୍ତାର, ଜମିଦାର ମହାଜନ ଓ ବେପାରି ଇତ୍ୟାଦି ଲୋକମାନେ ଯାହାଙ୍କର ଚଳନ୍ତି ଅଚଳନ୍ତି ସମ୍ପତ୍ତି ସଙ୍ଗେ ସମ୍ପର୍କ ଅଛି ସେମାନେ ସହଜରେ କିଣି ପାରିବେ । ଏବଂ ସେମାନଙ୍କ ଉଚିତ ଯେ ଖଣ୍ଡେ ଖଣ୍ଡେ ବହି କିଣି ପଞ୍ଜିକା ସ୍ୱରୂପ ଆପଣା ଆପଣା ଘରେ ରଖିଥିବେ । ମୂଲ୍ୟ ଅତି ସୁଲଭ ଟ ୦।୦ ମାତ୍ର— ଏକାବେଳେ ଦଶ ଖଣ୍ଡରୁ ଊର୍ଦ୍ଧ୍ୱ ବହି କିଣିଲେ ଗ୍ରାହକମାନଙ୍କୁ ଶତକରା ୧୨॥ କମିଶନ ବାଦ ଦିଆଯିବ ।

ଏହି ଦଲୀଲ ରେଜେଷ୍ଟ୍ରୀ ଆଇନ ବହିମାନ ଓଡ଼ିଶା ପ୍ରଦେଶର ପ୍ରତ୍ୟେକ ରେଜିଷ୍ଟ୍ରୀ ଅଫିସରେ ଏବଂ ବାଲେଶ୍ୱର ରାଜା ବାହାଦୁରଙ୍କ ଛାପାଖାନାରେ ବିକ୍ରୟ ନିମିତ୍ତ ମହଜୁଦ ରଖାଯାଇଅଛି । ଆମ୍ଭର ବିନା ସହି ମୋହରି ଅଙ୍କିତ ବହି କିଣିବାକୁ କେହି ଇଚ୍ଛା କରିବେ ନାହିଁ ।

କଟକ ତା ୨୭।୩।୧୯୦୩ } ମହମ୍ମଦ ଅବଦୁସ ସମଦ ଗ୍ରନ୍ଥକାର ସ୍ପେସିଏଲ ସବରେଜିଷ୍ଟ୍ରାର

## ପ୍ରଶଂସାପତ୍ର ।

ଆମ୍ଭେ କଟକର ସ୍ପେସିୟଲ ସବରେଜିଷ୍ଟ୍ରାର ମୌଲବୀ ଅବଦୁସ ସମଦଙ୍କଦ୍ୱାରା ସଙ୍କଳିତ ରେଜିଷ୍ଟ୍ରୀ ବିଷୟକ ପୁସ୍ତିକା ପାଠ କରିଅଛୁଁ । ରେଜିଷ୍ଟ୍ରୀ ଆଇନ ଷ୍ଟାମ୍ପ ଆଇନ କୋର୍ଟଫିସ ଆଇନ, ଭାରତବର୍ଷୀୟ ଦଣ୍ଡବିଧି, ମାନନୀୟ ହାଇକୋର୍ଟଙ୍କର ନିୟମାବଳୀ ଓ ରେଜିଷ୍ଟ୍ରୀ ଇଲାକା ଇନସ୍ପେକ୍ଟର ଜେନେରଲଙ୍କଦ୍ୱାରା ପ୍ରଚାରିତ ସର୍କ୍ୟୁଲର ଆଦେଶମାନଙ୍କର ଯେ ଯେ ଅଂଶରେ ଦଲୀଲର ରେଜିଷ୍ଟ୍ରୀ ଓ ଦଲୀଲ ନିଷ୍ପାଦକ ପକ୍ଷମାନଙ୍କର ସମ୍ପର୍କ ଅଛି ସେହି ଆବଶ୍ୟକୀୟ ଅଂଶମାନଙ୍କର ଏହି ପୁସ୍ତକ ସାରସଂଗ୍ରହ ଅଟେ । ଆମ୍ଭ ମତରେ ସମ୍ପର୍କୀୟ ପକ୍ଷମାନେ ଅଜ୍ଞତା କାରଣରୁ ଯେପରି କୌଣସି ଅପରାଧରେ ଦାୟୀ ନ ହେବେ ସେଥି ସକାଶେ ଯଥେଷ୍ଟ ଉପଦେଶ ଓ ତାହାର ପ୍ରକୃତ ନିଦର୍ଶନ ଦିଆଯାଇଅଛି । ଦଲୀଲମାନଙ୍କର ଯେ ଆଦର୍ଶ ପ୍ରଦତ୍ତ ହୋଇଅଛି ତାହା ସାଧାରଣଙ୍କର ବିଶେଷ ପ୍ରୟୋଜନରେ ଆସିବ । ଓଡ଼ିଶା ବିଭାଗର ଅଧିକାଂଶ ଲୋକ ଏପର୍ଯ୍ୟନ୍ତ ଇଂରାଜୀଭାଷାରେ ଅଶିକ୍ଷିତ ଅଛନ୍ତି । ଏହି ପୁସ୍ତିକାରୁ ସେପରି ଲୋକମାନେ ଦଲୀଲ ପ୍ରସ୍ତୁତ କରିବା ଓ ରେଜିଷ୍ଟ୍ରୀ କରାଇବା ସମ୍ବନ୍ଧେ ଆବଶ୍ୟକୀୟ ବିଷୟ ଶିକ୍ଷା କରି ପାରିବେ ଏବଂ ଏହା ଜଣେ ବହୁଦର୍ଶୀ ରେଜିଷ୍ଟ୍ରୀ କର୍ମଚାରୀଙ୍କ ଦ୍ୱାରା ଲିଖିତ ହୋଇଥିବାରୁ ଯେ ପ୍ରକାର ନିର୍ଦ୍ଦୋଷ ଓ ଉପକାରୀ ହୋଇଅଛି, ଅନ୍ୟ କୌଣସି ରେଜିଷ୍ଟ୍ରୀ ଇଲାକା ଭିନ୍ନ ଲୋକଙ୍କ ଦ୍ୱାରା ଲିଖିତ ହୋଇଥିଲେ ଏତେ ଭଲ ହୋଇ ନ ଥାନ୍ତା ।

ଅତଏବ ମଧ୍ୟ ଆମ୍ଭର ବକ୍ତବ୍ୟ ଯେ ଓଡ଼ିଆଭାଷା ଜାଣିଥିବା କୌଣସି ଶିକ୍ଷିତ ବ୍ୟକ୍ତି ଏହି ପୁସ୍ତିକା ସାହାଯ୍ୟରେ ନିଜର ପ୍ରୟୋଜନାନୁରୂପ ନିଜେ ଦଲୀଲ ଛଠା କରିପାରିବେ ଓ ତଦ୍ୱାରା ମୋଫସଲରେ ଅନଭିଜ୍ଞ ଅପକାରକ ଗ୍ରାମ୍ୟ ଟାଉଟମାନଙ୍କ ହସ୍ତରୁ ରକ୍ଷା ପାଇବେ । ଆମ୍ଭେ ସଙ୍କଳୟିତାଙ୍କର ଉନ୍ନତିକି କାମନା କରୁଁ ।

କଟକ ତା ୫ ଋଣ ଫେବୃଆରି ୧୯୦୩ } ସ୍ୱାଃ ବୈକୁଣ୍ଠନାଥ ଦେ ରାଜାବାହାଦୁର ବାଲେଶ୍ୱର ।

ମୌଲବୀ ଅବଦୁସ ସମଦ ଦଲୀଲ ପ୍ରସ୍ତୁତ, ରେଜିଷ୍ଟ୍ରୀ କରଣ ସମ୍ବନ୍ଧୀୟ ଗାଇଡବୁକ ଆଉ ଓ ସେ ସବୁରେ ଷ୍ଟାମ୍ପମାସୁଲ ଦେବା ବିଷୟରେ ଆବଶ୍ୟକୀୟ ବ୍ୟବସ୍ଥା ଥାଇଁ ଯେ ପୁସ୍ତିକା ଓଡ଼ିଆଭାଷାରେ ପ୍ରକାଶ କରିବାକୁ ଉଦ୍ୟତ ଅଛନ୍ତି ଆମ୍ଭେ ତାହା ପାଠ କରିଅଛୁଁ । ଯେ କୌଣସି ବ୍ୟକ୍ତିର ସମ୍ପତ୍ତି ସମ୍ବନ୍ଧେ ଅନ୍ୟ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ଅଛି ସେ, ଏହି ସବୁ ବ୍ୟବସ୍ଥା ବ୍ୟତୀତ ଚଳି ନ ପାରନ୍ତି ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ଆଇନ ବ୍ୟବସାୟୀଙ୍କ ବିନା ସାହାଯ୍ୟରେ ଏହି ବ୍ୟବସ୍ଥାମାନଙ୍କୁ ସାଧାରଣର ସହଜ ବୋଧଗମ୍ୟ କରିବା ନିମିତ୍ତ କେହି ଚେଷ୍ଟା କଲେ ଦେଶହିତୈଷିମାନଙ୍କଠାରୁ ସେ ଉତ୍ସାହ ପାଇବା ଉଚିତ । ଏହି ଗ୍ରନ୍ଥ ସାଧାରଣଙ୍କର ଯଥାସମ୍ଭବ ଆଦରଣୀୟ ହେବା ଗ୍ରନ୍ଥକର୍ତ୍ତାଙ୍କର ଯେ ପ୍ରଧାନ ଉଦ୍ଦେଶ୍ୟ, ତାହା ସଫଳ ହୋଇଅଛି, ସେଥିପାଇଁ ସାଧାରଣ କଣ୍ଡିଲୋକମାନଙ୍କର ଏହା ବିଶେଷ ଉପକାରରେ ଆସିବ । ଶିକ୍ଷିତ ମଧ୍ୟ ଆଇନ ବ୍ୟବସାୟୀମାନେ ଏହି ପୁସ୍ତକରୁ ନିଶ୍ଚୟ ଅନେକ ସାହାଯ୍ୟ ପାଇ ପାରିବେ । ଏହି ପୁସ୍ତକକୁ ପାଠ କଲେ ଜଣାଯିବ ଯେ ମୌଲବୀ ସାହେବ ଏହି ପୁସ୍ତକ ପ୍ରଣୟନରେ ସମଧିକ ପରିଶ୍ରମ କରିଅଛନ୍ତି ଏବଂ ଆମ୍ଭେ ଆଶା କରୁଁ ଏହା ଅଧିକ ପରିମାଣରେ ବିକ୍ରୟ ହେବ, ଏବଂ ଯେଉଁମାନଙ୍କ ସକାଶେ ଏହା ବିଶେଷ ରୂପେ ଅଭିପ୍ରେତ, ସେମାନଙ୍କଠାରୁ ଯଥୋଚିତ ଉତ୍ସାହ ପ୍ରାପ୍ତ ହେବ ।

କଟକ ତା ୨୭ ଋଣ ମାର୍ଚ୍ଚ ସନ ୧୯୦୩ } ସ୍ୱାଃ ରାୟ ହରିବଲ୍ଲଭ ବୋଷ ବାହାଦୁର ପ୍ରଧାନ ଉକିଲ କଟକ ।

Digitized by srujanika@gmail.com

# ଉତ୍କଳଦୀପିକା ।

## TELEGRAMS.

"BALASORE NATIONAL SOCIETY conveys to His Excellency the heartfelt thanks of the Balasore Public for reduction of Salt tax and raising limit of Income tax to thousand rupees."

---

ଆସନ୍ତା ବୁଧବାର ଓଡ଼ିଶା ମେଡିକେଲ ସ୍କୁଲରେ କମ୍ପାଉଣ୍ଡରମାନଙ୍କର ପରୀକ୍ଷା ହେବ । ପରୀକ୍ଷାର୍ଥୀମାନେ ଏକ ସପ୍ତାହ ପୂର୍ବରୁ ଆବେଦନ କରିବେ । ପୁରୁଷ ପରୀକ୍ଷାର୍ଥୀମାନେ ଟ ୫ ୧ କା ହିଁସାବେ ଫିସ ଦେବେ । ମାତ୍ର ସ୍ତ୍ରୀମାନେ ବିନା ଫିସରେ ପରୀକ୍ଷା ଦେଇ ପାରିବେ ।

---

ସନ ୧୯୦୩ ସାଲର ସଂସ୍କୃତ ଉପାଧି ପରୀକ୍ଷାର ଫଳ ବାହାରିଅଛି । ତାଲିକା ମଧ୍ୟରେ ଓଡ଼ିଆର କେବଳ ପୁରୀ ସମନ୍ତଲୁଣ୍ଠ ଟୋଲ ଗୁରୁଚରଣ ତର୍କଦର୍ଶନ ତୀର୍ଥଙ୍କର ଛାତ୍ର ଜଗନ୍ନାଥ ମିଶ୍ର ସାଂଖ୍ୟ ୨ୟ ବିଭାଗରେ ଉତ୍ତୀର୍ଣ୍ଣ ହେବାର ଦେଖିଲୁଁ ।

---

ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଗତ ସୋମବାର ସକାଳେ ଜଳପଥରେ ଚଟ୍ଟଗ୍ରାମକୁ ବାହାରିଥିଲେ । ଅଦ୍ୟ ମଧ୍ୟାହ୍ନରେ କଲିକତାକୁ ପ୍ରତ୍ୟାଗମନ କରିବେ ଏବଂ ଏକଦିନ ଅବସ୍ଥାନ କରି ସୋମବାର ଅପରାହ୍ନରେ ରେଲବାଟେ ଦାର୍ଜିଲିଂକୁ ଯାତ୍ରା କରି ମଙ୍ଗଳବାର ଅପରାହ୍ନ ଘ ୩ ଘଣ୍ଟା ବେଳେ ସେଠାରେ ପହଞ୍ଚିବେ ।

---

ଗତ ମାସ ତା ୨୮ ଋଖରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ମଧ୍ୟପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ପୁଣି ୧୦ ହଜାର ବୃଦ୍ଧି ହୋଇ ମୋଟ ୫୨,୧୬୨ ହୋଇଥିଲା । ତହିଁ ମଧ୍ୟରେ ଏକ ସମ୍ବଲପୁର ଜିଲ୍ଲାର ସଂଖ୍ୟା ୫୧ ହଜାରରୁ ଊର୍ଦ୍ଧ୍ୱ ଏବଂ ବିଳାସପୁର ଓ ଭଣ୍ଡାରା ଜିଲ୍ଲାମାନଙ୍କର ସଂଖ୍ୟା ପ୍ରାୟ ୧୧୦୦ ଥିଲା ।

---

ଉକ୍ତ ସାପ୍ତାହିକ ରିପୋର୍ଟରୁ ଅବଗତ ହେଲୁଁ ଯେ ପ୍ଲେଗ ରୋଗରେ ୩୨,୦୨୮ ଲୋକ ସମସ୍ତ ଭାରତରେ ମରି ପଡ଼ିଅଛନ୍ତି । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୩୦ ହଜାର ଥିଲା । ବୃଦ୍ଧିର ହାର ଟିକିଏ ଊଣା ପଡ଼ିବାର ଗତ ସପ୍ତାହରେ ଯାହା ଲେଖିଥିଲୁ ତାହା ଏ ସପ୍ତାହରେ ଲେଉଟି ଯିବାର ଦେଖି ଦୁଃଖିତ ହେଲୁଁ । ଉକ୍ତ ୩୨ ହଜାର ମୃତ୍ୟୁ ମଧ୍ୟରୁ ପଞ୍ଜାବରେ ୧୦,୮୦୦ ବମ୍ବେଇରେ ୯,୨୦୦ ବଙ୍ଗଳାରେ ୪,୪୪୪ ଏବଂ ଆଗ୍ରା ଓ ଅଯୋଧ୍ୟା ଯୁକ୍ତ ପ୍ରଦେଶରେ ୩,୧୦୦ ଘଟିଥିଲା । ଏଥିରୁ ଜଣାଯାଏ ଯେ ପଞ୍ଜାବ ପ୍ରଦେଶରେ ବର୍ତ୍ତମାନ୍ ପ୍ଲେଗର ପ୍ରକୋପ ସର୍ବାପେକ୍ଷା ଅଧିକ ଅଟେ ।

---

" ସମସ୍ତ ଓଡ଼ିଆ ମିଳିତ ହେବା ହେତୁ ଯଦି କରକୁ ଯିବାକୁ ହୁଏ ତେବେ ତହିଁରେ ଆମ୍ଭର ଆପତ୍ତି ନାହିଁ " ଏହି କଥା ସମସ୍ତ ଉତ୍କଳ ଖଣ୍ଡ ଏକ ଶାସନର ଅଧୀନ ହେବା ପ୍ରସଙ୍ଗରେ ଜଣେ ଓଡ଼ିଆଠାରୁ 'ପ୍ରଜାବନ୍ଧୁ' ଶୁଣିଥିବାର ଲେଖିଅଛନ୍ତି ଏବଂ ଜଣାଯାଏ ସେ ତାହା ଅନୁମୋଦନ କରନ୍ତି । ମାତ୍ର ଜାତୀୟ ପ୍ରେମଟା ଏତେ ଦୂରକୁ ବହିଯିବା ଉଚିତ ବୋଲି ମନକୁ ଆସୁ ନାହିଁ । ନରକଟା ବାଞ୍ଛନୀୟ ସ୍ଥାନ ନୁହେ ଏବଂ ସେଠାକୁ ଯେମନ୍ତ କେହି ନ ଯାଏ ତହିଁର ଚେଷ୍ଟା କରିବା ଉଚିତ । ଅପଥ୍ୟା ସେ ବାଟରୁ କେତେକ ଲୋକ ଟାଣି ଆଣିବାକୁ ଅସମର୍ଥ ହେଲେ ସେମାନଙ୍କର ସଙ୍ଗୀ ହେବା କି ଶ୍ରେୟସ୍କର ? ଅବନତିର ସଙ୍ଗୀ ନ ହୋଇ ଉନ୍ନତି ମାର୍ଗକୁ ଆଣିବା କାରଣ ପୁନଃ ୨ ଚେଷ୍ଟାକରିବା ପ୍ରକୃତ ବନ୍ଧୁର କାର୍ଯ୍ୟ ଅଟେ ।

---

ଦିଲ୍ଲୀ ଦରବାର ସଂଲଗ୍ନ ଶିଳ୍ପ ପ୍ରଦର୍ଶନୀ ଫିଟାଇବା ସମୟରେ ଲର୍ଡ କର୍ଜନ ବାହାଦୁର ଅନ୍ୟାନ୍ୟ କଥା ମଧ୍ୟରେ କହିଥିଲେ କି ଭାରତବାସିମାନେ ଇଉରୋପୀୟ ନିକୃଷ୍ଟ ଦ୍ରବ୍ୟ ବ୍ୟବହାର ନ କରି ଭାରତବର୍ଷର ଉତ୍କୃଷ୍ଟ ଦ୍ରବ୍ୟମାନ ବ୍ୟବହାର କଲେ ଏ ଦେଶର ଶିଳ୍ପର ଉନ୍ନତି ହେବ । ଏଥିକୁ ବମ୍ବେଇର ସର ଫିରୋଜସା ମେହଟା ପୁଷ୍ଟ ହୋଇ କହିଅଛନ୍ତି କି ଭାରତୀୟ ଶିକ୍ଷିତବର୍ଗ ଯେବେ ବିଲାତି ଜିନିସ ଖରିଦ କରି ଦେଶୀ ମିସ୍ତ୍ରୀଦ୍ୱାରା ତହିଁର ନକଲ କରାଇ ପାରିବେ ତେବେ ଭାରତୀୟ ଶିଳ୍ପର ଉନ୍ନତି ହେବ । ଏହାହିଁ ଏକମାତ୍ର ଉପାୟ ଅଟେ । ସର ଫିରୋଜସାମେହଟାଙ୍କର ଏ ପରାମର୍ଶ ବାହୁଲ୍ୟ ଅଟେ । ବିଲାତି ଦ୍ରବ୍ୟ କିଣିବା ଓ ତହିଁର ନକଲ କରିବା ପ୍ରତି ଏ ଦେଶୀୟ ଲୋକଙ୍କର ତ୍ରୁଟି ନାହିଁ । ମାତ୍ର ଏହା ଯେ ସଦୁପାୟ ନୁହଇ ଏବଂ ଏଥିରେ ଦେଶୀୟ ଶିଳ୍ପ ଲୋପ ହେଉଅଛି ଏ ବୋଲିବା ବାହୁଲ୍ୟ । ଲର୍ଡ କର୍ଜନଙ୍କର ଉପଦେଶ ସଦୁପଦେଶ ଅଟେ ଏବଂ ତାହା ଯେତେ ଦୃଢ଼ରୂପେ ପ୍ରତିପାଳିତ ହେବ ଭାରତରେ ତେତେ ମଙ୍ଗଳ ହେବ ।

---

ବାଲେଶ୍ୱର ସମ୍ବାଦବାହିକାରେ ଲେଖିଅଛି କି ଗତବର୍ଷ ଯେଉଁ ପ୍ରଜାମାନେ ଗୋଟି ୨ ହିସାବ ଖାସ୍ତ ଦେଇ ଅଳ୍ପ ସୁଦରେ ସରକାରରୁ ତଗାବି ଆଦାନ ନେଇଥିଲେ ବର୍ତ୍ତମାନ ସେହି ଋଣ ଆଦାୟର କଡ଼ାକଡ଼ି ମତେ ନୋଟିସ ବାହାରିବାରୁ କେହି ଖାଇବା ନିମନ୍ତେ ରଖିଥିବା ଧାନ ବିକ୍ରି କେହି ବା ଗୃହଜମି ବନ୍ଧକ ଅଥବା ଅନ୍ୟପ୍ରକାର ମହାଜନଠାରୁ ଋଣ କରି ସରକାରୀ ଦେଣ ଆଦାୟ କରୁଅଛନ୍ତି । ସହଯୋଗୀ ଯଥାର୍ଥ କହିଅଛନ୍ତି କି ଯେବେ ଋଣଗ୍ରସ୍ତ ପ୍ରଜାମାନେ ମହାଜନର ଆଦାୟରେ ତନ୍ଦଗାମା ନ ଲଗାଇ ସରଳଭାବରେ ମିଆଦମତେ ଟଙ୍କା ଆଦାୟ କରୁଥାନ୍ତେ ତେବେ ମହାଜନମାନେ ମଧ୍ୟ ଅଳ୍ପ ସୁଦରେ ଟଙ୍କା କରଜ ଦେଉଥାନ୍ତେ ଏବଂ ପରିଣାମରେ ପ୍ରଜାଙ୍କର ହିତ ବିନା ଅହିତ ହୁଅନ୍ତା ନାହିଁ । ମହାଜନ ପ୍ରତ୍ୟେକ ଖାତକର ଅବସ୍ଥା ବୁଝି କରଜ ଆଦାୟ କରନ୍ତି ମାତ୍ର ସରକାର ପକ୍ଷରେ ତାହା ସମ୍ଭବ ନୁହେ । ସତ ରଖିଲେ ଗତି ଦୁଇପହରରେ ଭାତ ମିଳିବ ସତ୍ୟ । ମାତ୍ର କୌଣସି କାରଣରୁ କଷ୍ଟ ଟଳିଗଲେ ମହାଜନଠାରେ ବରଂ ରକ୍ଷାଅଛି ସରକାରଠାରେ ରକ୍ଷା ନାହିଁ ।

---

### ପଞ୍ଜାବ ଆର୍ଯ୍ୟ ସମାଜ ।

ଲାହୋର ଆର୍ଯ୍ୟ ସମାଜର ମେମ୍ବର ଠାକୁର କାହନଚନ୍ଦ୍ର ଜୀ ବର୍ମ୍ମା ମହାଶୟ ଏ ନଗରକୁ ଆସି ଗତ ଶନିବାର, ରବିବାର ଓ ମଙ୍ଗଳବାର ଦିନ ଏଠା ମିଉନିସିପାଲିଟିର ଉଦ୍ୟାନରେ ଆର୍ଯ୍ୟ ସମାଜ ଓ ହିନ୍ଦୁଧର୍ମ ସମ୍ବନ୍ଧରେ ବକ୍ତୃତା ପ୍ରଦାନ କରିଥିଲେ । ଏହାଙ୍କର ଇଂରାଜୀ ଭାଷାରେ ଉତ୍ତମ ବ୍ୟୁତ୍ପତ୍ତି ଅଛି ଏବଂ ପ୍ରତିଦିନ ପ୍ରାୟ ଦୁଇ ଘଣ୍ଟା କାଳ ଅନର୍ଗଳ ଇଂରାଜୀରେ ବକ୍ତୃତା କରି ଏ ମହାଶୟ ଶ୍ରୋତୃବୃନ୍ଦଙ୍କୁ ମୋହିତ କରିଥିଲେ । ହିନ୍ଦୁଧର୍ମର ଅବନତି ଏବଂ କିରୂପେ ତାହାର ପୁନରୁତ୍ଥାନ ହେବ ଏହାହିଁ ଏହାଙ୍କର ବକ୍ତୃତାର ପ୍ରଧାନ ଉଦ୍ଦେଶ୍ୟ । ସେହି ସମ୍ବନ୍ଧରେ ସେ ବକ୍ତୃତା କରି ହିନ୍ଦୁମାନଙ୍କର କର୍ତ୍ତବ୍ୟ କର୍ମ ଓ ପିଲାମାନଙ୍କର କିରୂପ ଶିକ୍ଷା ହେବାର ଉଚିତ ତାହା ବୁଝାଇଦେଇ ଶେଷଦିନ ଅର୍ଥାତ୍ ମଙ୍ଗଳବାର ଦିନ ପଞ୍ଜାବର ଆର୍ଯ୍ୟସମାଜର ସଂସ୍ଥାପକ ଓ ତହିଁର ପ୍ରତିଷ୍ଠାତା ଶ୍ରୀମତ୍ ଦୟାନନ୍ଦସରସ୍ୱତୀଙ୍କ ଜୀବନୀ ସମ୍ବନ୍ଧରେ ଅନେକ କଥା କହିଥିଲେ । ଏହାଙ୍କ ମତରେ ବେଦମୂଳକ ହିନ୍ଦୁଧର୍ମହିଁ ଯଥାର୍ଥ ହିନ୍ଦୁଧର୍ମ ଏବଂ ଦୟାନନ୍ଦ ସରସ୍ୱତୀ ମହାଭାଗ ବେଦର ଯେଉଁ ଅନୁବାଦ ପ୍ରକାଶ କରିଅଛନ୍ତି ତାହାହିଁ ଯଥାର୍ଥ ଅନୁବାଦ ଅଟେ । ପାଶ୍ଚାତ୍ୟ ମୋକ୍ଷମୂଲାର ପ୍ରଭୃତି ମହୋଦୟମାନେ ବେଦର ଯେଉଁ ଅନୁବାଦ ପ୍ରକାଶ କରିଅଛନ୍ତି ତାହା

Split by PDF Splitter

Digitized by srujanika@gmail.com

Split by PDF Splitter



ଯଥାର୍ଥ ନୁହେ ବୋଲି ବକ୍ତୃତାରେ ପ୍ରକାଶ କରି ଏ ମହାଶୟ ବ୍ୟକ୍ତ କଲେ ଯେ ଦୟାନନ୍ଦ ସରସ୍ୱତୀ ବେଦ ଅନୁସାରେ ହିନ୍ଦୁଧର୍ମର ପୁନଃ ସଂଗଠନ କରିବାକୁ ଏକାନ୍ତ ଯତ୍ନବାନ ହୋଇ ପଞ୍ଜାବର ନାନାସ୍ଥାନରେ ଆର୍ଯ୍ୟସମାଜ ପ୍ରତିଷ୍ଠା କରି ଯାଇଅଛନ୍ତି ଏବଂ ଲୋକଙ୍କ ପଞ୍ଜାବର ଘରେ ୨ ବର୍ତ୍ତମାନ ବେଦ ବାହାରିବ । ମାତ୍ର ଅନ୍ୟର ବେଦର ଆଦର ନାହିଁ । ଦୟାନନ୍ଦ ସରସ୍ୱତୀ ପ୍ରତିମାପୂଜାର ଏକାନ୍ତ ବିରୋଧୀ ଏବଂ ବେଦରେ ମଧ୍ୟ ପ୍ରତିମାପୂଜାର କଥା ନାହିଁ । ଶଙ୍କରାଚାର୍ଯ୍ୟ ପ୍ରଭୃତି ପଣ୍ଡିତମାନେ ପ୍ରତିମାପୂଜାର ପକ୍ଷପାତୀ ହୋଇ ହିନ୍ଦୁଧର୍ମର ଅଙ୍ଗ ଅପଚୟ କରିଯାଇଅଛନ୍ତି ଏବଂ ବର୍ତ୍ତମାନ ଯହିଁରେ ପୁରାତନ ବୈଦିକ ହିନ୍ଦୁଧର୍ମର ପୁନରୁଦ୍ଧାର ହୁଏ ତହିଁ ପ୍ରତି ସମସ୍ତଙ୍କୁ ଚେଷ୍ଟା କରିବା ଉଚିତ । ମୁସଲମାନ ଅଥବା ଖ୍ରୀଷ୍ଟିୟାନ ଧର୍ମ ଠିକ ନୁହଇ ଏବଂ ଖ୍ରୀଷ୍ଟିୟାନ ଧର୍ମବିରୁଦ୍ଧରେ ଏ ମହାଶୟ ଏକ ପୁସ୍ତକ ଛପାଇ ତାହା ବଣ୍ଟନ କରିଅଛନ୍ତି ଏବଂ ଅନେକେ ତାହା କ୍ରୟ କରି ନେଇଅଛନ୍ତି । ବୋଲିବା ବାହୁଲ୍ୟ ଯେ ଏ ପୁସ୍ତକ ଖଣ୍ଡି ସୁପାଠ୍ୟ ଅଟେ । ଏ ମହାଶୟ ପ୍ରତିମାପୂଜାର ଏକାନ୍ତ ବିରୋଧୀ ଥିବାରୁ ଏଠା ଲୋକେ ତାହାଙ୍କ କଥା ଶୁଣିବା ପକ୍ଷେ ଆମ୍ଭମାନଙ୍କର ବିଶେଷ ସନ୍ଦେହ ଅଛି । ତଥାପି ପ୍ରୋକ୍ତ ଉକ୍ତଦିନ ଶତାଧିକ ସ୍କୁଲ ଛାତ୍ର ଓ ବାହାରର ବଡ଼ଲୋକଙ୍କଠାରୁ ସାମାନ୍ୟ ଲୋକ ପର୍ଯ୍ୟନ୍ତ ସଭାସ୍ଥଳରେ ସମବେତ ହେବା ସ୍ଥାପି ଏ ମହାଶୟ ଏଠାରେ ଆଦରଣୀୟ ହୋଇଥିବାର ପ୍ରଭୁତ ପରିଚୟ ମିଳୁଅଛି । ଗତକାଲି ଅପରାହ୍ନ କାଳରେ ଇଂରାଜୀରେ ଆତ୍ମାର ଅବିନଶ୍ୱରତ୍ୱ ସମ୍ବନ୍ଧରେ ବକ୍ତୃତା ହେବାର ଥିଲା ଏବଂ ଆଜି ଅପରାହ୍ନକାଳରେ ହିନ୍ଦିଭାଷାରେ ହିନ୍ଦୁ ଧର୍ମ ସମ୍ବନ୍ଧରେ ବକ୍ତୃତା ହେବ ।

———

ଯାଜପୁର ସବଡିଭିଜନର ମାଜିଷ୍ଟ୍ରେଟଙ୍କ ନାମରେ ଗୁହାରି ।

ଯାଜପୁର ସବଡିଭିଜନର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଏଚ୍, ଆର ପେରଟଙ୍କ ନାମରେ କଥିପଣ୍ଡା ଏବଂ ଅନ୍ୟ ଜ ୪ ଣ ପକ୍ଷରୁ ବାବୁ ପ୍ରଭାସଚନ୍ଦ୍ର ମିତ୍ର ଉକିଲ କଲିକତା ହାଇକୋର୍ଟରେ ଗତ ମାସ ତା ୩୦ ରିଖରେ ନିମ୍ନଲିଖିତ ଗୁହାରି କରିଥିଲେ । ଯଥା;—

ଯାଜପୁର ଏଲାକାର ଏକ ଜମି ସମ୍ବନ୍ଧୀୟ ବିବାଦରେ ସବ ଡିଭିଜନ ହାକିମ ଶ୍ରୀଯୁକ୍ତ ପେରଟଙ୍କଠାରେ ଦୁଇ ନମ୍ବର ଫଉଜଦାରୀ ନାଲିସ ହୋଇଥିଲା । ଏକ ନାଲିସରେ କଥିପଣ୍ଡା ଓ ଗୋର ଫରିୟାଦ ଏବଂ ଅପରଟିରେ ସେମାନେ ଆସାମୀ ଥିଲେ । ସେମାନଙ୍କ ନାଲିସି ମୋକଦ୍ଦମା ପ୍ରଥମେ ବିଚାର ହୋଇ ଡିସମିସ ହେଲା । ଦ୍ୱିତୀୟ ମୋକଦ୍ଦମାର ବିଚାର ସମୟରେ ଦରଖାସ୍ତକାରୀଙ୍କର ଉକିଲ ବାବୁ ବଜବିହାରୀ ପାଲିତ ଡାକ୍ତରଙ୍କୁ ଜେରା କରିବାବେଳେ ମାଜିଷ୍ଟ୍ରେଟ ନିଷେଧ କଲେ ଏବଂ ଉକିଲ ଆପତ୍ତି କରିବାରେ ମାଜିଷ୍ଟ୍ରେଟ ରାଗାନ୍ୱିତ ହୋଇ ତାହାଙ୍କୁ ମିସଲରୁ ବାହାରିଯିବାର ଆଦେଶ ଦେଲେ । ଉକିଲ ଅଗତ୍ୟା ବାହାରି ଆସିଲେ । ସେତେବେଳେ ଘଣ୍ଟା ସ ୨ ଟା ହୋଇଥିଲା । ଦରଖାସ୍ତକାରୀମାନେ ପୂର୍ବରୁ ଜାମିନରେ ଥିଲେ ମାତ୍ର ସେତେବେଳେ ସେମାନଙ୍କୁ ହାଜତକୁ ପଠାଇବାର ହୁକୁମ ହେଲା । ଜଜସାହେବଙ୍କ ନିକଟରେ ଦରଖାସ୍ତ ଦେବାରେ ସେ ଜାମିନର ଆଦେଶ ଦେଲେ । ମାତ୍ର ଆଦେଶ ସବଡିଭିଜନ ହାକିମଙ୍କଠାରେ ପହୁଞ୍ଚିବାର ଦ ୬ ଜ ଉତ୍ତାରୁ ସେ ତାହା ତାମିଲ କଲେ । ସେତେକ ଦଣ୍ଡ ଉତ୍ତାରୁ ଦରଖାସ୍ତକାରୀମାନେ କାର୍ଯ୍ୟବିଧିର ଧା ୩୨୬ (୮) ଧ ଅନୁସାରେ ହାଇକୋର୍ଟରେ ମୋକଦ୍ଦମା ବଦଳିବା ବିଷୟକ ଦରଖାସ୍ତ ପେରଟ ସାହେବଙ୍କଠାରେ ଦାଖଲ କରିବା କାରଣ ଉକିଲ ଖୋଜିଲେ ଏବଂ କେହି ଉକିଲ ବା ମୁକ୍ତାର ସମ୍ମତ ନ ହେବାରୁ ସେମାନେ ନିଜେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥିତ କଲେ । ମାଜିଷ୍ଟ୍ରେଟ ରାଗାନ୍ୱିତ ହୋଇ କହିଲେ ଅଭ ଭୂମଲୋକଙ୍କୁ ଜେଲମେ ଦେଗା ଦରଖାସ୍ତ ଉଠାଲେ । ତଥାପି ସେମାନେ ଉଠାଇ ନ ନେବାରୁ ତତ୍ପରଦିନ ପ୍ରତି ତାହା ଫେରସ୍ତ ପଠାଇବାର ଆଦେଶ ଦେଲେ ଏବଂ ସେ ତଦ୍ରୂପ କଲା । ତହିଁ ଉତ୍ତାରୁ ପେରଟ ସାହେବ ମୋକଦ୍ଦମା କଣ୍ଟ୍ରକର ଦରଖାସ୍ତକାରୀମାନଙ୍କୁ ଦଣ୍ଡବିଧିର ଧା ୧୪୭, ୩୨୧ ଏବଂ ୩୨୫ ର ଅପରାଧରେ ଦୋଷୀ ପ୍ରମାଣ କରି ମା ୮ ମ ଲେଖାଏଁ କଏଦ ଦଣ୍ଡ ଦେଲେ । ଅପିଲରେ ଜଜସାହେବ ନିଷ୍ପତ୍ତି କଲେ ଯେ ଡାକ୍ତରଙ୍କର ଜେରା ବନ୍ଦ କରିବାରେ କେବଳ ଧା ୩୨୫ ରେ ଅଭିଯୋଗସ୍ତତ ବାଧା ଘଟିଅଛି, ଏଥିପାଇଁ ସେ କଏଦର ମିଆଦ ଊଣାକରି ମାସେ ରଖିଲେ ।

ଉପରଲିଖିତ ବିବରଣ ଜଣାଇ ଉକିଲ ମହାଶୟ ଏହି ଆପତ୍ତି କଲେ ଯେ, ଫରିୟାଦର ସାକ୍ଷୀମାନଙ୍କୁ ଜେରା କରିବାକୁ ନ ଦେବାସ୍ଥଲେ ଜଜସାହେବଙ୍କର ବିଚାର ଆଉ ସଙ୍ଗତ ହୋଇ ନାହିଁ । ତହୁଁ ହାଇକୋର୍ଟର ବିଚାରପତିମାନେ ଜଷ୍ଟିସ ଉଲିବ ଜଜ କର୍ଣ୍ଣକର ମାଜିଷ୍ଟ୍ରେଟଙ୍କ ନାମରେ ଏହି ମର୍ମରେ ରୁଲ ଜାରି କରିଅଛନ୍ତି ଯେ ଡାକ୍ତରଙ୍କୁ ଜେରା କରିବା ଅନ୍ୟାୟରୂପେ ବନ୍ଦ ହୋଇଥିବା ବିଷୟ ଜଜସାହେବ ଅବଗତ ହେବାଉତ୍ତାରୁ ଅପିଲ ଫଇସଲ କରିବା ତାହାଙ୍କର ଉଚିତ ନ ଥିବା ହେତୁରେ ଜଜ ସାହେବଙ୍କର ଆଦେଶ କାହିଁକି ରଦ ନ ହେବ ଏବଂ ହାଇକୋର୍ଟ ଅନ୍ୟ ଯେ ଆଦେଶ ଦେବା ଉଚିତ ବିବେଚନା କରିବେ ତାହା କାହିଁକି ନ ଦେବେ ଏଥିର କାରଣ ଦର୍ଶାଇବେ । ଏହି ରୁଲ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ଆସାମିମାନେ ଜାମିନରେ ଖଲାସ ପାଇବେ ।

———

ବଙ୍ଗପ୍ରଦେଶର ବହିର୍ବାଣିଜ୍ୟ
ସନ ୧୯୦୧।୦୨

ବଙ୍ଗ ପ୍ରଦେଶର ବହିର୍ବାଣିଜ୍ୟର ପ୍ରଧାନ ସ୍ଥାନ କଲିକତା ଅଟେ । ଏହି ସ୍ଥାନରୁ ବିଦେଶର ସମସ୍ତ ବାଣିଜ୍ୟ ଦ୍ରବ୍ୟ ଯାହାଜ ବାଟେ ଆସେ ଏବଂ ଏହି ସ୍ଥାନରୁ ଏ ପ୍ରଦେଶର ସମସ୍ତ ବାଣିଜ୍ୟ ଦ୍ରବ୍ୟ ଯାହାଜରେ ଯାଏ । ଚଟ୍ଟଗ୍ରାମ ଓ ଉଡ଼ିଶାର ବନ୍ଦରମାନଙ୍କରେ ଯାହା କିଛି ବିଦେଶ ଆମଦାନି ଓ ରପ୍ତାନି ବାଣିଜ୍ୟ ହୁଏ ତାହା ଅତି ସାମାନ୍ୟ ହେତୁ ଧର୍ତ୍ତବ୍ୟର ବିଷୟ ନୁହେଁ ।

ବର୍ତ୍ତିତ ଅର୍ଥାତ ସନ ୧୯୦୧।୦୨ ସାଲରେ କଲିକତା ବନ୍ଦର ବାଟେ ବଙ୍ଗ ପ୍ରଦେଶକୁ ଟ ୩୨,୬୮,୯୩,୦୦୦ ଟା ମୂଲ୍ୟର ଦ୍ରବ୍ୟ ବିଦେଶରୁ ଆସିଥିଲା ଏବଂ ଏ ପ୍ରଦେଶରୁ ଟ ୫୩,୬୨,୦୩,୦୦୦ ଟାର ଦ୍ରବ୍ୟ ବିଦେଶକୁ ଯାଇଥିଲା । ଗତ ବ ୪ ବର୍ଷରୁ ଆମଦାନି ଦ୍ରବ୍ୟର ମୂଲ୍ୟ କ୍ରମାଗତ ବୃଦ୍ଧି ହୋଇଅଛି ଏବଂ ରପ୍ତାନି ଦ୍ରବ୍ୟର ମୂଲ୍ୟ କେବଳ ଗତବର୍ଷ ଛଡ଼ା ସେହିପରି କ୍ରମାଗତ ବୃଦ୍ଧି ହୋଇଅଛି । ଉଭୟ ବାଣିଜ୍ୟ ଏ ବର୍ଷ ଯେତେ ହୋଇଅଛି ପୂର୍ବେ କେବେ ସେତେ ହୋଇ ନ ଥିଲା । ଅଧିକନ୍ତୁ ଦ୍ରବ୍ୟର ଦର ପୂର୍ବଠାରୁ ବୃଦ୍ଧି ହୋଇ ନାହିଁ ଆମଦାନି ଓ ରପ୍ତାନି ଉଭୟ ଶ୍ରେଣୀରେ ଜଣା ହୋଇଥିବାରୁ ଦ୍ରବ୍ୟର ପରିମାଣ ଅଧିକର ବଢ଼ିବାର ପ୍ରକାଶ । ଏଥିରୁ ଦେଖା ଯାଉଅଛି ଯେ ବାଣିଜ୍ୟର ଉନ୍ନତି ହେଉଅଛି ଏବଂ ତଦନୁସାରେ ଗବର୍ଣ୍ଣମେଣ୍ଟଙ୍କର କଷ୍ଟମ ମାସୁଲ ବଢ଼ିଅଛି । ଏ ବର୍ଷ ୪ କୋଟି ୧୪ ଲକ୍ଷ ଟଙ୍କା କଷ୍ଟମ ମାସୁଲ ଆଦାୟ ହୋଇଥିଲା । ପୂର୍ବେ କୌଣସି ବର୍ଷ ଏତେ ଟଙ୍କା ଆଦାୟ ହୋଇ ନ ଥିଲା ଏହା ଗତ ବର୍ଷର ଆୟଠାରୁ ଶତକଡ଼ା ୭ ଟଙ୍କା ଲେଖାଏଁ ବୃଦ୍ଧି ହୋଇଅଛି । ଆମଦାନି ଦ୍ରବ୍ୟ ମଧ୍ୟରେ ଲୁଗା ଓ ସୂତା ପ୍ରଧାନ ଅର୍ଥାତ ଶତକଡ଼ା ପ୍ରାୟ ୪୯ ଅଟେ । ଏହି ପୂର୍ବବର୍ଷ ଶତକଡ଼ା ୫୦ ଅଥବା ପ୍ରାୟ ଅର୍ଦ୍ଧେ ଥିଲା । ଏ ବର୍ଷ ଯେ ଉଚ୍ଚ ରାଶି ପଡ଼ିଅଛି ଏହା ବିଷୟ ଅଟେ । ଲୁଗା ଦ୍ରବ୍ୟ ତଳେ ଧାତୁ ଶତକଡ଼ା ୯ ଏବଂ ତହିଁ ତଳେ କେରୋସିନ ତେଲ ଶତକଡ଼ା ୭ । ଅନ୍ୟାନ୍ୟ ଦ୍ରବ୍ୟର ଅନୁପାତ ଅତି ସାମାନ୍ୟ । ମୁଦ୍ରା ଏବଂ ସୁନା ମାଣିକ୍ୟାଦିର ଆମଦାନି ଏ ବର୍ଷ ଅତ୍ୟନ୍ତ ଅଧିକ ଅର୍ଥାତ ୯୧ ଲକ୍ଷ ଟଙ୍କାର ହୋଇଅଛି

Digitized by srujanika@gmail.com

Split by PDF Splitter



ଏବଂ ତାହା ବର୍ଷର ଶେଷାର୍ଦ୍ଧରେ ହୋଇଥିବାରୁ କଷ୍ଟମ କଲେକ୍ଟର ଅନୁମାନ କରନ୍ତି କି ଦିଲ୍ଲୀ ଦରବାର ଉପଲକ୍ଷରେ ଏ ଦ୍ରବ୍ୟର ଏତେ ଅଧିକ ପ୍ରୟୋଜନ ହୋଇଅଛି । ଦିଲ୍ଲୀ ଦରବାର-ହେତୁ ଭାରତର କେତେ ଟଙ୍କା କେଉଁ ବାଟରେ ବିଦେଶକୁ ଯାଉଅଛି ଏଥିରୁ ପାଠକମାନେ କଳନା କରନ୍ତୁ । ବଙ୍ଗଳାରେ ଅନେକ ଶୁଦ୍ଧ ଏ କାଗଜ କଳ ଥିବା ପ୍ରତ୍ୟକ୍ଷେ ଗତବର୍ଷଠାରୁ ଅଧିକ ଟଙ୍କାର କାଗଜ ବିଶେଷତଃ ଛପା ହେବାର କାଗଜ ଏ ବର୍ଷ ଆମଦାନୀ ହୋଇଅଛି । ତମାଖୁ ବିଶେଷତଃ ସିଗାରେଟର ଆମଦାନୀ ବୃଦ୍ଧି ହେବାଦ୍ୱାରା ଲୋକଙ୍କର ଏ ଦ୍ରବ୍ୟ ପ୍ରତି ରୁଚି ବଢ଼ିବାର ପରିଚୟ ଦେଉଅଛି । ଏ ସମସ୍ତ ଶୁଭ ଲକ୍ଷଣ ନୁହେ । ରପ୍ତାନୀ ବାଣିଜ୍ୟ ମଧ୍ୟରେ ଝୋଟ ଓ ଝୋଟରେ ପ୍ରସ୍ତୁତ ହେବା ଦ୍ରବ୍ୟ ପ୍ରଧାନ ଏବଂ ତହିଁର ମୂଲ୍ୟ ମୋଟ ରପ୍ତାନୀର ମୂଲ୍ୟ ହିସାବରେ ଶତକଡ଼ା ୩୨ ଅଟେ । ଏହା ପ୍ରତିବର୍ଷ ବଢ଼ୁଅଛି । ତହିଁ ତଳେ ଚାହା ଶତକଡ଼ା ୧୩, ଆପୁ ଶତକଡ଼ା ୬ ଏବଂ ଛଡ଼ା-ରୂପି ଇତ୍ୟାଦି ତୈଳଜ ଶସ୍ୟ ଶତକଡ଼ା ୧୦ ଅଟେ । ଚାଉଳ ଓ ରବର ଶତକଡ଼ା ୭ ଅଟେ । ଚାଉଳ ରବି ଇତ୍ୟାଦିର ରପ୍ତାନୀ ଗତବର୍ଷଠାରୁ ଊଣା ପଡ଼ିବାର କାରଣ ଏହି କି ଭାରତର କେତେକ ସ୍ଥାନରେ ଦୁର୍ଭିକ୍ଷ ପଡ଼ିଥିବାରୁ ସେହି ଅଞ୍ଚଳକୁ ଅଧିକ ରପ୍ତାନୀ ହୋଇଥିଲା । ଚାହା ଆପୁ ଓ ନୀଳ ଏହି ତିନି ଦ୍ରବ୍ୟର ବ୍ୟବସାୟ ଭଲ ଚଳୁ ନାହିଁ ଏବଂ ତହିଁ ମଧ୍ୟରେ ନୀଳର ଅବସ୍ଥା ବିଶେଷ ମନ୍ଦ ଜଣାଯାଏ ।

ବଙ୍ଗପ୍ରଦେଶର ଅନ୍ୟାନ୍ୟ ବନ୍ଦର ମଧ୍ୟରେ ଚଟ୍ଟଗ୍ରାମ ଦ୍ରୁତବେଗରେ ଉନ୍ନତି ଲଭୁଅଛି । ସେଠାକୁ ବିଲାତ ଯାହାଜରେ ଲୁଣ ରେଲ ବାଟ ନିର୍ମାଣର ଉପକରଣମାନ ଆସୁଅଛି ଏବଂ ସେଠାରୁ ଚାଉଳ, ଝୋଟ, ଚାହା ଇତ୍ୟାଦି ଯାଉଅଛି । ଓଡ଼ିଶା ବନ୍ଦରମାନଙ୍କର ବାଣିଜ୍ୟ କ୍ରମେ ସଙ୍କୋଚ ହେଉଅଛି ।

---

### ରାଜସ୍ୱ ଛାଡ଼ ।

ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁ ଯେ ଭାରତର ଆର୍ଥିକ ଅବସ୍ଥା ସନ୍ତୋଷଜନକ ହେବା, ଅର୍ଥାତ୍ ପ୍ରୟୋଜନୀୟ ବ୍ୟୟରୁ ଆୟ ବଳି ପଡ଼ିବା ଦୃଷ୍ଟିରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଲବଣ କର ଏବଂ ଇନକମଟିକ୍ସ ଊଣା କରିବାଦ୍ୱାରା ସର୍ବସାଧାରଣଙ୍କର ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଲବଣକର ମହଣ ପ୍ରତି ଟ ୨॥ ସ୍ଥଳେ ଟ ୨୲ ଙ୍କା ଧାର୍ଯ୍ୟ ହେବା ହେତୁ ବର୍ଷକୁ ଏକ କୋଟି ୭୩ ଲକ୍ଷ ଟଙ୍କା ଏବଂ ଇନକମଟିକ୍ସର ନ୍ୟୂନସୀମା ଟ ୫୦୦୲ ଙ୍କା ଟ ୧୦୦୦୲ଙ୍କା ଧାର୍ଯ୍ୟ ହେବା ଅର୍ଥାତ୍ ଟ ୧୦୦୦୲ ଙ୍କାରୁ ଊଣା ବାର୍ଷିକ ଆୟ ମୁକ୍ତ ହେବାଦ୍ୱାରା ବାର୍ଷିକ ୩୬ ଲକ୍ଷ ଟଙ୍କା ଛାଡ଼ ହୋଇଅଛି । ଲବଣକର ଧାର୍ଯ୍ୟ ବିଷୟରେ ମହାମାନ୍ୟ ଗବର୍ଣ୍ଣରଜେନେରଲଙ୍କର ଆଇନାନୁସାରେ କ୍ଷମତା ଥିବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ପ୍ରଚାରଦ୍ୱାରା ମହଣ ପ୍ରତି ଟ ୨॥ ସ୍ଥଳେ ଟ ୨୲ ଙ୍କା ଧାର୍ଯ୍ୟ ହେବାର ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି । ମାତ୍ର ଇନକମଟିକ୍ସ ହ୍ରାସ ସମ୍ବନ୍ଧରେ ସେପରି ବିଧାନ ନ ଥିଲା । ସୁତରାଂ ସନ ୧୮୮୬ ସାଲର ଇନକମଟିକ୍ସ ଆଇନ ସଂଶୋଧନାର୍ଥ ଚଳିତ ବର୍ଷର ୯ ଆଇନ ଜାରି ହୋଇଅଛି । ଏହି ଆଇନର ସଂକ୍ଷେପ ମର୍ମ ଏହିକି ପୂର୍ବ ଆଇନରେ ଯେତେ ସ୍ଥଳେ ଟ ୫୦୦ ଆୟ ଲେଖା ଅଛି ତେତେ ସ୍ଥଳେ ଟ ୧୦୦୦୲ ଙ୍କା ଆୟ ପଢ଼ିବାକୁ ହେବ ଏବଂ ସେହି ଆଇନର ୩ୟ ତପସିଲରେ ଟ ୧୦୦୦୲ ଙ୍କାରୁ ଊଣା ଯେତେ ଆୟର ବିବରଣ ଲେଖା ଅଛି ସେ ସମସ୍ତ ଛାଡ଼ିଦେବାକୁ ହେବ ।

ଉପର ଲିଖିତ ଦୁଇ ଛାଡ଼ ମଧ୍ୟରେ ଇନକମଟିକ୍ସ ଛାଡ଼ ଆମ୍ଭମାନଙ୍କ ବିବେଚନାରେ ଅଧିକ ହିତକର ଅଟେ । ଏଥିରେ ସରକାରଙ୍କର ମୋଟରେ ୩୬ ଲକ୍ଷ ଟଙ୍କା ଯାହା କ୍ଷତି ହୋଇଅଛି ତାହା ଭାରତର ମୋଟ ରାଜସ୍ୱ ତୁଳନାରେ ସାମାନ୍ୟ ଅଟେ । ମାତ୍ର ପକ୍ଷାନ୍ତରେ ସମସ୍ତ ଭାରତରେ ଇନକମଟିକ୍ସ ଦେଉଥିବା ୫ ଲକ୍ଷ ଲୋକ ମଧ୍ୟରୁ ୩୧୫୦୦୦ ଲୋକ ଏଥରବେଳେ ମୁକ୍ତ ପାଇବା ଅର୍ଥାତ୍ ଶତକଡ଼ା ୬୩ ଲୋକ ବାହାର ଯିବା ଅଳ୍ପ କଥା ନୁହେ । ଅଳ୍ପ ଆୟର ଲୋକଙ୍କୁ ଏ ଟିକ୍ସ ବଡ଼ ବାଧୁଥିଲା ଏବଂ ସେମାନଙ୍କର ଆୟ ସ୍ଥିର କରିବା କଷ୍ଟକର ହେତୁ ସେମାନଙ୍କ ପ୍ରତି ଆସେସରଙ୍କର ପ୍ରତାପ ଅଧିକ ଜଣାଯାଉଥିଲା । ଏଣିକି ଆସେସରମାନେ କେବଳ ବଡ଼ ମୁଣ୍ଡି ଖୋଜି ଟିକ୍ସ ବସାଇବେ ଏବଂ ଅଧିକାଂଶ ଲୋକ ଛାଡ଼ ଯିବାରୁ ସେମାନଙ୍କର କାର୍ଯ୍ୟ ଊଣା ପଡ଼ିବା ସୁତରାଂ ସରକାରଙ୍କର ଟିକ୍ସ ବନ୍ଦୋବସ୍ତ ଓ ଆଦାୟ କରିବାର ଖରଚ ଅନେକ ଊଣା ହେବ । ବିଲାତପରି ଧନୀ ରାଜ୍ୟରେ ବାର୍ଷିକ ଟ ୧୫୦୦୲ ଙ୍କାରୁ ଊଣା ଆୟ ଉପରେ ଟିକ୍ସ ନିଆ ଯାଉ ନ ଥିବା ସ୍ଥଳେ ଗରିବ ଭାରତବର୍ଷରେ ନିମ୍ନ ଆୟ ଟ ୫୦୦୲ ଙ୍କା ଧାର୍ଯ୍ୟ ହେବା ଆଦୌ ଅନ୍ୟାୟ ଥିଲା ଏବଂ ସେହେତୁରୁ ଅନେକ ସାମାନ୍ୟ ଆୟର ଲୋକ ଅକାରଣ କଷ୍ଟ ପାଉଥିଲେ ଓ ଇନକମଟିକ୍ସ ପ୍ରତି ସାଧାରଣ ଅସନ୍ତୋଷ ହୋଇଥିଲା । ଏତେଦିନେ ସୁବିଚାର ହେଲା ବଡ଼ ଆନନ୍ଦର ବିଷୟ ଅଟେ ।

ଲବଣକର ଊଣା ହେବା ହେତୁ ସରକାରଙ୍କର ଅନେକ ଅର୍ଥାତ୍ ପଉଣେ ଦୁଇକୋଟି ଟଙ୍କା କ୍ଷତି ହେଲା ମାତ୍ର ଗରିବ ଲୋକଙ୍କର ସେ ପରିମାଣରେ ଉପକାର ହେବାର ଅନୁମାନ ହେଉ ନାହିଁ । ମହଣ ପ୍ରତି ଟ ୦॥ କର ଊଣା ହେଲା ଯେ ସେର ପ୍ରତି ଏକପଇସା ସୁଦ୍ଧା ପଡ଼ିଲା ନାହିଁ । ଅନ୍ତତଃ ଆଉ ଦୁଇଅଣା ଛାଡ଼ ଦେଇଥିଲେ ଲୋକେ ଏକପଇସା ଊଣା ଦରରେ ବଜାରରେ ଲୁଣ କିଣି ପାରନ୍ତେ । ଅଧିକାଂଶ ଗରିବ ଲୋକ ଏକାଠି ଏକସେର ଲୁଣ କିଣିବାର ଦେଖିନ ଥାଉ ଅଧଲା ବା ପାହୁଲାର ଲୁଣ କିଣି ନିତ୍ୟ ନିର୍ବାହ କରନ୍ତି । ଦୋକାନଦାର ଦର ଊଣା ହେବୁ ତାହାକୁ ଟିମୁଟେ ଲୁଣ ଅଧିକ ଦେବ କି ନାହିଁ ସନ୍ଦେହ ଏବଂ ଦେଲେ ମଧ୍ୟ ତାହା ବାର ହେବ ନାହିଁ । ଫଳତଃ ଊଣା କରର ଫଳ ବଡ଼ଠାରୁ ସାନ ପର୍ଯ୍ୟନ୍ତ ବେପାରମାନେ ବାଣ୍ଟି ଲାଭ କରିବେ ଏବଂ ଖାଉଟିବେଲକୁ ପ୍ରାୟ କିଛି ରହିବ ନାହିଁ ଏବଂ ଖାଉଟିମାନେ ପ୍ରାୟ ତାହା ଜାଣି ପାରିବେ ନାହିଁ । ଯହିଁରେ ସରକାରର ବିଶେଷ କ୍ଷତି ଏବଂ ଲୋକ ସାଧାରଣଙ୍କର ଲାଭ ନାମମାତ୍ର ସେ ବ୍ୟବସ୍ଥା ଭଲ ବୋଲାଯାଇ ନ ପାରେ । ପାରିଲେ ସରକାର ମହଣ ପ୍ରତି ଅନ୍ତତଃ ଏକଟଙ୍କା ଛାଡ଼ି ଦେଇ ଥାନ୍ତେ ଏବଂ ନ ପାରିଲେ ତହିଁରୁ କ୍ଷାନ୍ତ ହୋଇ ଅନ୍ୟ କିଛି ସାକ୍ଷାତ ଟିକ୍ସ କ୍ଷମା ଦେଇଥିଲେ ଭଲ ହୋଇଥାନ୍ତା ।

---

### ମୋହରମ ଓ ପୁଲିସ ।

ଗତ ଦୁର୍ଗାପୂଜା, କାଳୀପୂଜା ପ୍ରଭୃତି ଯାତ୍ରା ସମୟରେ ପୁଲିସ ବାଜା ବାଜିବା ସମ୍ବନ୍ଧରେ ଅଯଥା ଆଦେଶ ଦେଇ ନଗରବାସିଙ୍କର ଯେପରି ଅକାରଣ ମନସ୍ତାପର ହେତୁ ହୋଇଥିଲେ ପାଠକମାନଙ୍କୁ ଯଥା ସମୟରେ ଜଣାଇ ତହିଁର ପ୍ରତିବିଧାନ ନିମନ୍ତେ କର୍ତ୍ତୃପକ୍ଷଙ୍କୁ ଏକାନ୍ତ ଅନୁରୋଧ କରିଥିଲୁଁ । ଶୁଣିଥିଲୁଁ ଆମ୍ଭମାନଙ୍କର ଲେଖା ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ଗୁପ୍ତସାହେବ କମିଶନର ସାହେବଙ୍କର ଦୃଷ୍ଟିପଥରେ ପଡ଼ିଥିଲା ଏବଂ ସେ ତହିଁର ଅନୁସନ୍ଧାନ କରିଥିଲେ । ଅନୁସନ୍ଧାନର ଫଳ ଜାଣିବାର ଆମ୍ଭମାନଙ୍କର ଉପାୟ ନ ଥିଲେହେଁ ଆଶା କରିଥିଲୁଁ ଯେ ସାହେବ ମହୋଦୟ ପୁଲିସପ୍ରତି କିଛି ଉପଦେଶ ପ୍ରଦାନପୂର୍ବକ ଭବିଷ୍ୟତକୁ ସାଧାରଣ ଉତ୍ସବ ସମୟରେ ଅନ୍ୟାୟ ହସ୍ତକ୍ଷେପର ପ୍ରତିବିଧାନ କରିଥିବେ । ମାତ୍ର କାର୍ଯ୍ୟତଃ ଦେଖାଯାଉଅଛି ଯେ ଆମ୍ଭମାନଙ୍କର ସେ ଆଶା ପୂର୍ଣ୍ଣ ହୋଇ ନାହିଁ । ପୂର୍ବେ ମୋହରମ ବେଳେ ଦବାଙ୍ଗ ବାଜା ବାଜିବା ସମ୍ବନ୍ଧରେ ପୁଲିସର ଯେପରି ଅନୁମତି ଥିଲା ଏଥର ସେପରି ନ ଥିଲେହେଁ ଆଖଡ଼ାବାଲା ଓ ତାଜିଆବାଲାମାନଙ୍କର ବିଶେଷ ଅସୁବିଧା ହୋଇ

Digitized by srujanika@gmail.com

ନ ଥିଲା । ମାତ୍ର ଗତ ମଙ୍ଗଳବାର ସକାଳେ ଯେତେବେଳେ ମିଆଁ ମସ୍ତାନ ତାଜିୟା ସଙ୍ଗେ ଅଖଡ଼ାବାଲାଙ୍କ ବାର୍ଷିକ ନିୟମାନୁସାରେ ଖେଳ ହେଉଥିଲା । ପୁଲିସ ହଠାତ୍ ବାଜା ବନ୍ଦ କରାଇଦେଇ କହିଲେ କି ପୂର୍ବପ୍ରବ ଶେଷପର୍ଯ୍ୟନ୍ତ ବାଜାର ପ୍ରାସ ଥିଲା । ଉତ୍ସବର ଶେଷବେଳେ ଅକସ୍ମାତ୍ ପୁଲିସର ଏହି ଅଦେଶ ଶୁଣି ଅଖଡ଼ାବାଲାମାନେ ଚତୁର୍ଦ୍ଦିଗ ଅନ୍ଧାର ଦେଖି ମହା ଆକୁଳ ହେଲେ ଏବଂ ଦର୍ଶକମାନଙ୍କର ଘୃଣା ଏବଂ ଖେଦର ସୀମା ରହିଲା ନାହିଁ । ଲୁଖ୍ୟଲୁ କମିଶନର ସାହେବଙ୍କର କୋଠିପାଖରେ ଏ କାଣ୍ଡ ଘଟିବାରୁ କେତେକ ଲୋକ ତାହାଙ୍କ ନିକଟକୁ ଯାଇ ଗୁହାରି କରନ୍ତେ ସେ ପୁଲିସକୁ ଡକାଇ ସମସ୍ତ ବ୍ୟବସ୍ଥା ରୂପେ ବାଜା ଛାଡ଼ି ଦେବାର ଆଦେଶ ଦେଲେ ଏବଂ ଅଖଡ଼ାବାଲା ଓ ଯାତ୍ରିମାନେ ମହା ଆନନ୍ଦରେ ସାହେବ ମହୋଦୟଙ୍କୁ ଆନ୍ତରିକ ଧନ୍ୟବାଦ ଦେଇ ଉତ୍ସବ କାର୍ଯ୍ୟ ଯଥା ସମୟରେ ସମାପ୍ତ କଲେ । ଚିରକାଳରୁ ଏ ନଗରର ହିନ୍ଦୁ ଓ ମୁସଲମାନମାନେ ଯଥା ନିୟମରେ ନିଜ ନିଜ ପର୍ବ ରକ୍ଷା କରି ଆସୁଅଛନ୍ତି । ପୁଲିସ କେବେ ତହିଁର ବାଧକ ହୋଇ ନ ଥିଲେ । ଏବର୍ଷ ଏପରି କାହିଁକି ହେଲା ? ଏଥିରୁ କି ସ୍ପଷ୍ଟ ଜଣାଯାଉ ନାହିଁ ଯେ ଏ ଜିଲ୍ଲାର ବର୍ତ୍ତମାନ ପୁଲିସ ସୁପ୍ରିଣ୍ଟେଣ୍ଡ ସାହେବ ଏଥିର ମୂଳାଧାର ଅଟନ୍ତି ? ସେ ଯାହା ଧର୍ମରକ୍ଷକର ନାମ ବହି ଅପର ବ୍ୟବହାରଦ୍ୱାରା ଧର୍ମକାର୍ଯ୍ୟରେ ବାଧା ଦେଉଅଛନ୍ତି ଏହା କଳଙ୍କ ଅଟେ । ଭରସାକରୁଁ ଏହି ବ୍ୟାପାରରୁ ଓଡ଼ିଶାର ପ୍ରଧାନ ରାଜପୁରୁଷ ଶ୍ରୀଯୁକ୍ତ କମିଶନର ଏଥର ପୁଲିସର ଅଯଥା ହସ୍ତକ୍ଷେପର ଉତ୍ତମ ପ୍ରମାଣ ପାଇବା ପ୍ରତ୍ୟକ୍ଷେ ତାହା ନିବାରଣ ପ୍ରତି ଦୃଢ଼ଆଦେଶ ପ୍ରଦାନ କରିବାରୁ ଛାଡ଼ି ଦେବେ ନାହିଁ ।

ଏଥର ଉପରଲିଖିତ ଘଟନାଉତ୍ତାରୁ ପୁଲିସ ଆଉ କିଛି ବ୍ୟାଘାତ ଜନ୍ମାଇ ନାହିଁ ଏବଂ ମୋହରମ ଯାତ୍ରା ଏକପ୍ରକାର ସୁଖରେ ନିର୍ବାହ ହୋଇଗଲା । ଅଖଡ଼ାର ସଂଖ୍ୟା ଗତବର୍ଷପରି ଥିଲା ଏବଂ ଅଖଡ଼ାଖେଳରେ କେବଳ କାଙ୍କଡ଼ାରି ଦଳରେ କିଛି ଉନ୍ନତି ଦେଖାଗଲା । ତାସ, ମାନତ ପ୍ରଭୃତ ସୁଆଙ୍ଗ ଗତବର୍ଷଠାରୁ କିଛି ଅଧିକ ହୋଇଥିଲା ଏବଂ ସେମାନେ ଘରେ ଘରେ ଏବଂ ଦାଣ୍ଡରେ ଏକପ୍ରକାର ମାଗି ବୁଲିବାଦ୍ୱାରା ଲୋକଙ୍କୁ କିଛି ବ୍ୟସ୍ତ କରଥିଲେ । ଏବର୍ଷ ତାଜିୟା ୧୩ ଟା ଅର୍ଥାତ୍ ଗତବର୍ଷଠାରୁ ଗୋଟିଏ ଊଣା ହୋଇଥିଲା ଏବଂ ପ୍ରାୟ ସମସ୍ତ ତାଜିୟା ଗତବର୍ଷଠାରୁ କ୍ଷୁଦ୍ର ହୋଇଥିଲେହେଁ ଅଧିକାଂଶ ତାଜିୟାର କାରଗରୀ ଊଣା ନ ହୋଇ ବରଂ ଉତ୍କୃଷ୍ଟ ଥିଲା । ମୁଲାହାଟ ବାଙ୍କାବଜାର ଓଡ଼ିଆ-ବଜାର ପ୍ରଭୃତ ତାଜିୟାମାନ ଅଧିକ ମନୋହର ହୋଇଥିଲା । ବୁଧବାର କତଲ ରାତ୍ରି ଶେଷରେ ଗ୍ରାଣ୍ଡଟ୍ରଙ୍କ ରୋଡ଼ଠାରେ ତାଜିୟାମାନଙ୍କର ମିଳନ ଆରମ୍ଭ ହୋଇ ଗୁରୁବାର ଘ ୧୦ ଘଣ୍ଟା ବେଳେ କଦମରସୁଲଠାରେ କତଲ ରାତ୍ରି ଯାତ୍ରା ଭାଙ୍ଗିଲା ଏବଂ ବିସର୍ଜନ ଯାତ୍ରା ସେହି ଗୁରୁବାର ସନ୍ଧ୍ୟା ଉତ୍ତାରୁ ବକସିବଜାରରେ ଆରମ୍ଭ ରାତ୍ରି ଘ ୧୧ ଘଣ୍ଟା ବେଳେ ଶେଷ ହେଲା ସନ୍ଧ୍ୟାବେଳେ ଗର୍ଜନ କରି ମେଘ ଉଠିଆସିଥିଲା ମାତ୍ର ସାମାନ୍ୟ ବିନ୍ଦୁପାତଦ୍ୱାରା କେତେ ଯାତ୍ରିଙ୍କି ଉତ୍ତେଦେବା ଛଡ଼ା ଅନ୍ୟ କିଛି ବାଧା ଦେଇ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ପୁରୀର ଡେ଼ଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଲକ୍ଷ୍ମୀକାନ୍ତ ବାନର୍ଜ୍ଜୀ ବାଲେଶ୍ୱର ଜିଲାର ସଦର ମହକୁମାକୁ ବଦଳି ହେଲେ ।

ଯାଜପୁରର ଆଃ ମାଜିଷ୍ଟ୍ରେଟ ମିଃ ଏଚ୍, ଅର, ଟି, ଏମ୍ ଯେତେ ଦିନଶର ସବ୍ଡିଭିଜନ ଭାର ପ୍ରାପ୍ତ ହେଲେ ।

ନୂଆଗାଦର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଦର୍ଶନ ମୌଲିକ ଯାଜପୁର ସବଡିଭିଜନ ଭାର ପ୍ରାପ୍ତ ହେଲେ ।

ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜବଲକ୍, ଏକ ସେଣ୍ଟରର ୨ୟ ଶ୍ରେଣୀକୁ ଉନ୍ନତ ପାଇଲେ ।

ଡେଃ କଲେକ୍ଟର ବାବୁ ଦଧିଚିଧ ଦାସ ସୁବଳପୁର ଜମି ହବର ମହଦିଅ ଜମାବନ୍ଦି ସବ୍ ଅନୁଷ୍ଠାନାର୍ଥେ ଉଦାହର କରିବା ଅବସ୍ଥାରେ ସନ (୮୦) ସାଲର ଅ ୬ ଉନ ଓ ତହିଁର ସଂଶୋଧିତ ଅଇନ ଓ ସନ ୧୮୮୫ ସାଲର ଅ ୯ ଉନ ଅନୁସାରେ କଲେକ୍ଟରର କ୍ଷମତା ପ୍ରାପ୍ତହେଲେ ।

୩ୟ ଶ୍ରେଣୀର ଅସିଷ୍ଟାଣ୍ଟ ଇଞ୍ଜିନିୟର ମିଃ କାଶିପ୍ରମ ବେବ ଓଡ଼ିଶା ଡିଭିଜନକୁ ବଦଳି ହେଲେ ।

ପୁରୀର ସବ୍ଡେପୁଟି କଲେକ୍ଟର ବାବୁ ସୁଦର୍ଶନ ଦାସ ନୂଆଗାଦ ସିସ୍ତର ସଦର ମହକୁମାକୁ ବଦଳି ହେଲେ ।

ହି ଡୋଲବଂ ଶ୍ରବ୍ ଲେଣ୍ଡୀର କୁନ୍ତେସ୍ ହି ଡୋଲକୁ ଦୁହାମାକୁ ଛୁଟିଖିବାର ମଞ୍ଜୁର ହେଲା ।

---

ଏ ସପ୍ତାହରେ ଏ ନଗରରେ ହଦା ହେଲେ ଗ୍ରୀଷ୍ମର ଏବ ପ୍ରକ ଶୀତଳ ଥିଲା । ଗତ ବୁଧବାରଠାରୁ ମେଘ ହାହାକ ଗୁରୁବାର ସନ୍ଧ୍ୟାବେଳେ ବିନ୍ଦୁପାତ ହୋଇଥିଲା ।

ସାଧାରଣ ସ୍ୱାସ୍ଥ୍ୟ ଭଲଅଛି ।

ଅନେକଦିନ ବର୍ଷା ବନ୍ଦ ହେବାରୁ ଅନେକ ସ୍ଥାନରେ ଜଳ କଷ୍ଟ ହୋଇଯାଉଅଛନ୍ତି ।

କଟକର ଅଗ୍ନିଭାଗର କୋଇଲାବାଇଁ ଓ ନେଭେରପରର ଅଣଗିବାସଙ୍କ ମଧ୍ୟରେ ମାରପିଟ ହୋଇ ଏକଜଣର ମସ୍ତକ ଭାଙ୍ଗିବାର ଅଘାତ ହେବାର କଥିତ ହୁଏ ।

ପୁଲିସକାର୍ଯ୍ୟ ମୋକଦ୍ଦମାରେ କାଳ ଦୁଇଜଣ ସାକ୍ଷୀ ଅନୁପସ୍ଥିତ ଥିବାରୁ ସେମାନଙ୍କର କେସ ନିମନ୍ତେ ଅଗାମୀ ତା ୧୮ ରିଖ ଧାର୍ଯ୍ୟ ହୋଇଅଛି ।

ଡେପୁଟି କଲେକ୍ଟରମାନ ଓ ସବ୍ ଡେପୁଟି କଲେକ୍ଟରମାନଙ୍କ ପ୍ରଫେସନାଲ ପରୀକ୍ଷା ଅଗାମୀ ବୁଧବାର ଦିବସରୁ ଆରମ୍ଭ ହେବ । ଓଡ଼ିଶାରୁ କ ଜଣ ପରୀକ୍ଷା ଦେବାନ୍ତ କରନ୍ତି ।

ବିଶାଖପୁର ୬ ନି ୬ ଷ୍ଟ୍ର ପ୍ରକାଶାଧୀନ ହେବାର ପ୍ରସ୍ତାବ ଭାରତସରକାର ହେବାର କଥିତ ହସିଛି ।

ବୃହସ୍ପତିଠାରେ ଗୋଟିଏ ଚାଉଳ ଡୋଇ ଘଟିଥିବା ବାଧରେ ପକ୍ଷୀମାନଙ୍କର ଭାତ ଖାଇବାକୁ ଦେଇ ଲୋକ ଭାତ ଏକମାଇଲକୁ ଅଧିକ, କଟକରୁ ଚାଡ଼ପାଖିକୁ ଅନେକ ଲୋକ ନେଇ ଚାଲିଲେ ଶୁଣିବାରୁ ନିକଟରେ ଗ୍ରାମ ନାହିଁ ସନ୍ଧ୍ୟାହେଲକୁ ପିବାଅଦିବା ମୋଗଲ ବନ୍ଦ ହୋଇଅଛି ।

ଟିପିଲି ଥାନାନ୍ତର୍ଗତ ପ୍ରମତଙ୍କପୁରଠାରେ ଭୂଇଁଆ ନଦୀ ଗାଡ଼ରେ ଥିବା ଏକ ସ୍ନାନ ଘାଟରେ ଜଣେ ଯୁବକ ପୁରୁଷ ଏବଂ ଜଣେ ଶ୍ରୀପତ ପାଶରେ ଏକଜଣ କଥିତା ଯୁବତୀ ଅନୁଚିତ୍ୟ କରୁଅଛନ୍ତି ପ୍ରଭୃତିରେ ସତ୍ ନୋଟଅଛି କେତେକ ଅପବାଦ ଅଛି ତାଙ୍କ ପରିବର୍ତ୍ତେ ପ୍ରାୟ ଯାଇ ନାହିଁ ପୁଲିସ ଅନୁସନ୍ଧାନ ଉଦ୍ଦେଶ୍ୟରେ ଯାଇଅଛନ୍ତି ଏ ଘଟଣା ଗତ ତା ୨୪ ଦିନରେ ଦେଖାଯାଇ ଅଛି । ଏଥିର ଅଉ ଘଟଣା ଯାହାହେବ ତାହା ପରେ ପ୍ରକାଶ କରାଯିବ ।

କଟକଠାରେ ବର୍ଷାର ଅଭାବରେ ସ୍ୱାସ୍ଥ୍ୟ ଅପରିଷ୍କାର ଅଗାମୀ ଲଗ୍ନକାଳ ହେବାର ସ୍ଥିର ହୋଇଥିଲା ମାତ୍ର କଳିକତା ସହରରେ ପ୍ଲେଗ ହେତୁ ଲୋକମାନେ ଚିନ୍ତିତ ଅଛନ୍ତି ଉପସ୍ଥିତ ହୋଇ ନ ପାରିବାର ଜଣାଇବାରୁ ସେ ବର୍ତ୍ତମାନ ସମୟରେ ବନ୍ଦ ରହିଲା ।

କଟକଠାରେ ପ୍ଲେଗ ରୋଗ ଊଣା ନ ହୋଇ ବଢ଼ି ଚାଲିଅଛି । ଦୈନିକ ଅନେକ ୪୦ ରୁ ଲଖ ମୃତ୍ୟୁ ।

ସେହିଲାଗି ହେତୁ ମୋକଦ୍ଦମାର ଲୋକମାନେ କଟକଠାରୁ ଅସିବାକୁ ବନ୍ଦ କରିବାରୁ କାର୍ଯ୍ୟକର୍ତ୍ତାଙ୍କର ଆବେଦନ କରିବାର ମାନ ସ୍ଥଗିତ ହେଲା । ଏଠା କାର୍ଯ୍ୟରେ ଏହି ଆବେଦନରେ ଯୋଗ ଦେବା କାରଣ କି ଏପ୍ରକାର ମନୋଯୋଗ କରୁଥିଲେ ।

ଝିଙ୍କଡା ଡାଇକୋଟ ହୁକୁମ ହୋଇଅଛନ୍ତି କି ଏକ ନିୟମ ପରୀକ୍ଷାରେ ସେହି ଉକିଲମାନେ ପାସ କରିଅଛନ୍ତି ସେମାନେ ମୁନସଫ କାର୍ଯ୍ୟର ପ୍ରାର୍ଥନା କଲେ ସେମାନଙ୍କ ଆବେଦନ ଅଗ୍ରାହ୍ୟ ହେବ ।

ଶ୍ରୀ ରାମପୁରର ଭୁଟାବଲରେ ଅଗ୍ନି ଲାଗି ପ୍ରାୟ ଶତାଧିକ ଲୋକର ଘର ନଷ୍ଟ ହୋଇଅଛି ।

ଗତ ତା ୯ ରିଖ ଅପ୍ରେଲଠାରୁ ୨ୟ ପ୍ରକାର ଅନୁସାରେ ବାଲେଶ୍ୱର ଗୋଟିଏ ସ୍ୱତନ୍ତ୍ର ସବଡିଭିଜନ ହୋଇଅଛି ।

କହାର ମୋଡ଼ହାଟ ନିକଟରେ ଜଣେ ବାଘ ଅନେକ ପାଣିରେ ଲୁଚି ଅନୁଚିତ୍ୟ କରୁଅଛି, ସେହିଶେଷ ମୋକଦ୍ଦମାର ଅନ୍ତଃପାତୀ ଅଗାମୀ ଥିଲା ।

ଗତ ମାର୍ଚ୍ଚମାସ ତା ୧୪ ଦିନେ କାଠିର ଗାଡ଼ିରେ ପାହାଡ଼ ଖସିଯାଇ ତଳ ଘର ଉପରେ ଗୋଟ ପ୍ରେସ କରୁଥିଲା, ଏହି ଧ୍ୱଂସରେ ଗ୍ରାମର ଅନେକ ଲୋକର କ୍ଷତି ହୋଇ ଅଛି, ଜନକଣ୍ଟ ମଧ୍ୟ ଅନେକ ମାତ୍ର ପଡ଼ିଅଛନ୍ତି ।

ବଙ୍ଗଳାରେ ପ୍ଲେଗ ନିମନ୍ତେ ଏଥର ଦଶହରାର ମେଳା ହେବ ନାହିଁ, କଟକରେ ବାହାବୁର ଆଦେଶ କରିଅଛନ୍ତି, କେହି ମେଳା ଉପଲକ୍ଷେ ସେଠାକୁ ଗମନ କଲେ ତାହାକୁ ଦେୟଣ କରାଯିବ ।

ପାଞ୍ଚଅଗର ଝୋପ୍ଲୁର ସାହେବ ପାଦ୍ରୀ ଦେଇଜଣ ଉଦ୍ଦେଶ୍ୟରେ ଭାରତ ରକ୍ଷା ନିମନ୍ତେ କାଉନ୍ସିଲ୍ର ଦାସ କରୁଅଛନ୍ତି ଏବଂ ତହିଁପାଇଁ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ଉତ୍କଳଦେଶର ଅନେକ ସହରରେ ଭାରତ, ବୋମ୍ବାଇ ପ୍ରଭୃତ ସ୍ଥାନର ଅନେକ ଲୁକ, ଅଛନ୍ତି, ସେମାନେ ସମସ୍ତ ମିଶି ସେଠାରେ ଶ୍ରୀ ଜଗନ୍ନାଥ ଏବ ଶ୍ରୀ ମହାଦେବ ମୂର୍ତ୍ତି ମାନ ସ୍ଥାପନ କରୁଅଛନ୍ତି ଏହି ଉପଲକ୍ଷରେ ସେଠାରେ ଗୋଟିଏ ଏକାର୍ଯ୍ୟ ସଭା ହେବ ।

ଅସ୍ମାନଙ୍କର ଗ୍ରାମର ଜାହାଜ ଯୋଗେ ପ୍ରବଳଠାରୁ ଗାଇ ସେଠାରେ ଅତ୍ୟନ୍ତ ଅତ୍ୟାଚାର ସହିତ ଅତ୍ୟଧିକ ହୋଇଥିବାର ସମ୍ବାଦ ମିଳିଛି ।

Split by PDF Splitter
Digitized by srujanika@gmail.com

ଆମ୍ଭମାନଙ୍କର ସ୍ୱଦେଶୀୟ ପେନ୍‌ସନ୍‌ପ୍ରାପ୍ତ କମିସ୍ନର ଶ୍ରୀଯୁତ ରମେଶଚନ୍ଦ୍ର ଦତ୍ତ ମହାଶୟ ଭାରତର କୃଷକମାନଙ୍କ ଅବସ୍ଥା ସମ୍ବନ୍ଧରେ ବିଶେଷ ଉନ୍ନତ କରୁଥିବା କଥା ପାଠକମାନଙ୍କ ଜଣାଅଛି । ବର୍ତ୍ତମାନ ସ୍କୁଲ୍‌ଘରର କୃଷକମାନଙ୍କ ଅବସ୍ଥା ଉନ୍ନତ କରିବାକାରଣ ସେ ସ୍କୁଲ୍‌ଘରର ଯାଇଥିଲେ ଏବଂ ସେଠା କୃଷକମାନେ ତାଙ୍କୁ ଏକ ଅଭିନନ୍ଦନପତ୍ର ଦେଇଥିଲେ । ତହିଁର ଉତ୍ତରରେ ସେ କହିଥିଲେ ଯେ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଠାରୁ ସେ ପ୍ରବନ୍ଧ ବଳବତ୍ତାରେ ଗ୍ରାମ ଗ୍ରାମ୍ୟ ଏବଂ ଗ୍ରାମ୍ୟସମ୍ମିଳନ ସେହି ଅନୁସାରେ ଦୃଢ଼ମାନ ହେଉଅଛନ୍ତି ତାହା ସମ୍ପୂର୍ଣ୍ଣ ଯଥାର୍ଥ ଅଟେ । ଅନ୍ୟ ଦେଶର ଯେ ଯେଉଁମାନେ ଉନ୍ନତ ହୋଇ ପାରୁ ନାହିଁ ସେମାନେ ତାଙ୍କ ନିର୍ବାଚନ ବିଷୟରେ କାହିଁ ବୁଦ୍ଧିପାଇ କରିବେ କି ?

ଜର୍ମାନୀର ସାମ୍ରାଜ୍ଞୀ ସମ୍ରାଟଙ୍କ ସହିତ ଘୋଡ଼ାରେ ଚଢ଼ି ବୁଲୁଥିବା ସମୟରେ ଘୋଡ଼ାରୁ ପଡ଼ିଯାଇ ହାତ ଭାଙ୍ଗି ଅଛନ୍ତି । ସୌଭାଗ୍ୟକ୍ରମେ ଆଘାତ ଗୁରୁତର ହୋଇ ନାହିଁ ।

ଉତ୍କଳ, ଷ୍ଟେଟ୍‌ଅବାଲତର ଅଧିକା ନର ମର୍ଜିଷ୍ଟ୍ରେଟ ମହାଶୟଙ୍କ ବଣ୍ଟନରେ କେତେକ ଗୁରୁତର ଅଭିଯୋଗ ଅଣାଯାଇଥିବାରୁ ତହିଁର ତଦନ୍ତ ଲାଗିଅଛି ଏବଂ ତଦନ୍ତ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସେ ସସପେଣ୍ଡ ହୋଇଅଛନ୍ତି ।

କଲିକତାଠାରେ ମୁକ୍ତା ଅଧିକ ହେଉଥିବା ସମୟରେ ସେଠାର ଜଣେ ବଣିକ ମିଃ ଜୋ ଅଡମ ଗୋଟିଏ ବଡ଼ ମୋତି ପାଇଅଛନ୍ତି । ଏଥିର ମୂଲ୍ୟ ଦୁଇହଜାର ଟଙ୍କାରୁ ଅଧିକ ଅଟେ । ଆଉ ଜଣେ ବଣିକ ଗୋଟିଏ ବଡ଼ ମୋତି ପାଇଥିଲେ ସେ ତାହା ଜଣେ ସାହେବ ୫୭୦୦ ଙ୍କାରେ କିଣିଲେ ।

ଗୋଟିଏ ମାଲକୋଟରେ ୮ ଜଣ ବନ୍ଦୁକଧାରୀ ସୈନିକ ଯାନ ବୋଝାଇ କରି ଯାଉଥିଲେ । ଫେରିବା ସମୟରେ ବୋଟଟି ବୁଡ଼ିଯିବାରୁ ୬ ଜଣ ତେଲି ପଡ଼ି ପଳାଇଲେ । ଆଉ ଦୁଇଜଣ ବୋଟଟିକୁ କୌଣସିମତେ ବାହାରିଗଲେ । ଅବଶିଷ୍ଟ ଦୁଇଜଣ ବୁଡ଼ି ମରିଅଛନ୍ତି । ଯାହାଙ୍କର ପରମାୟୁ ବାକି ଥିଲା ସେ ମରିବେ କାହିଁକି ?

ଭୋପାଲଠାରେ ଜଣେ ସ୍ତ୍ରୀଲୋକ ଠାକୁରାଣୀ ସଜିଥିବାର କହି ଗଣ୍ଡିଏ ନାଲିଆ ଶାଢ଼ୀ ପିନ୍ଧି ମୁହଁରେ ହଳଦୀ ଲଗାଇ ଅନ୍ୟ ଲୋକର ଭଲ କରିବାର କହିବାରୁ ଜଣେ ସ୍ତ୍ରୀଲୋକ ତାହାର ପୁଅଟିକୁ ଅଣି ଠାକୁରାଣୀର ଗୋଡ଼ତଳେ ପକାଇ ଭଲ କରିଦେବାକାରଣ ପ୍ରାର୍ଥନା କଲା । ଠାକୁରାଣୀ ଅନେକ ମହାମାୟା ଦେଖିଲି ଭଲ କରିଥିବାର କହି ଗଣ୍ଡିଏ ଶାଢ଼ୀ ଓ ଗୋଟିଏ ନଥ ଏବଂ ଗୋଟିଏ ପଇସା ଦେବାକୁ କହିଲେ । ସ୍ତ୍ରୀଲୋକଟି ତାହା ସବୁ ଦେବାରୁ ଠାକୁରାଣୀ ହଳଦୀଗୁଣ୍ଡ ପିଲା ଦେହରେ ପକାଇ ଦେଇ ଭଲ ହୋଇଯିବ ବୋଲି କହିଲେ । ଅନ୍ୟ କେତେଲୋକ ମଧ୍ୟ ଏହିପରି ଶାଢ଼ୀ ଇତ୍ୟାଦି ଦେଇଥିଲେ । ପୁଲିସ ଠାକୁରାଣୀଙ୍କି ଧରି ଚାଲାଣ ଦେବାରୁ ନଗରରେ ଧାନ୍ଦାପ୍ରଦ ମାସେ କାରାଦଣ୍ଡ ହୋଇ ଯାଇଅଛି ।

କଲିକତା ବଜାରଠାରେ ଗୋଟିଏ କଭିହିନଘେଲ ଘୋଡ଼ାମାନେ ଲଙ୍ଗ ଗାଡ଼ି ସମସ୍ତ ଘୋଡ଼ାମ ପୋଡ଼ି ଯାଇଅଛି ମୂଲଧନରୁ ଅଧିକ ବାକିଷ୍ଟ ହେଲ ନଚ ଯାଇଥିବାର କଥିତ ଅଛି । ଏଥିପାଇଁ ବୋଡ଼ିଏଲଷ ଟଙ୍କା କ୍ଷତି ହୋଇଅଛି ।

କଲିକତାର ଏକ ମୁସଲମାନ ସ୍ତ୍ରୀଲୋକ ଜଣକ ନିକଟରୁ କଛି ଟଙ୍କା ନେଇ ତାକୁ ଅପଣାର ବଳାତ୍କାର କନ୍ୟାକୁ ବିବାହ ଦେବାର ସ୍ଥିର କରି କନକରେ ଅପଣା ନାଁଅଳିଷ୍ଟର ଘରୁ ନାନା ଛଳନାରେ ଅପଣା ଘରକୁ ଆଣିଥିବା ପୁଅ ଜନ୍ଦ ସଜାଡ଼ି ସେଜ ଅଣିଲା । ସେଠାରେ ବିବାହ ଦେବାର ଉଦ୍ୟୋଗ କରୁଥିବା ସମୟରେ କୁଆଁରି ସନ୍ଧାନ ପାଇ ପତ୍ନୀ ଅପଣା ସ୍ତ୍ରୀକୁ ନେଇ ଯାଇ ଶାଶୁକୁ ଧରାଇ ଦେଲା । ବିଚାରରେ ଶାଶୁର ମାସ ୭ ମାସ କାରାଦଣ୍ଡ ହୋଇଅଛି ।—ଶାଶୁ ଭୁଣଭକ୍ଷୀ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

---

ମାନନୀୟ

"ଉତ୍କଳଦୀପିକାର" ସୁଯୋଗ୍ୟ ସମ୍ପାଦକ ଉଦାର ଚରିତେଷୁ :—

କାନ୍ତପୁରର ପ୍ରଜାବତ୍ସଳ ଜମିଦାର ଶ୍ରୀଯୁକ୍ତ ବାବୁ ଯଦୁନାଥ ବସୁ ମହାଶୟ ଗତ ୧-୪-୧୯୦୩ ତାରିଖରେ ଗୋଟିଏ ପୁଷ୍କରିଣୀ ଖନନ କରିଅଛନ୍ତି । ଏତଦୁପଲକ୍ଷେ ବହୁସଂଖ୍ୟକ ଦରିଦ୍ରମାନଙ୍କୁ ମିଷ୍ଟାନ୍ନ ଏବଂ ବସ୍ତ୍ରଦାନ; ବ୍ରାହ୍ମଣ ଭୋଜନ; ଦେବାର୍ଚ୍ଚନ ଆଦି ନାନାବିଧ ସଦନୁଷ୍ଠାନ ହୋଇଥିଲା । ଆଜି-କାଲି ଏକ ଶ୍ରେଣୀର ଧନୀ ବ୍ୟକ୍ତିମାନେ "କୌଣସି ମାଙ୍ଗଳିକ କାର୍ଯ୍ୟ ଉପସ୍ଥିତ ହେଲେ", ଦରିଦ୍ରଙ୍କ ଆଡ଼କୁ ଦୃଷ୍ଟି ନ ରଖି ଯାତ୍ରା ଥିଏଟର ବାଇନାଚ ଆଦି ନାନାବିଧ ଆମୋଦ ପ୍ରମୋଦରେ ପ୍ରଚୁର ଅର୍ଥ ବ୍ୟୟ କରିଥାନ୍ତି । କିନ୍ତୁ ଉପସ୍ଥିତ କ୍ଷେତ୍ରରେ "ଦରିଦ୍ରମାନଙ୍କର ସନ୍ତୋଷ ବିଧାନ ପ୍ରତି ଅଧିକ ଯତ୍ନ ଏବଂ ଅର୍ଥ ବ୍ୟୟ ହେବା ବାସ୍ତବରେ ପ୍ରଶଂସାର ଯୋଗ୍ୟ ଅଟେ । ବସୁ ମହାଶୟ ଏବଂ ତାହାଙ୍କ ନବଜାତ ପୁତ୍ର ଦୀର୍ଘଜୀବୀ ହେଉନ୍ତୁ ଏହାହିଁ ଐକାନ୍ତିକ ପ୍ରାର୍ଥନା । କାନ୍ତପୁରରେ ମାଇନର ସ୍କୁଲ ନ ଥିବାରୁ ଦରିଦ୍ର ଛାତ୍ରମାନଙ୍କର ଇଂରାଜୀ ଶିକ୍ଷାରେ ଅସୁବିଧା ଘଟିଅଛି । ଆଶା କରୁଁ ବସୁ ମହାଶୟ ଏହି ଶୁଭ ଦିନରେ କାନ୍ତପୁର ଛାତ୍ରବୃତ୍ତି ସ୍କୁଲଟିକୁ ମାଇନର ସ୍କୁଲରେ ପରିଣତ କରି ଦରିଦ୍ର ଛାତ୍ରମାନଙ୍କର ଇଂରାଜୀ ଶିକ୍ଷାର ଦ୍ୱାର ଉନ୍ମୁକ୍ତ କରିଦେବେ ।

୨।୪।୦୩ } ବଶମ୍ବଦ<br>ଶ୍ରୀ ମହେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ<br>କାନ୍ତପୁର—କଟକ ।

---

ମହାଶୟ !

ଗତ ତା ୨୯ ରିଖ ରବିବାରେ ଅତ୍ର ଦେଉଳୀ ବନ୍ଦ୍ୟୋପାଧ୍ୟାୟ ସମାଜର ଷଷ୍ଠ ଅଧିବେଶନ ହୋଇଥିଲା । ଏ ଅଧିବେଶନରେ ନ ୩୫ ଜଣ ସଭ୍ୟ ସଭାରେ ଉପସ୍ଥିତ ହୋଇଥିଲେ । ସଭାପତି ମହୋଦୟ ସମାଜରେ ଉପସ୍ଥିତ ହୋଇ ପାରି ନ ଥିଲେ । ସେ ଶ୍ରୀ ବାବୁ ରଘୁନାଥ ପାଣିଗ୍ରାହିଙ୍କୁ ତାଙ୍କ କାର୍ଯ୍ୟର ଭାର ଅର୍ପଣ କରିଥିଲେ । ଉକ୍ତ ମହାଶୟ ପିତାମାତାଙ୍କୁ ଭକ୍ତି କରିବା ସମ୍ବନ୍ଧରେ ଗୋଟିଏ ମନୋହର ପଦ୍ୟ ଓ ସାଧୁତା ସମ୍ବନ୍ଧରେ ଗୋଟିଏ ଦୀର୍ଘ ପ୍ରବନ୍ଧ ପାଠ କରିଥିଲେ । ଶ୍ରୀ ବାବୁ ବାଞ୍ଛାନିଧି ପଣ୍ଡା ସଭାର ଆଚାର୍ଯ୍ୟ ପଦ ଗ୍ରହଣକରି ଅନ୍ୟ ଗୋଟିଏ ଦୀର୍ଘ ବକ୍ତୃତା ପାଠ କରି ଶ୍ରୋତା ସଭ୍ୟଙ୍କ ଚିତ୍ତ ମୁଗ୍ଧ କରିଥିଲେ ପରିଶେଷରେ କପାଳ ଓ ଉଦ୍ୟମ ସମ୍ବନ୍ଧରେ ନାନାପ୍ରକାର ମତାମତ ଆଲୋଚନା କରାଯାଇ ଶେଷରେ ମୀମାଂସିତ ହେଲା ଯେ ଦୁହିଁଙ୍କର ସମାନ କ୍ଷମତା । କାହିଁକିନା ଉଦ୍ୟମ ନ କଲେ ଅଗୋଚର କପାଳ ଲେଖା ଗୋଚର ହୋଇ ନ ପାରେ । କପାଳରେ ନ ଥିଲେ ଯେତେ ଉଦ୍ୟମ କଲେ କୌଣସି କାର୍ଯ୍ୟ ସୁସମ୍ପନ୍ନ ହୋଇ ନ ପାରେ ଏଣୁକରି ଉଭୟଙ୍କ ଶକ୍ତି ସମାନ କରା ଯାଇଅଛି । ବର୍ତ୍ତମାନ୍ ଏତଦ୍ୱାରା ଅନ୍ୟାନ୍ୟ ସମାଜକୁ ଅନୁରୋଧ କରୁଁ ଏହାର ପ୍ରକୃତ କଥା ମୀମାଂସା ପୂର୍ବକ ପ୍ରକାଶ କଲେ ଚିର ବାଧିତ ହେବୁଁ ।

୨।୪।୦୩ } ବଶମ୍ବଦ—<br>ଶ୍ରୀ ରଘୁନାଥ ନାୟକ<br>ବନ୍ଦ୍ୟୋପାଧ୍ୟାୟ ସମାଜ ସେକ୍ରେଟେରି

---

ମହାଶୟ !

ବ୍ରାହ୍ମଣ ସମିତିର<br>ତୃତୀୟ ବାର୍ଷିକ ବିବରଣୀ ।

ଏହି ସମିତିର କାର୍ଯ୍ୟ ନିର୍ବାହ ନିମନ୍ତେ କେତେଗୁଡ଼ିଏ ନିୟମାବଳୀ ଲିପିବଦ୍ଧ ହୋଇ ତଦନୁସାରେ ସମସ୍ତ କାର୍ଯ୍ୟ ନିର୍ବାହିତ ହେଉଅଛି । ପୁଣି ଏହି ସମିତିର କାର୍ଯ୍ୟ ସୌକାର୍ଯ୍ୟାର୍ଥ ପାକ୍ଷିକ ଶନିବାରଦିନ ଅପରାହ୍ନ ଘ ୨ ଟିକା ସମୟରେ ମାନନୀୟ ସଭାପତି ମହାଶୟଙ୍କ ଗୃହରେ ଗୋଟିଏ ଅଧିବେଶନ କରାଯାଏ ଏବଂ କୌଣସି କାରଣବଶତଃ ଗୁରୁତର କାର୍ଯ୍ୟ ଉପସ୍ଥିତ ହେଲେ ତନ୍ନିମନ୍ତେ ଏହାର ମଧ୍ୟ ବିଶେଷ ଅଧିବେଶନ ହୋଇଥାଏ । ବର୍ତ୍ତମାନବର୍ଷରେ ଏହିପରି ଗୋ୨୦ଟି ଅଧିବେଶନ ହୋଇଅଛି । ପୂର୍ବବର୍ଷ ତୁଳନାରେ ଏ ବର୍ଷର ଅଧିବେଶନ ସଂଖ୍ୟା ୩ଟି ଅଧିକ ଅଟେ । ସମିତିର ସଭ୍ୟସଂଖ୍ୟା ୨୦୦ ରୁ ଅଧିକ ଅଟେ । କିନ୍ତୁ ଏ ସମସ୍ତଙ୍କ ପ୍ରତ୍ୟେକ ଅଧିବେଶନରେ ଉପସ୍ଥାପିତ କରି କାର୍ଯ୍ୟ ନିର୍ବାହ ସହଜ ସାଧ୍ୟ ନୁହେ । ଏହିହେତୁରୁ ସ୍ଥାନୀୟ ନ ୧୦ ଣ ସଭ୍ୟଙ୍କଦ୍ୱାରା ଗଠିତ ଏହାର ଗୋଟିଏ କାର୍ଯ୍ୟନିର୍ବାହକ କମେଟୀ ଅଛି । ସେହିମାନଙ୍କର ପ୍ରସ୍ତାବଅନୁସାରେ ଏହାର ସାଧାରଣ କାର୍ଯ୍ୟ ସମାହିତ ହୋଇଥାଏ । ମାତ୍ର ଅବଶ୍ୟକୀୟ ବିଶେଷ କାର୍ଯ୍ୟ ଉପସ୍ଥିତ ହୋଇ ତାହା ଯଥାସାଧ୍ୟ ସମ୍ପନ୍ନ କରିବାକୁ ନିୟମ ବାଧ୍ୟ ଅଟନ୍ତି ।

ଏହି ସମିତିର ଆଲୋଚିତ ବିଷୟ ପୂର୍ବ ବର୍ଷ ଅପେକ୍ଷା ବର୍ତ୍ତମାନବର୍ଷରେ କିଛି ବିଶେଷ ପରିମାଣରେ ହୋଇଅଛି । ସେହି ଆଲୋଚିତ ବିଷୟମାନଙ୍କ ମଧ୍ୟରେ ସମିତିର ଶ୍ରୀ ବୃଦ୍ଧି ସାଧନ ସହାୟେ ନିକଟବର୍ତ୍ତୀ କେତେକ ବ୍ରାହ୍ମଣ ଶାସନମାନଙ୍କରେ ଗୋଟିଏ ଶାଖାସମିତି ସ୍ଥାପନ ଏବଂ ଉତ୍କଳ ସାମାଜିକ କେତେକ ସଂସ୍କାର ଓ

Split by PDF Splitter



ପରବର୍ତ୍ତିକର ଅନୁଷ୍ଠାନ ଅନ୍ୟତମ ଅଟେ । ବର୍ତ୍ତମାନବର୍ଷରେ ଏହି ସମିତିରୁ ଗୋ ୪ ଟି ଗରିବ ବ୍ରାହ୍ମଣଛାତ୍ର ସଂସ୍କୃତ ଓ ଇଂରେଜୀ ଅଧ୍ୟୟନ କରିବାକୁ ମାସିକ ଟ ୨୲ ଙ୍କା ସାହାଯ୍ୟ ପାଉଅଛନ୍ତି । ଗତବର୍ଷରେ ଏହିପରି ଗୋ ୩ ଟି ଛାତ୍ର ସାହାଯ୍ୟ ପ୍ରାପ୍ତ ହୋଇଥିଲେ । ଅଧିକନ୍ତୁ ସୁଖର ବିଷୟ ଏହି ଯେ ତନ୍ମଧ୍ୟରୁ ଗୋଟିଏ ଛାତ୍ର ବିଗତ ପ୍ରବେଶିକା ପରୀକ୍ଷାରେ ପୁରୀ ଜିଲା ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଗବର୍ଣ୍ଣମେଣ୍ଟ ପ୍ରଦତ୍ତ ବୃତ୍ତି ଲାଭ କରି ବର୍ତ୍ତମାନ କଟକର ରେଭେନ୍ସା କଲେଜରେ ଅଧ୍ୟୟନ କରୁଅଛି, ସମିତିର ଆୟ ବ୍ୟୟ ବିବେଚନାରେ ପୂର୍ବ ବର୍ଷଠାରୁ ବର୍ତ୍ତମାନବର୍ଷର ଆୟ ଏବଂ ବ୍ୟୟ କିଛି ଅଧିକ ହୋଇଅଛି । ମାତ୍ର ସମିତି ବହୁବ୍ୟୟ ସାଧ୍ୟ ଗୋଟିଏ ଗୁରୁତର କାର୍ଯ୍ୟରେ ହସ୍ତକ୍ଷେପ କରି କାର୍ଯ୍ୟାରମ୍ଭ କରିଥିବାରୁ ବର୍ତ୍ତମାନବର୍ଷରେ ଶିକ୍ଷାଦାନ କାର୍ଯ୍ୟରେ ଆଶାନୁରୂପ ସାହାଯ୍ୟ କରିପାରି ନାହିଁ । ସେହି ଗୁରୁତର କାର୍ଯ୍ୟ ଏହି ଯେ ଅନେକ ବ୍ରାହ୍ମଣବାଳକମାନେ ସାଧାରଣ ଗରିବ ଥିବାରୁ ଉପଯୁକ୍ତ ବସାଘର ନ ପାଇ ସହରର ଯାହିବାସ ଗୃହରେ ରହି ସ୍କୁଲରେ ଅଧ୍ୟୟନ କରନ୍ତି । ମାତ୍ର ଆଜିକାଲି ସେହି ଯାହିବାସର ଭଡ଼ାଦର ଯେପରିମାଣରେ ବୃଦ୍ଧି ହୋଇଅଛି ତାହା ଦେଇ ଗରିବ ବ୍ରାହ୍ମଣଛାତ୍ରମାନେ ରହିପାରି ଅଧ୍ୟୟନ କରିବାରେ ଅକ୍ଷମ ହେଉଅଛନ୍ତି । ଅନେକ ଜିଲାସ୍କୁଲ ସଂଯୋଗରେ ସରକାରଙ୍କର ଯେଉଁ ଛାତ୍ରାବାସ ଅଛି ତାହା କେବଳ ୧୫ ଣ ମାତ୍ର ଛାତ୍ରଙ୍କର ଆବାସ ଯୋଗ୍ୟ ଥିବାରୁ ଗରିବ ଛାତ୍ର ସଂଖ୍ୟା ଦୃଷ୍ଟିରେ ଯଥେଷ୍ଟ ନୁହେ । ସୁତରାଂ ଏପରି ଅବସ୍ଥାରେ ଏହି ସମିତି ବର୍ତ୍ତମାନ ଛାତ୍ରାବାସର ଏକାନ୍ତ ଆବଶ୍ୟକ ବୋଧ କରି ପ୍ରଥମତଃ ସେହି ନିଃସ୍ୱ ବ୍ରାହ୍ମଣଛାତ୍ରମାନଙ୍କ ଆଶ୍ରୟ ହେବାକନିମନ୍ତେ ପ୍ରାୟ ଟ ୩୦୦ ଙ୍କା ବ୍ୟୟ ପରିମାଣରେ ଗୋଟିଏ ଛାତ୍ରାବାସ ନିର୍ମାଣର ପ୍ରସ୍ତାବ ସ୍ଥିର କରି କାର୍ଯ୍ୟାରମ୍ଭ କରିଅଛନ୍ତି । ସମିତିର ବର୍ତ୍ତମାନ ଗଚ୍ଛିତ ମୂଳଧନ ଦୃଷ୍ଟିରେ ଏହି ବ୍ୟୟସାଧ୍ୟ ସାଧନ ଦୁଷ୍କର ହେଲେହେଁ ଦେଶର ମହାନୁଭବ ବଦାନ୍ୟ ପ୍ରବରବ୍ୟକ୍ତିଙ୍କ ସହାନୁଭୂତି ପ୍ରତି ଲକ୍ଷ ରଖି ଏ କାର୍ଯ୍ୟରେ ସାହସୀ ହୋଇଅଛି-

ସମିତିର ଆୟବ୍ୟୟ ବିବରଣୀ ।

| | |
|---|---|
| ଗତବର୍ଷରୁ ଗଚ୍ଛିତ | ଟ ୨୮୮୷୵୫ |
| ବର୍ତ୍ତମାନବର୍ଷରେ ବାର୍ଷିକ ଚାନ୍ଦା | ଟ ୯୨୪୲୷୩ |
| ଏକକାଳୀନ ଚାନ୍ଦା | ଟ ୬୫୲ |
| ଅନ୍ୟାନ୍ୟ ଗ୍ରାବରେ ସଂଗୃହୀତ | ଟ ୧୦୫ ୵୩ |
| ସର୍ବମୋଟ | ଟ ୫୨୪ ୵୧୧ |

ବର୍ତ୍ତମାନବର୍ଷରେ ସମିତି ହସ୍ତରେ ଗଚ୍ଛିତଥିଲା। ତନ୍ମଧ୍ୟରୁ ବର୍ତ୍ତମାନବର୍ଷରବ୍ୟୟ ପରିମାଣ ଟ୧୦୦୷୩ ମଧ୍ୟରୁ ସାହାଯ୍ୟଦାନରେ ଟ ୮୩୲ ଅନ୍ୟାନ୍ୟ ଆବଶ୍ୟକୀୟ ଏବଂ ଛାତ୍ରାବାସ ନିର୍ମାଣ ନିମନ୍ତେ ଟ ୧୬୷୩ ଯାଇ ଅବଶିଷ୍ଟ ଟ ୪୧୩୷୵୮ ପାଇ ଗଚ୍ଛିତ ଅଟେ । ଏଥିମଧ୍ୟରୁ ସେଭିଂସବ୍ୟାଙ୍କରେ ଟ ୪୦୦୷୵୬ ଏବଂ ଛାତ୍ରାବାସ ନିର୍ମାଣ ନିମନ୍ତେ ସମ୍ପାଦକଙ୍କ ହସ୍ତରେ ଟ ୧୩୷୵୨ ଗଚ୍ଛିତଅଛି ।

୧।୩।୦୩ ବ୍ରାହ୍ମଣ ସମିତି } ଶ୍ରୀକାଶୀନାଥ ମହାପାତ୍ର ସମ୍ପାଦକ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମନଷ୍ଟ ଏଷ୍ଟାବ୍ଲିସମେଣ୍ଟ ରେଭେନ୍ୟୁ ଅଫିସ କଟକ | ଟ ୧ ( |
| „ ମହମଦ ମସହୁର କଟକ | ଟ ୦ ୲ |
| ଶ୍ରୀ ବାବୁ ଗଦାଧର ନେପାଟୀ କଟକ | ଟ ୩ ( |
| „ ସଦାନନ୍ଦ ବେହେରା „ | ଟ ୩ ( |
| ଏମ୍, ଏସ୍, ଦାସ ପ୍ରିନ୍ସିପାଲ ହସପିଟାଲ ଅସିଷ୍ଟାଣ୍ଟ ସବଲପୁର | ଟ ୩ ( |
| ଶ୍ରୀ ବାବୁ ଦୀନବନ୍ଧୁ ପଣ୍ଡା ପୋଷ୍ଟମାଷ୍ଟର ନୟାଗଡ଼ | ଟ ୧ ( |
| ଜେ, ଏ, ଡଭ୍ସନ ସୁପରିଣ୍ଟେଣ୍ଡେଣ୍ଟ କଟକ | ଟ ୧ ( |
| ଶ୍ରୀ ବାବୁ ଅନନ୍ତ ଘୋଷ ନ ୧୦ ବୋବଜାର ଲେନ, କଲିକତା | ଟ ୩ ( |
| „ ଗଦାଧର ମହାନ୍ତି ସବରେଜିଷ୍ଟ୍ରାର ସବଡିଭିଜନ ବାଲେଶ୍ୱର | ଟ ୧୲ |
| „ ଶ୍ରୀହରିଦାସ ସ୍ୱାଇଁ | ଟ ୧ ( |
| „ ଭିକାରୀଚରଣ ପଣ୍ଡା ପୋଷ୍ଟମାଷ୍ଟର ଭାଙ୍ଗିବାଲୋପଣ୍ଡା ଲୋଲ | ଟ ୩ ( |
| „ ହେଡ଼ମାଷ୍ଟର ମୋହନ ଜେନା ରେଭିନ୍ୟୁ ଅଫିସ ଅଷ୍ଟପଦା | ଟ ୩ ( |
| „ ଜଗନ୍ନାଥ ମିଶ୍ର ତ୍ରିପାଠୀ | ଟ ୩ ( |
| „ ଦାମୋଦର ପଣ୍ଡା ପୋଷ୍ଟମାଷ୍ଟର କଲ୍ୟାଣପୁର | ଟ ୩ ( |

---

# ବିଜ୍ଞାପନ ।

## INCOME TAX.

FORM M

GENERAL NOTICE UNDER SECTION 18, SUB-SECTION 1, CLAUSE (b)

(RULE 19.)

The public are hereby informed that Act II of 1886, an Act for imposing a tax on income derived from sources other than agriculture, continues in operation during the year 1903-1904, and that all incomes derived from sources other than agriculture will be liable to taxation. Every person chargeable under Part IV of the second schedule of the Act is invited to deliver, or cause to be delivered to the Collector, on or before the 30th April 1903 a return in form IIB below, giving details of his income according to the instructions on the return.

The form of return can be obtained free of cost at the Collector's office.

Cuttack Collectorate } F. N. FISCHER
The 3rd April 1903. } *Collector*

## FORM IIB.

Return under section 18, sub-section 1, Clauses (b) and (c) of income accruing and arising in British India.

(RULE 19.)

| 1 | 2 | 3 | 4 | 5 | 6 | 7 |
|---|---|---|---|---|---|---|
| Name | Number of municipal premises and name of street in which the residence or place of business is situated. | Sources of income chargeable under Part IV. | Amount of income. | Period during which the income has actually accrued. | Name of sharers (if any) in the income in column 4, with specification of their shares. | Remarks. |
| | | | | | | |

I——declare that the income shown in the return is truly estimated on all the sources mentioned, that it has actually accrued within the period stated, and that I have no other sources of income.

*Signature*——————

## M ଫାରମ ।

ଆଇନର ୧୮ ଧାରାର ୧ ପ୍ରକରଣର (ଖ) ଦଫାନୁସାରେ ସାଧାରଣ ନୋଟିସ ।

( ରୁଲର ୧୯ ଧାରା )

ସାଧାରଣଙ୍କୁ ଏତଦ୍ୱାରା ଏହି ସମ୍ବାଦ ଦିଆଯାଉଅଛି ଯେ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁ ଆୟ ହୁଏ ତହିଁ ଉପରେ କରର ନିର୍ଦ୍ଧାରଣାର୍ଥ ୧୮୮୬ ସାଲର ୨ ଆଇନ ୧୯୦୩।୦୪ ସାଲ ମଧ୍ୟରେ ପ୍ରଚଳିତ ରହିବ ଏବଂ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁସବୁ ଆୟ ହେବ ତାହା କର ଯୋଗ୍ୟ ହେବ । ଆଇନର ୪ ର୍ଥ ଭାଗ ଅନୁସାରେ କରଯୋଗ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ଅନୁରୋଧ ଏହି ଯେ ସେ ଅପ୍ରେଲ ମାସ ୧ ତାରିଖରେ ବା ତହିଁ ପୂର୍ବେ ନିମ୍ନଲିଖିତ ୨B ଚିହ୍ନିତ ଫାରମରେ ସମ୍ପ୍ରେ ରିଟର୍ଣ୍ଣରେ ସେହି ରିଟର୍ଣ୍ଣ ଲିଖିତ ଅନୁଯାୟୀ ଆପଣା ଆୟର ସବିଶେଷ ବୃତ୍ତାନ୍ତ ଲେଖି ତାହା କଲେକ୍ଟର ସାହେବଙ୍କ ନିକଟରେ ଅର୍ପଣ କରିବେ ବା କରାଇବେ ।

ରିଟର୍ଣ୍ଣର ଫାରମ ବିନା ମୂଲ୍ୟରେ କଲେକ୍ଟରଙ୍କ ଅଫିସରେ ମିଳିପାରିବ ।

Cuttack Collectorate } F. N. FISCHER
The 3rd April 1903. } *Collector*

Digitized by srujanika@gmail.com

Split by PDF Splitter



# ଫଳେନ ପରିଚୀୟତେ

ନବଘନ ଖଇକଡ଼ି କର କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-
ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସ୍ୱଳ୍ପ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

ଷଡ୍ଗୁଣବଲିଜାରିତ ସ୍ୱର୍ଣ୍ଣଘଟିତ
ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଆଶ୍ରିତ ବାୟୁଜ୍ୱର, କାଶ, ଶ୍ୱାସ, କୃମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗୀଙ୍କର ସତ୍ୱର ଶୀଘ୍ର ନିବାରିତ ହୁଏ । ଅତିଶୟ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ଶକ୍ତିହୀନତା, ସ୍ମରଣଶକ୍ତିର ଅଳ୍ପତା, ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ଦ୍ଦି କାଶ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧ୟ ।

ଉ ୧ ଘ ୬ ୪୦

## ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଲଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧ୟ ମାତ୍ର ।

## କଳ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଘା, ପାରଦାଦିଦୋଷଜନିତ ଶରୀରରେ ଫୁଲା ଓ ଘା, ଦାଦ; ଗ୍ରୋଟଦୋଷବୃଦ୍ଧି ଓ ବାତ ପ୍ରଭୃତି କଷ୍ଟକୁ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧ୟ ମାତ୍ର ।

ଏକକେ ଛଅଶିଶି ନେଲେ ଟ ୪୧ ଙ୍କା ଲାଗେ ।

ଚୌଧୁରୀ ବଜାର, କଟକ } ଶ୍ରୀ ନବଘନ କର କବିରତ୍ନ
ଅନ୍ନପୂର୍ଣ୍ଣା
ଆୟୁର୍ବେଦୀୟ ଔଷଧାଳୟ

## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

| | | |
|---|---|---|
| Oriya Alphabet and Spelling Book. For Infant Class and Standard I | ... | As. 1 |
| Oriya L. P. Science Reader | ,, | 3 |
| Oriya L. P. Arithmetic | ... ,, | 4 |
| Oriya U. P. Science Reader | ,, | 4 |
| Oriya U. P. History Reader (Bengal) | ... ,, | 3 |
| Oriya U. P. Geography Reader | ,, | 3 |
| Oriya U. P. and Middle Vernacular Arithmetic | ... ,, | 8 |
| Oriya U. P. Literature Book | ,, | 3 |
| Oriya U. P. and M. V. Practical Geometry and Mensuration | ,, | 4 |
| Oriya M. V. Science Reader | ,, | 7 |
| Oriya M. V. History Reader ... | ,, | 4 |
| Oriya M. V. Literature Book | ,, | 6 |
| Oriental Drawing Books 1&2 | | As. 4 each |
| Do. 3 and 4 ... | | As 3 |
| Macmillan's "Official" Copy Books Nos. 1, 2, 3, 4, 6, 8, 10, 12, | | 5 pice |
| Arnold's Civil Service Copy Books Nos. 1, 2, 3, 4, 4a, 5, | | 5 pice |
| "O. M. P." Blank Drawing Books | As. 1 & As. | 1 6 |
| Dr. Sircars English Reader I. | | 4 0 |
| Do. Do. II. | | 5 0 |
| Simple English Reader (Dhar) | | 7 0 |

C.L.S. School Books as follows:—

| | | |
|---|---|---|
| Grammatical Primer | ,, | As. 2 0 |
| Manual of English Grammar | ,, | 6 0 |
| 1st Standard English Book | ,, | 1 6 |
| New English First Reader | ,, | 4 0 |
| Do. Second | ,, | ,, 6 0 |
| Do. Third | ,, | ,, 8 0 |
| Do. Fourth | ,, | ,, 10 0 |
| Do. Fifth | ,, | ,, 12 0 |
| Do. Sixth | ,, | ,, 12 0 |

*For any of these books apply to:—*

R. J. GRUNDY,
*Supt. Orissa Mission Press,*
CUTTACK.



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ !
ଏଥର, ଓ କୁଣ୍ଡୁର ଅଭିନବ ଆବିଷ୍କାର

### "ଇନ୍ଦୀବର ଶୋଭନା ।

ଏହି ଦ୍ରବ୍ୟ ତିଲ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଧଣିଆ ଗୁଣ୍ଡି, ଗୁଜରାତ ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମିର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର କୁଣ୍ଡୁ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଏହି ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତମାଡ଼ିଫୁଲା, ଦନ୍ତବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ା ବନ୍ଦ ହୁଏ, ମୁଖ ସୁଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦।୵ ଅଣା, ଡାକବ୍ୟୟ ଟ ୵୫ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦।, ୬ ଶିଶିରେ ଟ ୦।୵ ଅଣା, ଡାକକୁ ଟ ୦ ୫ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"କୁଣ୍ଡୁ, ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାଗବଜାର ଷ୍ଟ୍ରିଟ, କଲିକତା

ସର୍ବପ୍ରକାର ଘାଆ, ଘା, ଗମ-ବାଘି ପ୍ରଭୃତି
ଆରୋଗ୍ୟପକ୍ଷେ ଚୂଡ଼ାନ୍ତ ।

"ଓ୍ୟର ସରକାର"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାରଘା, ଯେତେ ପୁରୁଣା ହେଉ ନିଶ୍ଚିନ୍ତ ପରି ଆରୋଗ୍ୟ ହୋଇଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ୧ ଙ୍କା ୩ ଶିଶି ଟ ୨ୟ ପ୍ୟାକିଂ ଓ ଡାକମାସୁଲ ଟ ୦।୵ ଅଣା । ପ୍ରାପ୍ତି ସ୍ଥାନ :—"ଡବଲିଉ, ଚମ୍ପକର-ଏଣ୍ଡ କୋମ୍ପାନୀ", କଲିକତା ।

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଅଳ୍ପ ଦାମରେ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଅବିଷ୍କାର ! **ଡ୍ୟାନଜୀନ !** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଅଇନ ଅନୁଯାୟୀ ରେଜିଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥିନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଅବଧୃତ ହୋଇ ନ ଥିଲା । ସେଥିନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଅମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବୁଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଧାତୁରଣ, ଯଷ୍ଟିମଧୁ ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ପରୀକ୍ଷିତ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦର୍ଶିତା ଯନ୍ତ୍ରର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ନିର୍ଜୀବ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏବେ ହେଲେ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜିନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜିନର ଗୁଣ ସ୍ଥାୟୀ ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକ୍‌ନିଆ, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂସ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ତତ୍‌କ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଅବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥିନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

### ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୂତ୍ରମୂତ୍ରି ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ଳାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ୱପ୍ନରେ ରେତଃପାତ, ଅର୍ଥାତ୍ ଶୁକ୍ର ତରଳତା, ସ୍ନାୟୁ-ଦୋଷ ଓ ତଜ୍ଜନିତ ମୁଣ୍ଡଘୂରା, ମୁଣ୍ଡବୁଲା, ଢ଼ୁସଢ଼ୁସ ହେବ, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ-ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳର ପେଟରେ ବେଦନା ଓ ଜନନଦ୍ୱାର ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁହଁରେ ଓ ନାକଭିତରେ ଘା, ନାଗି ଘା, ପଚୁଆ, କାଛୁ, କାଉଁର, ଦାଦ, ଖାଜୁ, ବ୍ରଣ ଓ ଏମନ୍ତ କି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧। ୩ ବୋତଲ ଟ ୪୲, ୬ ବୋତଲ ଟ ୭ ଟଙ୍କା ଓ ୧୨ ବୋତଲ ଟ ୧୪୲ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦। ଅଣା, ୪ ଠାରୁ ୧୨ ବୋତଲ ଟ ୦।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" CALCUTTA.

ସୋଲ୍ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ କଲିକତା

### ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡାକମା ଟ ୵ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵ ।

ଡାକ୍ତର ମାର୍ଟିନଙ୍କର "ଅଷ୍ଟ୍ରେଞ୍ଜ ମେଷ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡାକମା ଟ ୧୦ ୯ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ—ଆଇ, ବି, ଜି ଏଣ୍ଡ କୋଂ କଲିକତା


Digitized by srujanika@gmail.com

Split by PDF Splitter







ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦି ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ଚଳିତ ଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୁରଲ ଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତ ଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ରଘୁଚନ୍ଦ୍ର ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡ଼ି "ତ୍ୟାନଜାଳ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାର ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆହୁରି ୩ ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା, ବମ୍ବେ ବୋମ୍ବାଇ ।

ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ଶକ୍ତି

" ଇଲେକ୍‌ଟ୍ରୋ ସାଲସା "

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜିଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ରସାୟନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା —ନିଜ ଗୁଣରେ ଚଳନ୍ତା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା : —ପ୍ରତ୍ୟହ ଯେରୂପ ହଜାର ୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶର ଶେହପର ରାଶି ୨ ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବନ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ କାରିତା ଶକ୍ତି ଗୁଣରୁ ସଙ୍ଗେ ୨ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟଭାବ ଅନୁଭବ କରିଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଜାଜ୍ୱଲ୍ୟମାନ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ସ୍ୱଦେଶୀ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ


Digitized by srujanika@gmail.com

Split by PDF Splitter



ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଲାଙ୍କ ଉଦ୍ଦେଶେ କହୁ—

ଇଲେକ୍‌ଟ୍ରୋ ସାଲସା।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିବାଏ କଦାପି ପୁନରାକ୍ରମଣ କରେ ନାହିଁ। ବହୁ ପରୀକ୍ଷା ଓ ଲୁବ୍ଧୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି। ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧ୍ୟାବିଷ୍କୃତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଅନେକ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି। ବଡ଼ ବଡ଼ ଡାକ୍ତରଖାନାରେ ଉପଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି। ଆସିଆ, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି। ଭାରତର ଲୁଟୀରବାସୀ ଲୁଣକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ସ୍ତବଣ କରୁଅଛନ୍ତି। ଇଲେକ୍‌ଟ୍ରୋ ସାଲସା ସଦୃଶ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା!!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତପୂର୍ବେ ସୃଷ୍ଟି ହୋଇ ନାହିଁ।

ଇଲେକ୍‌ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡ କଣ୍ଠ ଫୁଲିବା ଲୁଣ୍ଠେଇ ହୋଇ ଫୁଲ ଉଠିବା, କ୍ଷତ୍ରିଅଣ, ଚୁଲକଣା ଓ ପାଚର ଘା, କାଲ ଓ କାଉର ଘା ଦେହରେ ବା ହସ୍ତ ଓ ପଦ ତଳରେ ଘାର ଗରମିର ସାଦା ବା କଳାଦାଗ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦ ପୁଣି ପାର ଓ ଗରମ ଦ୍ରବ୍ୟର କୁଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ।

ଇଲେକ୍‌ଟ୍ରୋ ସାଲସା।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରକାର୍ଯ୍ୟ ହେତୁଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ମୂତ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହକାଳ ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପଡ଼ିବା, ଜମ୍ମା ମଳବେଗରେ କାର୍ଯ୍ୟ ନର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ମସ୍ତିଷ୍କ ଶକ୍ତି ହ୍ରାସ, ମୁଣ୍ଡ ଘୂରିବା, ଚକ୍ଷୁର ଅସ୍ଥିରତା, ନିର୍ଜ୍ଜନପ୍ରିୟତା, ତନ୍ଦ୍ରା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦ ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ।

ଇଲେକ୍‌ଟ୍ରୋ ସାଲସାର—ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ। କ୍ଷୁଧା ବୃଦ୍ଧି ହେବ। କୋଷ୍ଠ ପରିଷ୍କାର ହେବ। ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ। ଶରୀରର ଓଜନ କ୍ରମେ ବଢ଼ୁଥିବ।

ଇଲେକ୍‌ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ। ସୁସ୍ଥ, ଅସୁସ୍ଥ ଆବାଲ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ।

"ଇଲେକ୍‌ଟ୍ରୋ ସାଲସା" ଦୁମ୍ ରୋଗର ପ୍ରକୃତ ଔଷଧ! ଯେହେତୁ ଗୋଟିଏ ରୋଗୀସୁଦ୍ଧା ଅଦ୍ୟାପି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତିକା କାରରେ ଛପା ହେଉଅଛି। ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ୧.୨ ୧୮ ହିସାବରେ ୨
୬ ଶିଶି ୧୦୮ ଡାକମାସୁଲ ୦ ।୧

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍‌ଟ୍ରୋ ସାଲସାର;—ଆବିଷ୍କର୍ତ୍ତା— ଡାକ୍ତର ହେମନ୍ତ, ମେଡ଼ିକାଲ ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରୋପାଥିକ, ଉତ୍ତର ଆମେରିକା। ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ;—

"ଡବଲଉଁ, ମେଡ଼ିକାଲ ଏଣ୍ଡ କୋମ୍ପାନୀ," କଲିକତା।

ADVERTISEMENT.

IT'S SO EASY TO NEGLECT THAT COLD;

"It's so fatally easy to let that cold turn into Ague and fever.

But it's easy also to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L, Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

ଅମୃତ ଗୋଲାପକଢ଼ ତୁମ୍ଭେ ଦେଖିଛ କି?

ଏହା ଗୋଟିଏ ବିଶୁଦ୍ଧ ଇଂରାଜୀ କେମିକେଲ ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁରୀ ଏବଂ ଏହା ଅମୃତ କଣେଷ ଆଦେଶରେ ନିର୍ମିତ। ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ। ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପରି ବୋଧହୁଏ। ଏହାର ଜ୍ୟୋତି



ଚିରସ୍ଥାୟୀ ଅଟେ। ଅଙ୍ଗୁରିର ସମ୍ମୁଖ ଭାଗରେ ଆଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋଲାକାର ହୀରା ଖଚିତ ଓ ମଧ୍ୟଭାଗରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଚିତ ଏହା ତୁଳସହସ୍ର ଟଙ୍କା ମୂଲ୍ୟର ପ୍ରକୃତ ହୀରକ ଅଙ୍ଗୁରିପରି ଦେଖାଯାଏ।

ବିକ୍ରୟମୂଲ୍ୟ ପ୍ରତି ଗୋଟାକୁ ଟ ୧ ୧

ଟ ୧୬ ୧ ରେ—ଗୋ ୧୨ ଟା "ଗୋଲାପକଢ଼" ଅଙ୍ଗୁରୀ ଏବଂ ଗୋଟିଏ ଉତ୍କୃଷ୍ଟ କେମିକେଲ ସ୍ୱର୍ଣ୍ଣରେ ନିର୍ମିତ ଚେନ୍ ସହିତ ରଷ୍ଟବ୍ୟାଣ୍ଡ ଉପହାର ଦିଆଯିବ

ଟ ୬ ୧ ରେ—ଗୋ ୬ ଟା "ଗୋଲାପକଢ଼" ଅଙ୍ଗୁରୀ ଏବଂ ଗୋଟିଏ ଚେନ୍ ସହିତ ଅଳଙ୍କାର ସକଳର ଦୃଷ୍ଟି ଦିଆଯିବ।

Miss K. K. Ker
No. 36 Cathedral Mission Lane
CALCUTTA.

ଉତ୍କଳ ସାପ୍ତାହିକ ବିଜ୍ଞାପନ ଛପାଇବାକୁ ହାର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ୦ ୦ ୬
ଅର୍ଦ୍ଧସ୍ତମ୍ଭକୁ ୫ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ୮ ୦ ୧

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ ତହିଁର ହାର ୪୦ ଧାଡ଼ିରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ହାର ପ୍ରଥମ ଥରର ଦେଢ଼ା ଓ ତିନିଗୁଣ ଯଥାକ୍ରମେ ହେବ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳପ୍ରେସ ସ୍ଟାମ୍ପରେ ... ବାଳମୁକୁନ୍ଦ ... ଦ୍ୱାରା ମୁଦ୍ରିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.


| | | |
|---|---|---|
| ଖଣ୍ଡ ୩୮ ଶ | CUTTACK, SATURDAY THE 18th April 1903. | ଅଗ୍ରିମ ଟ ୩୧ |
| ସଂ ୧୬ସଂଖ୍ୟା | ତା ୭ ଖ ବୈଶାଖ ସନ ୧୩୧୦ ସାଲ ଶନିବାର | ପଶ୍ଚାଦ୍ଦେୟ ଟ ୬୧ |



## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନିଙ୍କର

## ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସିହାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡ଼ିଶାରେ ପ୍ରାଚୀନ ବୃହତ୍ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟନା ମନ୍ତବ୍ୟାଦି ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

| | |
|---|---|
| ବଡ଼ପଞ୍ଜିକା | ଟ ୦। |
| ଛୋଟପଞ୍ଜିକା | ଟ ୦।୬ |

ଡାକମାସୁଲ ବଡ଼ପାଞ୍ଜି ଖ ୧ ଖରୁ ୮ ୦/ ଛୋଟପାଞ୍ଜି ଖ ୧ ଖଠାରୁ ଖ ୭ ଖ ପର୍ଯ୍ୟନ୍ତ ୮ ୦।୬ । ବଡ଼ପାଞ୍ଜି ଖ ୧୦ ଖ ଏକତ୍ର ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ

ମେନେଜର୍



ଅମ୍ଭ ନାମ ଓ ଦସ୍ତଖତରେ ଥିବା ତଲଲିଖିତ ଜମିଦାରୀ ଓ ମହଦମୀ, ରଏତି, କରୁଲ୍ୟତି ଜମି ଓ ଲାଖରାଜ ଓଗେର ଅମ୍ଭ ଇଲାକାର ସମସ୍ତ ପ୍ରଜା ଓ ମହାଜନ ଇଲାକାର ସମସ୍ତ ଖାତକ ଓ ଅନ୍ୟାନ୍ୟ ସର୍ବସାଧାରଣଙ୍କର ଜାଣିବା କାରଣ ଏହାଦ୍ୱାରା ବିଜ୍ଞାପନ ଦେଉଅଛୁଁ ଯେ ଅମ୍ଭର ଜ୍ୟେଷ୍ଠ ପୁତ୍ର ଗୌରାଙ୍ଗ ବିଶାଳ ମନ-ମୋହନଙ୍କ ସହବାସରେ ରହି ସେମାନଙ୍କ କୁଶିକ୍ଷାରେ ଅମ୍ଭର ଜାବତୀ ସମ୍ପତ୍ତି ନଷ୍ଟ କରିବା ଉଦ୍ଦେଶ୍ୟରେ ନାନାଦି ଦେଖାଇକ କାର୍ଯ୍ୟ କରୁଅଛନ୍ତି ଅତଏବ ଯେଉଁ ରଯୃତ ଓ ଖାତକମାନେ ଉକ୍ତ ଗୌରାଙ୍ଗ ବିଶାଳକୁ ଖଜଣା କିମ୍ବା ଅନ୍ୟ କୌଣସି ମାହାର ଅମ୍ଭର ପାଉଣା ଆଦାୟ ଦେବେ ଓ ଉକ୍ତ ଗୌରାଙ୍ଗ ବିଶାଳ ଆପଣା ମାତବରରେ ଦଲିଲ ଦସ୍ତାବିଜ ଓ ପଟ୍ଟକବୁଲ କି ରସିଦ ଲେଖିଦେବେ ଓ ତାହାଙ୍କୁ ଦସ୍ତାବିଜ ଲେଖି ଦେଇ ଉକ୍ତ ମାତବରରେ ଟଙ୍କା କରଜ ନେଲେ ତହିଁରେ ଅମ୍ଭେ ଦାୟୀ ନୋହୁଁ ।

ତପସିଲ

ଜମିଦାରୀ ।

ନଂ ୨୦୫୯ ତଉଜି । ଥା । ଜା । ବା । ମୌ । ଖାରପଡ଼ା । ନଂ ୨୦୬୧ ତଉଜି । ଥା । ଜା । ବା । ମୌ । ବାରସାଇମେଲ । ପ୍ର । ସାଇନ୍ଲେ ।

ମହଦମୀ ।

ନଂ ୨୮୩୦ ତଉଜି । ମୌ । ରଦଲୋ ଓ କରମଙ୍ଗା । ପ୍ର । ସୁଜାନଗର । ନଂ ୨୧୪୭ ତଉଜି । ମୌ । ମହୁଲୋ । ପ୍ର । ସାଇନ୍ଲେ କୋଠମୂଲ । ନଂ ୨୧୪୭ ତଉଜି । ମୌ । ଓ୍ୟାଉଜଙ୍ଗ । ପ୍ର । ସାଇନ୍ଲେ କୋଠମୂଲ । ନଂ ୨୧୪୬ । ୨୧୫୭ । ୨୧୬୯ । ମୌ । କୋହଲ । ପ୍ର । ସାଇନ୍ଲେ କୋଠମୂଲ । ନଂ ୨୧୫୯ । ମୌ । ତଉପଡ଼ା । ପ୍ର । ସାଇନ୍ଲେ । ନଂ ୨୮୨୧ ତଉଜି । ମୌ । ତଉପଡ଼ା । ପ୍ର । ସୁଜାନଗର ନଂ ୨୦୭୭ ତଉଜି । ଜି । ବା । ମୌ । ବାରସାଇମେଲ ଓଗେର ।

କାଶୀନାଥ ବିଶାଳ

। ସା । ତଉପଡ଼ା । ପ୍ର । ସାଇନ୍ଲେ

କୋଠମୂଲ । ଜି । କଟକ



ଶ୍ରୀମଦ୍ଦେବୀଭାଗବତ ଶାକ୍ତ ବୈଷ୍ଣବ ଓ ଶୈବ ପ୍ରଭୃତି ଉପାସକଙ୍କର ବିଶେଷତଃ ହିନ୍ଦୁମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଅମ୍ଭେ ଅତ୍ୟନ୍ତ ଯତ୍ନ ସହିତ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଉଅଛୁଁ ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସମସ୍ତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ରେଜିଷ୍ଟ୍ରୀ ମଧ୍ୟ କରାଇ ନିଆ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମଗଣ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥରୁ ଏକ ଏକ ସେଟ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ଟ ୦ ୫

ଡାକମାସୁଲ ଟ ୦ /

୨ୟସ୍କନ୍ଧ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନକୁ ଅଥବା ଶ୍ରୀ ନାରାୟଣଚନ୍ଦ୍ର ମହାନ୍ତି ଷ୍ଟିମ୍ପୁରଣ କଃ କେଶଗଡ଼ ପୋଷ୍ଟ ଅଫିସ ରତ୍ନଥରପୁର ଏହି ଠିକଣାକୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ ପତ୍ର ଲେଖିଲେ ଉପରିଲିଖିତ ପୁସ୍ତକ ସତ୍ୱରେ ପାଇ ପାରିବେ ।

ଠାକୁରସାହେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ସିଂହ ଦେବ । ସିଂହଭୂମି । କେଶ ଇଷ୍ଟେଟ


Digitized by srujanika@gmail.com